
ଯା ଦେବୀ ସର୍ବଭୂତେଷୁ...........

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

MONDAY 15 AUGUST 2022


DADLS-31

Azadi Ka Amrit Mahotsav

ଓଡ଼ିଶା ସରକାର

# ସ୍ୱାଧୀନତାର ଉଲ୍ଲାସ


## ୭୬ତମ ସ୍ୱାଧୀନତା ଦିବସ



**ଓଡ଼ିଶା**

ସବୁଦିନେ ଆଗରେ । ସେତେବେଳେ ବି ଆଉ ଆଜି ବି ।
**'ସିପାହୀ ବିଦ୍ରୋହ'**ର ୪୦ ବର୍ଷ ପୂର୍ବରୁ ଓଡ଼ିଶାରେ ଆରମ୍ଭ ହୋଇଥିଲା ଦେଶର ପ୍ରଥମ ସଶସ୍ତ୍ର ସଂଗ୍ରାମ **'ପାଇକ ବିଦ୍ରୋହ'** । ୧୯୩୦ ମସିହା 'ଲବଣ ସତ୍ୟାଗ୍ରହ'ରେ ବି ଆଗଭର ହୋଇ ଆଗକୁ ବାହାରି ଆସିଥିଲେ **ରମା ଦେବୀ** ଆଉ **ମାଳତୀ ଚୌଧୁରୀ**ଙ୍କ ଭଳି ମହିଳା । **୧ ଏପ୍ରିଲ୍ ୧୯୩୬** ମସିହାରେ ସ୍ୱତନ୍ତ୍ର ଭାଷାଭିତ୍ତିକ ରାଜ୍ୟ ଭାବରେ ମାନ୍ୟତା ପାଇବାରେ ଓଡ଼ିଶା ହିଁ ପ୍ରଥମ ରାଜ୍ୟ ।
**ଆଜି ବି ଓଡ଼ିଶା ଅନେକ କଥାରେ ପ୍ରଥମ ।**

ଓଡ଼ିଶାବାସୀଙ୍କ ପ୍ରିୟ ମୁଖ୍ୟମନ୍ତ୍ରୀ **ଶ୍ରୀ ନବୀନ ପଟ୍ଟନାୟକ**ଙ୍କ ଦୁଇ ଦଶନ୍ଧିରୁ ଅଧିକ ଲୋକାଭିମୁଖୀ ଶାସନ କାଳରେ ଓଡ଼ିଶା ଆଜି **ମହିଳା ସଶକ୍ତିକରଣ, ଖାଦ୍ୟ ସୁରକ୍ଷା, ବିପର୍ଯ୍ୟୟ ପରିଚାଳନା** ଏମିତି ଅନେକ କ୍ଷେତ୍ରରେ ଆଗରେ । **'5T'** ଆଣିଛି ବ୍ୟାପକ ଶାସନ ସଂସ୍କାର ଆଉ **'ମୋ ସରକାର'** ଯୋଗୁଁ ଜନସାଧାରଣ ଆଜି ସରକାରଙ୍କ ନିକଟତର ଏବଂ ସରକାର ଲୋକଙ୍କ ନିକଟତର । ସବୁଥିରେ **ଓଡ଼ିଶା** ଆଜି ସମଗ୍ର ଦେଶରେ ଅଗ୍ରଣୀ ଏବଂ ଅନୁକରଣୀୟ । ସରକାରୀ ସେବା ପାଇବାରେ ମିଳିଛି ସ୍ୱାଚ୍ଛନ୍ଦ୍ୟ ଆଉ ସ୍ୱାଧୀନତା । ଆମେ ବିକାଶର ଏହି ନବପର୍ବରେ ଆଜି ସଗୌରବେ ପାଳନ କରୁଛୁ
**'ସ୍ୱାଧୀନତାର ଉଲ୍ଲାସ'**
ସ୍ୱାଧୀନତାର ୭୫ବର୍ଷର ପୂର୍ତ୍ତି ଅବସରରେ ।



## ୧୫ ଅଗଷ୍ଟ ୨୦୨୨ ରୁ ୨ ଅକ୍ଟୋବର ୨୦୨୨

### ପ୍ରମୁଖ କାର୍ଯ୍ୟକ୍ରମ

**ସୂଚନା ଓ ଲୋକସମ୍ପର୍କ ବିଭାଗ**
- ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ରାଜ୍ୟ ଏବଂ ଜିଲ୍ଲା ସ୍ତରରେ ମହାସମାରୋହରେ ପାଳନ ।
- ଅଗଷ୍ଟ ୧୫ରୁ ଅକ୍ଟୋବର ୨ **'ଅହିଂସା ରଥ'**ର ଓଡ଼ିଶା ପରିକ୍ରମା ଏବଂ ଅହିଂସାର ବାର୍ତ୍ତା ପ୍ରଚାର ।
- ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁର ସ୍ୱତନ୍ତ୍ର ସଂଖ୍ୟା ପ୍ରକାଶନ ।
- ଗାନ୍ଧୀ ସ୍ମୃତିପୀଠ, ଡେଲେଙ୍ଗାପେଣ୍ଠରେ ରାଜ୍ୟସ୍ତରୀୟ ସ୍ମୃତି ସଭା ।

**ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ**
- ସମସ୍ତ ସହରାଞ୍ଚଳ, ବସ୍ତି ତଥା ଅଣବସ୍ତି ଅଞ୍ଚଳରେ ସ୍ୱାଧୀନତା ସଂପର୍କିତ ବିଭିନ୍ନ କାର୍ଯ୍ୟକ୍ରମ ।

**ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ଉଚ୍ଚଶିକ୍ଷା ବିଭାଗ**
- ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସ୍ୱାଧୀନତା ସଂପର୍କିତ ବିଭିନ୍ନ ପ୍ରତିଯୋଗିତା, ମାରାଥନ୍, ସେମିନାର, ସିଂପୋଜିୟମ, ପରିସର ସଫେଇ ଏବଂ ଅନ୍ୟାନ୍ୟ ମନୋଜ୍ଞ କାର୍ଯ୍ୟକ୍ରମ ।

**ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ**
- ବିଭାଗ ତରଫରୁ ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ସ୍ୱାଧୀନତା ସଂପର୍କିତ ସେମିନାର, କଳାକୃତି ପ୍ରଦର୍ଶନ, କବିତା ପାଠୋତ୍ସବ ଏବଂ ଚିତ୍ରକଳା ପ୍ରଦର୍ଶନ ।
- ବିଭିନ୍ନ ଏକାଡେମୀ ମାନଙ୍କ ତରଫରୁ ସ୍ୱାଧୀନତା ସଂପର୍କିତ ଭବ୍ୟ କାର୍ଯ୍ୟକ୍ରମ ଆୟୋଜନ ।

**ସୂଚନା ଓ ପ୍ରଯୁକ୍ତି ବିଭାଗ**
- ସାମାଜିକ ଗଣମାଧ୍ୟମରେ ଓଡ଼ିଶା ଓ ମହାତ୍ମାଙ୍କ ସଂପର୍କିତ ବାର୍ତ୍ତା ପ୍ରଚାର ଓ ପ୍ରସାର ।

**ପଞ୍ଚାୟତିରାଜ ବିଭାଗ**
- ପ୍ରତ୍ୟେକ ପଞ୍ଚାୟତରେ ସଂଗ୍ରାମୀ ଓ ଶହୀଦ ମାନଙ୍କୁ ନେଇ ଜାତୀୟ ପତାକା ଉତ୍ତୋଳନ, ସ୍ୱତନ୍ତ୍ର ଗ୍ରାମସଭା, ଶହୀଦ ଓ ସଂଗ୍ରାମୀ ପରିବାରଙ୍କୁ ସମ୍ବର୍ଦ୍ଧନା, ଗାନ୍ଧୀ ଜୟନ୍ତୀ ପାଳନ ।

**ମହିଳା ଓ ଶିଶୁ ବିକାଶ ବିଭାଗ**
- ବୃକ୍ଷ ରୋପଣ, ସ୍ୱାଧୀନତା ସଂଗ୍ରାମ ଉପରେ ପୋଷ୍ଟର, ଫ୍ୟାନ୍ସିଡ୍ରେସ୍, ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା, ପରିବେଶ ସଫେଇ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ।

**ସୂଚନା ଓ ଲୋକସମ୍ପର୍କ ବିଭାଗ**

OIPR : 15001/13/0106/2223

## ସ୍ୱାଧୀନତାର ଅମୃତ ମହୋତ୍ସବ

### ଅଂଜଳି ପଣ୍ଡା

ଆଜି ତେଲଟାଙ୍କିରେ
ଡିଜେଲ ନିଅଣ୍ଟ,
ଏକାଧିକ ପେଟ୍ରୋଲ ଟାଙ୍କି ଖାଲି।
ମନରେ ଚିନ୍ତାର ଚିତାନଳ
ସତେ କ'ଣ ମୋ ଦେଶକୁ
ସଂକ୍ରମିଗଲା ଶ୍ରୀଲଙ୍କାର ଦୁଃଖ,
ସେଦିନ ସମାଚ୍ଚର ପୃଷ୍ଠାରେ
ଚବିଶ ଘଣ୍ଟାର
ତେଲ ମହଜୁଦର ସମାଚ୍ଚର
ଛାତି ଭିତରେ ଖେଳିଗଲା
ଏକ ମଞ୍ଜଥରା କମ୍ପନ
କ'ଣ ହେବ ଦେଶର ଭବିଷ୍ୟତ ?

ଲକ୍ଷଲକ୍ଷ ଗାଡ଼ି ମଟର
ସ୍ଥାଣୁ ପରି ହୋଇଯିବେ ଛିଡ଼ା
ପରିବହନ ହୋଇଯିବ ଠପ୍।
ଇଏ କେମିତି ସମୟ ଆସିଲା
ବିଷାଦର ବିଷମଞ୍ଜି କିଏ ବୁଣିଦେଲା !

ହସୁଥିବା ଧରାରୁ
ରୁଣ୍ଡେଇ ନେଉଛି କିଏ
ସବୁଯାକ ହସ
ଶାନ୍ତି, ସ୍ୱଚ୍ଛତା, ସ୍ନେହ, ପ୍ରେମ
ଆନନ୍ଦରେ ଛଳଛଳ
ଝରଣାର ଜଳ।

ଜଳଶୂନ୍ୟ ତେଲଶୂନ୍ୟ
ଆଜି ପୃଥିବୀର ପେଟ।
ଖାଦ୍ୟର ମହରଗ
ଅଭାବରେ ପରିଶ୍ରାନ୍ତ ମନ
ସବୁଠିଁ ଦରବୃଦ୍ଧି, ମୁଦ୍ରାସ୍ଫୀତି

ଗ୍ୟାସ୍‌ଠାରୁ ପନିପରିବା
ଦୁଧଠାରୁ ପାଣି
ବିଶାଳ ମୁଦ୍ର
ମାତ୍ର ମୀନହୀନ
ଚିନ୍ତାଗ୍ରସ୍ତ ଜୀବନ
ହନ୍ତସନ୍ତ ନିଅଣ୍ଟିଆ ବଜାର ଭିତରେ
ବଂଚିବା ଏକ ମିଛ ପ୍ରହସନ।
ବଳ କଷାକଷି, ଯୁଦ୍ଧର ଘନଘଟା
ଅହଙ୍କାର ହିଁ ମାନଦଣ୍ଡ
ସର୍ବନାଶର ପଥ ଉନ୍ମୁକ୍ତ,
ଭବିଷ୍ୟତରେ ରହିଯିବ
କେବଳ ଧ୍ୱଂସର ଫସିଲ
ଯୁଗେଯୁଗେ ହୋଇ ଇତିହାସ।


ଚୌଧୁରୀ ସାହି, ବାଲେଶ୍ୱର
ମୋ: ୯୩୩୮୩୧୦୨୪୫


## ଅଗଷ୍ଟ ପନ୍ଦର

### ଶରତ କୁମାର ଦାସ

କେତେ ଆଶା ନେଇ ବରଷକେ ଥରେ
ଆସିଛି ଅଗଷ୍ଟ ପନ୍ଦର,
ଉଠୁଛି ପଡୁଛି ସାରା ଚଉଦିଗ
ଗାଆଁ ଠାରୁ ଗିରି କନ୍ଦର ।

ତ୍ରିରଙ୍ଗା ଉଡୁଛି ଫର ଫର ଉଚ୍ଚେ
ଛୁଉଁଛି ମାଟିରୁ ଆକାଶ,
ହଟିଛି ଅନ୍ଧାର କାଳରାତି କେତେ
ନବ ଆଲୋକର ପ୍ରକାଶ ।

ଫିରିଙ୍ଗୀ ଆସିଲେ ଶାସନ କରିଲେ
ନେଲେ ଅଧିକାର ଛଡାଇ,
ଅନ୍ୟାୟ ଅନୀତି ଯେତେ ଅହଙ୍କାର
ଦେଖାଇଲେ କେତେ ବଡାଇ ।

ପିଠିରେ ବସିଲା ଲାଠିମାଡ କେତେ
ଶକତ ଚାବୁକ ପାହାର,
ଗୁଳି ବରଷଣ କେତେ ଯେ କଷଣ
ଭୟ ତ ନଥିଲା କାହାର ।

ଚାଲିଗଲା କେତେ ସରଳ ଜୀବନ
ବୋହିଲା କେତେ ଯେ ରକତ,
ହାରିଗଲେ ନାହିଁ ଦବିଗଲେ ନାହିଁ
ମାଡିଗଲେ ଦେଶ ଭକତ ।

ବକ୍ସି ଜଗବନ୍ଧୁ, ଜୟୀ ରାଜଗୁରୁ
ବାଳକ ସେ ବାଜି ରାଉତ,
କରିଲେ ଶପଥ କରିବେ ଲଢେଇ
ପରାଣ ପଛକେ ଯାଉତ ।

'ରକତ ଦିଅ ମୁଁ ଦେବି ସ୍ୱାଧୀନତା'
ସୁଭାଷ ବୁଣିଲେ ମନ୍ତର,
ଗୋରା ସରକାର ହେଲେ ଥରହର
ଭେଦିଲା ତାଙ୍କର ଅନ୍ତର ।

'ସ୍ୱାଧୀନତା ଆମ ଜନ୍ମ ଅଧିକାର
ହାସଲ କରିବା ଯେମନ୍ତେ',
ବାଳ ଗଙ୍ଗାଧର ଦେଲେ ଯେ ଡାକରା
ଦେଶବାସୀଙ୍କର ନିମନ୍ତେ ।

ଜାତିର ଜନକ ବାପୁଜୀ ଆମର
ଦେଲେ ଯେ ଅହିଂସା ବାରତା,
ଲଢେଇ ପାଇଁକି ଆସିଲେ ଆଗେଇ
ହେଲେ ଆମ ରକ୍ଷା କରତା ।

ଆମ ହାତେ ଆମେ ଶାସନ ଆଣିଲୁ
ବିଦେଶୀ ଗଲେତ ଓହରି
ଆମରି ନାଆରେ ଆମେ ତ ନାଉରି
ହସ ଫୁଟେ ଓଠେ ସବୁରି ।

ରଖିବା ଆମେରେ ମାଟି ମାଆ ଟେକ
ସ୍ୱାଧୀନ ଦେଶର ସନ୍ତାନ
ବଇରୀ ସାଥିରେ ଯୁଝିବା ହରଷେ
ଯାଉ ପଛେ ଆମ ପରାଣ ।


ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧


## ଆମ ଭାରତ ବର୍ଷ

### ଶ୍ରୀରୂପା ମଞ୍ଜରୀ ସେନ୍

ଭାରତ ବର୍ଷ ଦିନେ ଥିଲା ପରାଧିନ
ମହାନ୍ ପୁରୁଷ ମାନଙ୍କର ଅକ୍ଲାନ୍ତ ପରିଶ୍ରମ,
ଓ ବଳିଦାନରେ ହେଲା ସ୍ୱାଧୀନ ।

'ତ୍ରିରଙ୍ଗା ପତାକା' ଅଟେ, ଭାରତର
ମର୍ଯ୍ୟାଦା ଓ ଜାତୀୟ ପତାକା,
ମୂଳ ମନ୍ତ୍ର ଅଟେ 'ଅହିଂସା', ଭାରତର ।

ଶାନ୍ତି, ମୈତ୍ରୀ ଭାରତର ଆଦର୍ଶ
ଭାରତ ମୁନି ଋଷି, ସାଧୁ ସନ୍ଥଙ୍କର ଦେଶ ।

'ବସୁଧୈବ କୁଟୁମ୍ବ କମ୍'ର ବାର୍ତ୍ତା ଦିଏ ଭାରତ
ସମଗ୍ର ବିଶ୍ୱକୁ ଏକ ପରିବାର-
ରୂପେ ଚଳିବା,ଏହାର ଅର୍ଥ ।

ଭାରତର ନୀତି, ଅନ୍ୟାୟରେ କିଛି ଦିଏ ନାହିଁ
କିମ୍ବା ଅନ୍ୟାୟରେ କାହା ପାଖରୁ କିଛି ନିଏ ନାହିଁ।

ଭାରତର ଚତୁଃପାର୍ଶ୍ୱରେ ଆଜି ଦେଖା-
ଯାଉଛି ଅଶାନ୍ତିର ବହ୍ନି,
ଯୁଦ୍ଧ ଖୋର ରାଷ୍ଟ୍ର ମାନଙ୍କର
ଜିଦ୍ ଖୋର ଠାଣି ।

ଆଦିମ କାଳରୁ ଆଜି ଯାଏ
ବିଶ୍ୱରେ ହୋଇ ଚାଲିଛି ବିକାଶ
ଉନ୍ନତିର ଶିଖର ରେ ପାଦ ଥାପିଛି
ବିଜ୍ଞାନ, ମଣିଷ, ଓ ସମଗ୍ର ବିଶ୍ୱ ।

ତଥାପି, ଅଶାନ୍ତ ହୋଇଛି
ଦେଶ ଓ ବିଶ୍ୱ,
ପ୍ରକୃତି ଓ ପରିବେଶ,
ପ୍ରଚଣ୍ଡ ଲୋଭ, କ୍ରୋଧରେ
ଘାରିଛି ଏ ମଣିଷ ।

ଭାରତ ରେ ଏ ବର୍ଷ , ଅମୃତ ମହୋତ୍ସବ ରେ
ସ୍ୱାଧୀନତା ଦିବସରେ, ଏତିକି ପ୍ରାର୍ଥନା
ଈଶ୍ୱରଙ୍କ ଠାରେ , ସତ୍ ବୁଦ୍ଧି ଦିଅନ୍ତୁ
ମଣିଷ ଙ୍କୁ ,ଆଜିର ଅଶାନ୍ତ ବିଶ୍ୱରେ ।


ଅଙ୍ଗାର ଗଡିଆ , ବାଲେଶ୍ୱର
ମୋ: ୮୮୯୫୫୭୭୮୬


## ଆଣ୍ଠୁ ଅଲୁଚା ଧୋତି ପିନ୍ଧିଥିବା ଲୋକମାନେ

### ମାନସ ରଂଜନ ମହାପାତ୍ର

ଦିନେ ଆଣ୍ଠୁ ଅଲୁଚା ଧୋତି ପିନ୍ଧିଥିବା
ମୋ ନନାଙ୍କ ପରି

ଲୋକେ ବି ଥିଲେ ପୃଥିବୀରେ
ଏବେ ନାହାନ୍ତି

କୁଆଡେ ଗଲେ ସେଇ ଲୋକେ ?

ପତାକା ଉତ୍ତୋଳନପାଇଁ ଏବେ
ଅଛନ୍ତି ବହୁ ଗୋଲାମ ସୈନ୍ୟସାମନ୍ତ
ଦେଶପ୍ରେମର ବାଜା ବଜେଇ, ଗୀତଗାଇ
ବୋଲକରା ଶିଳ୍ପୀମାନେ,
ନେତା ଓ ଯୋତାମନେ
ତିଆରି କରୁଛନ୍ତି ମନ୍ଦିର
ସଜେଇ ନୂଆନୂଆ ଆଲୁଅରେ
ଆତତାୟୀମାନେ ମଞ୍ଚରେ
ଚଷମା ଭାଙ୍ଗିଯାଇଛି ହେ ରାମ,
ହାଏ ରାମ, ହେ ରହୀମ
ନିର୍ବାଚନ ପ୍ରଚାରରେ

ମହାନଗରୀର ଦେଶରେ, ବୁଲେଟ ଟ୍ରେନରେ
ଆଜିକାଲି ଯା ଆସ କରନ୍ତିନି କେହି ଲୋକେ
ଆଣ୍ଠୁ ଅଲୁଚା ସେଇ ଲୋକଟି
ଖୋଜା ହେଉଥାଏ ଏବେ ଭିଡ଼ରେ
ଗାନ୍ଧୀଘାଟରେ....


ମୋ: ୯୮୯୧୯୪୬୧୭୮




## ଜୀବନର ପଥ

### ମୂଳଲେଖା- ରମେଶ ଶର୍ମା
### ଭାଷାନ୍ତର- ଗିରିଜା ଶଂକର ଶର୍ମା

ଜୀବନର ପଥ ମିଳିଗଲା
ସଂଘର୍ଷର ସାମ୍ନା କରିକରି
ଜୀବନ ପଥରେ ଚାଲୁ ଚାଲୁ
ପଥ ମୋର ସାଥି ଓ ସହଯାତ୍ରୀ ହେଲା ।

କାହାକୁ ସଂଗ କହିବି ଏ ଯୁଗରେ
ଦୁଃସମୟରେ ଯଦି କେହି ନଆସେ କାମରେ,
କଣ୍ଟାଫୋଡ଼ା ହୃଦୟରୁ ମୋର
କଣ୍ଟା କାଢ଼ିବାକୁ ଯଦି କେହି ନଥାନ୍ତି ପାଖରେ ।

କେହି ମୋର ସାଥି ନାହିଁ ଦୁଃଖ ବୁଝିବାକୁ
ଯେ ଯାହା କାମରେ ବ୍ୟସ୍ତ
କେହି ନାହାନ୍ତି ମୋତେ ଦେଖିବାକୁ ।

କା' ଉପରେ ମୋର ଆଶା କି ଭରସା ନାହିଁ
ମୋ କାମରେ ମୁଁ ରଖିଛି ବିଶ୍ୱାସ
ଆଉ କାହା କଥାରେ ମୋର ଭରସା ନାହିଁ
ମୋ ନିଜ ଉପରେ ହିଁ ମୋର ଅଖଣ୍ଡ ବିଶ୍ୱାସ ।

ସ୍ୱପ୍ନ ମୁଁ ଦେଖେନା କେବେ
କଳ୍ପନାରେ ଉଡ଼େ ନାହିଁ ମୁହିଁ
ଏ ମାଟିରେ ବିଶ୍ୱାସ ମୋର
ଆକାଶ ମୋତେ ଲୋଡ଼ା ନାହିଁ ।

ଜୀବନରେ ଖୁସି ମୁହିଁ,
ଚାରି ପାଖେ ମୋର ସବୁଜ ଧରିତ୍ରୀ
ସବୁଆଡ଼େ ଶ୍ୟାମ ଦୂର୍ବାଦଳ ପ୍ରକୃତିର
ମନୋହର ମୂର୍ତ୍ତୀ
ଶାନ୍ତି ମିଳେ ଏକା ରହିବାରେ
ଆଶାର କିରଣ ଜାଗେ ଗୋଲାପୀ ହସରେ ।

ଦୁଃଖରେ ଯେ ନୁହେଁ ସାଥି
ସେ କି କେବେ ମିତ୍ର ହୋଇପାରେ
ଜୀବନ ପ୍ରକୃତିର ଅଂଶ
ତା' ସହିତ ସଂପର୍କିତ ମୁହିଁ ହୃଦୟରେ ।


ସୋନାପାଲି, ଧନକଉଡ଼ା,
ସମ୍ବଲପୁର-୭୬୮୦୦୬
ମୋ: ୯୪୩୭୦୮୮୬୦୨


## ସ୍ୱାଧୀନତା ଦିବସର କ୍ଷୋଭ

### ପ୍ରଭାତ କୁମାର ଆଚାର୍ଯ୍ୟ

ଅସହଯୋଗ
ଇଂରେଜ ଶାସନ ବିରୁଦ୍ଧରେ।
ଭାରତବାସୀ ହୁଅ ଏକ ଜୁଟ୍
ସ୍ୱଦେଶୀ ନିଅ, ବିଦେଶୀ ଛାଡ଼
ନିଆଁ ଲଗେଇ ଦେଲା
ଗାନ୍ଧୀଙ୍କର ଦୁଇ ପଦ କଥା
ରକ୍ତରେ ରକ୍ତରେ ।
ଭାରତ ହେଲା ସ୍ୱାଧୀନ
ଆଜକୁ ୭୫ବର୍ଷ ତଳେ,
ଉଡ଼ିଲା ତ୍ରିରଙ୍ଗା ଫର ଫର ହୋଇ
କେତେ ଶହୀଦଙ୍କ ବୀର ଗାଥା ଗାଇ
କମ୍ପିଉଠିଲା ଗଗନ ପବନ
ଭାରତମାତାର ଜୟଗାନ
ପ୍ରାଣରେ ପ୍ରାଣରେ ଆନନ୍ଦର ଶିହରଣ
ସ୍ୱାଧୀନ ଆମେ ସ୍ୱାଧୀନ।
ଆମ ହାତରେ ଶାସନ ଡୋର
ନାହିଁ ଗୁଳିର ଭୟ ଅବା ଚାବୁକ୍ ର ଡର
ସମ୍ବିଧାନ ଆମ ଶାସନ
ଭେଦାଭେଦ ନାହିଁ ସର୍ବେ ସମାନ
ରହିବେନି ଦୁଃଖୀ, ଗରିବ, ଭିକାରୀ
ହାତକୁ ମିଳିବ କାମ
ରହିବେନି କେହି ବେକାରୀ ।
ତୋଷାମଦ,ଲାଞ୍ଚ, ଦୁର୍ନୀତି
ଦୁଷ୍କର୍ମ, ବ୍ୟଭିଚାର,ଗୁଣ୍ଡା ଗିରି
ଆମେ ଭାରତର ପୁଅ
ଖାଣ୍ଟି ଶୁଦ୍ଧ ସୁବର୍ଣ୍ଣ
ହଟିଯିବ ଦୁର୍ଗୁଣ
ନାହିଁ ତାଙ୍କ ଆମ ପାଶେ ସ୍ଥିତି ।
ଗଢ଼ିବୁ ରାମରାଜ୍ୟ
ସମସ୍ତଙ୍କ ପାଇଁ ସମାନ ଅଧିକାର
ଶିକ୍ଷା, ସ୍ୱାସ୍ଥ୍ୟ,କୃଷିର ଉନ୍ନତି
ବିଜ୍ଞାନ, ପର୍ଯ୍ୟଟନ,ଜଳ, ସ୍ଥଳ ଆକାଶ
ବ୍ୟାପ୍ତ ହେବ ଆମରି ରାଜୁତି ।
ଲଢ଼ିବୁ ସୀମାରେ
ହସି ହସି ଛାତି ପାତିଦେବୁ
କମାଣ ମୁହଁରେ
ଦେଶ ପାଇଁ ଜୀବନ ଦେବୁ
ଶହୀଦ ହେବୁ
ଢାଙ୍କିଯିବ ମରଦେହ ଆମ ତ୍ରିରଙ୍ଗାରେ ?।
ସେଦିନ ଶୁଣିଥିଲି, ଆଜି ବି ଶୁଣୁଛି
ଲମ୍ବା ଲମ୍ବା ନେତାଙ୍କ ଭାଷଣରେ
ସ୍ୱପ୍ନ ଦେଖାଇବା ଗୋଟାଏ ହବି
ଆଙ୍କି ଦିଅନ୍ତି ସୁଖର ପ୍ରତିଛବି
ଅଚ୍ଛେଦିନ ଆୟେଗା
କେବଳ ଶ୍ଳୋଗାନରେ ।
କିନ୍ତୁ ଆଜି ମନେ ପଡ଼ନ୍ତି
ସ୍ୱାଧୀନତା ପାଇଁ
ନିଜ ଜୀବନକୁ ବଳି ଦେଇଥିବା
ଶହୀଦମାନେ।
ତାଙ୍କ, ନିଷ୍ଠା, କର୍ତ୍ତବ୍ୟ, ସଚ୍ଚୋଟତା
ଦେଶାତ୍ମବୋଧ
କାହିଁ ଦେଖୁନାହିଁ ଜଣଙ୍କ ପ୍ରାଣରେ ??
ଦୁଃଖ ଲାଗେ
ଅହିଂସାର ସ୍ଥିତି ଆଜି
କେଉଁଠି ଭାରତରେ ?
ପାଳୁଛୁ ସ୍ୱାଧୀନତା ଦିବସ
ମଉଜ ମଜଲିସ୍ ରେ ,ଭୁରିଭୋଜନରେ
ପାଇନ ଯଦି ସ୍ୱାଧୀନ ହେବାର ପୁଲକ
ନିଜ ହୃଦୟରେ
ଜାଗ୍ରତ ହେଉନି ଯଦି
ଦେଶଭକ୍ତି ପ୍ରାଣରେ ପ୍ରାଣରେ
ତେବେ ନିରର୍ଥକ
ଘରେ ଘରେ ତ୍ରିରଙ୍ଗା ଉଡାଇବାରେ


ଜାନୁଗଞ୍ଜ, ବାଲେଶ୍ୱର


## ତୁହି ମା ଭାରତମାତା

### ବନମାଳୀ ସେନାପତି

ଶତକୋଟି ବୀର ସନ୍ତାନ ମାତା ଗୋ
ତୁହି ମା ଭାରତ ମାତା
ସାଗର ଯାହାର ଚରଣ ଧୁଅଇ
ସିଏ ମା ଜଗତଜିତା
ହିମାଳୟ ଯାର ଶ୍ରେଷ୍ଠ ଆୟୁଧ
ଗଙ୍ଗା ଗୋଦାବରୀ କନ୍ୟା
ବୀର ସନ୍ତାନର ପରାକ୍ରମ ଦେଖି
ଶତୃ କରେ ଅଶୃ ବନ୍ୟା ତୋହର ସନ୍ତାନ
ଦୁନିଆକୁ ଦେଲା
ଅହିଂସା ମନ୍ତ୍ରର ଦାନ
ଶୁଣାଇଲା ସିଏ ବିଶ୍ୱ ବାସୀଙ୍କୁ
କେତେ ସେ ମହତ ଜନ
ତୋର ବରପୁତ୍ର ମନଯା ପବିତ୍ର
ଗାଏ ସେ ତୋର କବିତା
ଶତକୋଟି ବୀର ସନ୍ତାନ ମାତା ଗୋ
ତୁହି ମା ଭାରତ ମାତା ।
ଆରବି ଆସିଛି ପାରସୀ ଆସିଛି
ମୋଗଲ ବି ଆସିଥିଲା
ତୋ ମହାନପଣ ମହାସଂସ୍କୃତିରେ
ସବୁ ଲୀନ ହୋଇଗଲା
ବଡ ଅହଙ୍କାରୀ ଫିରିଙ୍ଗି ଶାସକ
ଏ ଦେଶୁ ବାହୁଡ଼ି ଗଲେ
ତୋର ବୀରପୁତ୍ର ନିଜ ବୁଦ୍ଧି ବଳେ
ତାଙ୍କୁ ଏଠୁ ତଡିଦେଲେ
ଉଡେ ଫରଫର ତିରିରଙ୍ଗା ଆଜି
କହେ ବିଜୟର ବାର୍ତ୍ତା
ଶତକୋଟି ବୀର ସନ୍ତାନ ମାତା ଗୋ
ତୁହି ମା ଭାରତ ମାତା ।


ସଂପାଦକ 'ପରାଗ'
ଆଳି, କେନ୍ଦ୍ରାପଡ଼ା


## ଅଗଷ୍ଟ ପନ୍ଦର ଆସିଲା

### ପୀତାମ୍ବର ଦାସ

ଅଗଷ୍ଟ ପନ୍ଦର ଆସିଲା,
ସ୍ୱାଧୀନତା ଗୀତ ଗାଇଲା ।
ଭାରତ ହସିଲା ଖିଲି ଖିଲି ହୋଇ
ପିଲାଙ୍କ ଆନନ୍ଦ ବଢ଼ିଲା

ଅଗଷ୍ଟ ପନ୍ଦର ଆସିଲା,
ତ୍ରିରଙ୍ଗା ପତାକା ଉଡ଼ିଲା ।
ଶାନ୍ତି, ମୈତ୍ରୀ ସମୃଦ୍ଧିର ବାର୍ତ୍ତା ଆଣି
ସଭିଙ୍କ ହୃଦରେ ବାଣ୍ଟିଲା ।

ଅଗଷ୍ଟ ପନ୍ଦର ଆସିଲା,
ଦେଶପ୍ରୀତି ଜାଗି ଉଠିଲା ।
ଶହୀଦଙ୍କ ପରି ସେବାକରିବାକୁ
ମନରେ ଭାବନା ଆସିଲା ।

ଅଗଷ୍ଟ ପନ୍ଦର ଆସିଲା,
ମନରେ ସ୍ୱଚ୍ଛତା ଉଇଁଲା ।
ସଚେତନତା ଭାବ ହୃଦେ ଜାଗିଉଠି
ଆବିଳତା ଦୂର କରିଦେଲା ।


ଭି.ଆ.ପି. କଲୋନୀ,
ଗୋପାଳ ଗାଆଁ, ବାଲେଶ୍ୱର


## କ୍ରାନ୍ତିର ଅନ୍ତରାଳେ

### ମୀରା ବେଉରା

କେତେ ରକ୍ତପାତ ସଂଘର୍ଷର ବଳିଦାନରେ
ଆସିଛି ଦେଶେ ତ୍ରିରଙ୍ଗାର ପର୍ବ
କେତେ ଶହୀଦଙ୍କ ରକ୍ତରେ ଭିଜି
ଏ ମାଟି ହୋଇଛି ଲାଲ ରଙ୍ଗ
ନାଲି ରକ୍ତର ଛିଟାରେ
ପଡ଼ିଛି ଶହୀଦଙ୍କ ପୋଷାକେ
ଅଲିଭା ଦାଗ ।

ତଥାପି ହାରିନି ସେ ରକ୍ତ ଭିଜା ଦେହେ
ଉଙ୍କି ମାରିଛି ଦେଖ ଅମୃତୋତ୍ସବର କ୍ରାନ୍ତି
ସାହସ, ସତ୍ୟ, ସାମର୍ଥ୍ୟକୁ ପୁଞ୍ଜି କରି
ସ୍ୱାଭିମାନ ଆଉ ସଂଘର୍ଷର ଡେଣାପିଟି
ଏକ ଅମୃତ ବେଳାରେ
ପଦାର୍ପଣ କରିଛି କ୍ରାନ୍ତି ।

ଭାଙ୍ଗିଦେଇ ଫିରିଙ୍ଗି ଶାସନର
ସବୁ ଅହଂକାରକୁ
ଉଡ଼ାଇ ଦେଲା ଦେଶେ
ହିମାଳୟଠୁ କନ୍ୟା କୁମାରୀ
ଶାନ୍ତି ମୈତ୍ରୀ ପ୍ରୀତିର ଧ୍ୱଜା

ଭାଙ୍ଗି ଦିଅନା ତାକୁ
ଧର୍ମ ନିରପେକ୍ଷତାର ଭଗ୍ନାଂଶରେ
ଅବା ଉଗ୍ର ଜାତୀୟତାବାଦରେ
ଛନ୍ଦି ଦିଅନା ତାକୁ
ଆଧୁନିକକରଣର ଭାବଧାରାରେ
ଅବା ପାଶ୍ଚାତ୍ୟକରଣର ମୋହରେ
ଟେକି ଦିଅନା ତାକୁ
ଉଦାରୀ କରଣର ବିକାଶଧାରାରେ
ଅବା ଭାଷାଗତ ବିଭିନ୍ନତାରେ
ଶ୍ୱାସରୁଦ୍ଧ ନ ହେଉ ସେ
ଆତଙ୍କବାଦର ଅନ୍ତର୍ଦାହରେ
ନିଷ୍ପେସିତ, ନିର୍ଯ୍ୟାତିତ ନ ହେଉ ସେ
ଜାତିୟଣା ଆଉ ଧର୍ମାନ୍ଧତାରେ ।


ରଘୁନାଥଜୀଉ ମହାବିଦ୍ୟାଳୟ
ତୁଳସୀପୁର, କଟକ
ମୋ: ୯୮୫୩୩୫୦୩୮୪


## କ୍ୟାଲେଣ୍ଡରର ଗୋଟେ ଭଲ ତାରିଖ

### ନୀଳମଣି ଚାନ୍ଦ

ଖିଲିଖିଲି ହୋଇ ହସୁଛି ତ୍ରିରଙ୍ଗା
ଜନ-ଗଣ-ମନ ଶୁଣି
ସମୀରେସମୀରେ ବନ୍ଦେମାତରମ୍
ଶବ୍ଦ ଯାଇଛି ବୁଣି।
ସାଗର ଜୁଆର ସମ ଉଠେ ଆଜି
ଜିନ୍ଦାବାଦର ଢେଉ
ପ୍ୟାକେଟ କହୁଛି ଭରିଦିଅ ଆଣି
ମିଠା, ବୁନ୍ଦିଲଡୁ ସେଉ।
ସଂଗ୍ରାମକାଳର କଥା ଓ କାହାଣୀ
ଭିଜାଏ ସ୍ମୃତିକୁ ଆଜି
ଚନ୍ଦ୍ରାତପ ତଳେ ନୀରବେ ବସିଛି
ଗଣତନ୍ତ୍ରଟି ଆଜି ।
ଲାଲକିଲ୍ଲାକୁ ଲାଲ ସଲାମ
ଦେବାକୁରେ ତତପର
ପଞ୍ଚସ୍ତରୀ ବର୍ଷ ପୂର୍ଣ୍ୟତିଥି ଏ
ପାଳନର ଅବସର।
ଆହେ ଭାରତୀୟ ଏଇ ମନ୍ତ୍ରରେ
ଦୀକ୍ଷିତ ସଦା ହୁଅ
ତେବେ ଝରିଯିବ ଧରିତ୍ରୀ ଉପରେ
ଆନନ୍ଦେ ଦିଟୋପା ଲୁହ।
ପ୍ରଭାତଫେରିରେ ପ୍ୟାରେଡଭୂଇଁରେ
ଝଲସି ଉଠଇ ଛବି
ତୁମେ ସିନା ଦେଖ, ଭିତିରି ମର୍ମଟି
ବୁଝେ ଏକା ଅନୁଭବି।


୨୭, ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର-୨୯
ମୋ:୯୫୮୩୨୦୨୩୫୭


## ଆଜାଦ୍ କା ମହୋତ୍ସବ

### ଅନନ୍ତ କୁମାର

ଉଠ ଉଠ ଦେଶୀବାସୀ ଉଠ ସଅଳ
ନିଶି ପାହି ଆସିଲାଣି ନୂଆ ସକାଳ,

ଆଜି ପରା ଅଗଷ୍ଟ ପନ୍ଦର ଆମ ଦେଶର,
ତ୍ରିରଙ୍ଗା ଉଡାଇବା ଆମେ କରି ଫର ଫର,

ପୁର ପଲ୍ଲୀ ଆଜି କେତେ ଉତ୍ସବ ମୁଖର
ତ୍ରିରଙ୍ଗା ଉଡିବ ଆଜି ଆମ ଭାରତର,

ପଚସ୍ତରି ତମ ସ୍ୱାଧୀନତା ଦିବସ ଆସିଛି ଆଜି
ତ୍ରିରଙ୍ଗା ଉଡାଇ ଦେଖେଇ ଦେବା ଆମେ
ଭାରତବାସୀ,
ଆମେ ଭାରତବାସୀ ଭାରି ସାହସୀ,
ଗର୍ବରେ ଫୁଲେ ଆଜି ଆମରି ଛାତି,

ଘରେ ଘରେ ଉଡିବ ଆଜି ତ୍ରିରଙ୍ଗା ଧ୍ୱଜ
ପଲ୍ଲୀରୁ ଦିଲ୍ଲୀ ହେଲାଣି କେତେ ସଜବାଜ,

ବାଜିବ ବାଜା କମ୍ପିବ ଆଜି ଧରା
ମୁଖେ ଥିବ ଆମରି ବୀରଙ୍କ ନାରା,

ପଲ୍ଲୀରୁ ଦିଲ୍ଲୀ ସବୁଠି
ଉଡିବ ଆଜି ଆମରି ଧ୍ୱଜ,
ଦେଶ ବିଦେଶରୁ ଛୁଟିବ କେତେ ପ୍ରଶଂସା ପତ୍ର,

ଆସରେ ଆସ ଦେଶବାସୀ ନ କରି ବିଳମ୍ବ
ପାଳିବା ଆଜି ଆମେ ଆଜାଦ୍ କା ମହୋତ୍ସବ,


ତିହିଡି, ଭଦ୍ରକ
ମୋ: ୮୩୩୯୯୩୯୯୨୯


## ଉଡ଼େ ତ୍ରିରଙ୍ଗା

### ଈଶ୍ୱର୍ ମଙ୍ଗରାଜ



ଉଡ଼େ ତ୍ରିରଙ୍ଗା
ଏତ ମୋଦୀଙ୍କ ବାର୍ତ୍ତା
ଘରେ ଘରେ ଉଡୁଛି ପତାକା,
ଅମୃତ ମହୋତ୍ସବ ସ୍ୱାଧୀନତା ।

ଅଂହିଂଶା ଆମଧର୍ମ
କହିଛନ୍ତି ଗାନ୍ଧୀ ମହାତ୍ମା
କେତେ ଗଲେଣି ତୁଙ୍ଗ ନେତା,
ପ୍ରଧାନ ମନ୍ତ୍ରୀଙ୍କ ବାର୍ତ୍ତା
ଦେଶେ ରହୁ ଆମ ଏକତା ।

ପ୍ରଧମ ନେହୁରୁ ଶିଶୁଙ୍କୁ ଶ୍ରଦ୍ଧା,
ଆମ ମୋଦୀ ମାତୃ ଭକ୍ତି
ମାତ୍ରୁ ଶକ୍ତି ପାଏ ଇନ୍ଦ୍ରପଦ
ଏତ ଆମ ଜାତୀୟତା
ଦେଶ ମାତୃକା ଜାତି ମର୍ଯ୍ୟାଦା,
ହିନ୍ଦୁ,ମୁସୁଲିମ୍,ଶିଖ୍ ଏକତା
ରଖିବୁ ଆମ୍ ମାତୃଭୂମୀ ମର୍ଯ୍ୟାଦା।

ପ୍ରତି ଭାରତୀୟ ହୃଦେ ତ୍ରିରଙ୍ଗା
ଶାନ୍ତି ମୈତ୍ରୀ ଅଂହିଶା
ତ୍ରିରଙ୍ଗା ତିନି ରଙ୍ଗ
ମଝିରେ ଅଶୋକ ସ୍ତମ୍ଭ ଆଣେ
ଜାତୀ ଧର୍ମ ଆଶ୍ୱର୍ଧା
ସର୍ବେ ମିଶି ଉଡ଼ାଉ ପତାକା।
ଗାଉ ଆମେ ଜନଗଣ କବିତା
ଜୟ ,ଜୟ,ଜୟ ଭାରତ ମାତା।

ଏ ଅମୃତ୍ ମହୋତ୍ସବ,
ଦୁଇ ହଜାର ବାଇସ
ଭରତ ମାତା ଗର୍ବ ଗୌରବ
ଓଡିଶା ଉଡାୟେ ଜାତୀୟ ପତାକା
ଗାଉଛି ପାଇକ ବିଦ୍ରୋହ ଗାଥା
ଭାରତ ପ୍ରଥମ ସ୍ୱାଧୀନତା ସଂଗ୍ରାମ
ଅଠର ଶହ ସତର ସ୍ମୃତି
ସହିଦ ଆମ ଓଡିଆ ଜାତି
ଆମ ନିବିନୀ ବାରତା
ପ୍ରତି ଘରେ ବାହାରେ ଫର ଫର
ଉଡ଼େ ଆମ ପ୍ରତୀକ ତ୍ରିରଙ୍ଗା।


+ଖୋର୍ଦ୍ଧା, ରାଜ୍ୟପାଳ ପୁରସ୍କାରପ୍ରାପ୍ତ
ମୋ:୭୯୭୮୭୩୦୨୧୭


## ତ୍ରିରଙ୍ଗା

### ସୁଧାଂଶୁ ଶେଖର ଦ୍ୱିବେଦୀ

ଦୁନିଆସାରା ଏକ ହିଁ ଦେଶ
ରଙ୍ଗୀନ ରଙ୍ଗ ବେରଙ୍ଗା
ଉଡିବ ଏଥର ଘରେ ଘରେ
ଜାତୀୟ ପତାକା ତ୍ରିରଙ୍ଗା ।
ପୂର୍ବରୁ ପଶ୍ଚିମ ଉତ୍ତରେ ଦକ୍ଷିଣ
ସବୁଠି ତ୍ରିରଙ୍ଗା ଉଡିବ
ତିନୋଟି ରଙ୍ଗର ସମିଶ୍ରଣ
ରଖିବ ଭାରତ ଗୌରବ ।
ଦେଶଭକ୍ତିର ଭାବନାକୁ
ହୃଦୟରେ ଦେଇ ସ୍ଥାନ
ଏକ ସ୍ୱରରେ ଗାଇବା ଆମେ
ଭାରତୀୟଙ୍କ ରାଷ୍ଟ୍ରଗାନ ।
ସଲାମ କରିବା ତ୍ରିରଙ୍ଗାକୁ
ପ୍ରତିଟି ଘର ଦୋକାନରେ
ପୂରା ଭାରତବର୍ଷ ଗୁଞ୍ଜିବ
ଜନ-ଗଣ-ମନ ତାନରେ ।
ସ୍ୱାଧୀନ ଅମୃତ ମହୋତ୍ସବ
ପାଳନ କରୁଛୁ ଗର୍ବରେ
୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ
ଭାରତ ମାତାର ନାମରେ ।


ବିସି-୭୪ ,ସଲଟ ଲେକ୍, କଲକାତା-୬୪
ମୋ-୯୬୮୧୩୭୩୫୧୨


## ହର୍ ଘର୍ ତ୍ରିରଙ୍ଗାଝ

### ସୁଶାନ୍ତ ରଣା

ହର୍ ଘର୍ ତିରଙ୍ଗା
ଘର୍ ଘର୍ ତ୍ରିରଙ୍ଗା ଚଉଦିଗ ଆଜି
ତ୍ରିରଙ୍ଗା ତ୍ରିରଙ୍ଗା....

ସ୍ୱାଧୀନତାର
ଅମୃତ ମହୋତ୍ସବ
ପାଳୁଛି ଦେଶ ଆମ
ଘର ଠୁ ଦିଲ୍ଲୀ ଲାଲ୍ କିଲ୍ଲା ସବୁଠି ଆଜି
ହର୍ ଘର୍ ତିରଙ୍ଗା....

ଫରଫର ଉଡ଼େ
ମୋ ଦେଶର ଧ୍ୱଜା
ନୀଳ ଗଗନ ପବନେ
ପ୍ରତି ଭାରତୀୟ
ମନେ ଜାଗି ଉଠେ ଦେଶ ପ୍ରେମ
ହର୍ ଘର୍ ତିରଙ୍ଗା....

ପୂର୍ବ ପୁରୁଷ ଆମ
ଦେଇ ଗଲେ ସ୍ୱାଧୀନତା
ସ୍ୱାଧୀନ ଭାରତ
ସନ୍ତାନ ଆମେରେ
ରଖିବା ତ୍ରିରଙ୍ଗା ଟେକ
ହର୍ ଘର୍ ତିରଙ୍ଗା
ଘର୍ ଘର୍ ତ୍ରିରଙ୍ଗା ଚଉଦିଗ ଆଜି
ତ୍ରିରଙ୍ଗା ତ୍ରିରଙ୍ଗା.... ।


ତେରେସିଂହା, ଜି. କଳାହାଣ୍ଡି
ମୋ: ୭୮୯୪୬୫୮୨୭୪



ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର


# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani


website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର, ୧୫ ଅଗଷ୍ଟ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 15 AUGUST 2022
Vol.No. 35 ■ No. 214 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022






ପ୍ରକାଶକ :
ସୁବର୍ଣ୍ଣଶ୍ରୀ ପ୍ରକାଶିନୀ
ବାଲେଶ୍ୱର-୧




ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ

ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର

ପ୍ରାପ୍ତିସ୍ଥାନ
ନଲେଜ୍ କର୍ଣ୍ଣର୍, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା
ବାଲେଶ୍ୱର-୧


# ସ୍ୱାଧୀନତା ଦିବସ ଅବ୍ୟବହିତ ପୂର୍ବରୁ ଦେଶବାସୀଙ୍କୁ ସମ୍ବୋଧିତ କଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ



ନୂଆଦିଲ୍ଲୀ, ୧୪/୦୮ : ଭାରତ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଆଜି ରାଷ୍ଟ୍ରପତି ଦୌପଦୀ ମୁର୍ମୁ ଦେଶବାସୀଙ୍କୁ ସମ୍ବୋଧିତ କରିଛନ୍ତି । ନିଜ ସମ୍ବୋଧନରେ ରାଷ୍ଟ୍ରପତି କହିଛନ୍ତି ଯେ, ଅଗଷ୍ଟ ୧୪ କୁ ବିଭାଜନ-ବିଭୀଷିକାର ସ୍ମୃତି ଦିବସ ଭାବେ ପାଳନ କରାଯାଏ । ଏହି ସ୍ମୃତି ଦିବସ ପାଳନ କରିବାର ଉଦ୍ଦେଶ୍ୟ ହେଉଛି ସାମାଜିକ ସଦଭାବ, ମାନବ ସଶକ୍ତିକରଣ ଏବଂ ଏକତାକୁ ଅଧିକ ପ୍ରଶୟ ଦେବା । ତେବେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଆମେ ଔପନିବେଶିକ ଶାସନର ବେଡିକୁ କାଟି ଦେଇଥିଲେ । ଏହି ଶୁଭ ଦିବସର ପାଳନ ଅବସରରେ ଆମେ ସମସ୍ତେ ସ୍ୱାଧୀନତା ସଂଗ୍ରାମୀଙ୍କୁ ସାଦର ପ୍ରଣାମ କରୁଛେ ବୋଲି ରାଷ୍ଟ୍ରପତି ନିଜ ଅଭିଭାଷଣରେ କହିଛନ୍ତି । ସେମାନେ ତାଙ୍କର ସର୍ବସ୍ୱ ବଳିଦାନ ଦେଇଛନ୍ତି, ଯାହାଦ୍ୱାର ଆମେ ସମସ୍ତେ ସ୍ୱାଧୀନ ଭାରତରେ ନିଶ୍ୱାସ ନେଇପାରୁଛେ ବୋଲି ଦ୍ରୌପଦୀ କହିଛନ୍ତି । ସୂଚନାଯୋଗ୍ୟ ଯେ, ସ୍ୱାଧୀନତା ଦିବସ ଅବ୍ୟବହିତ ପୂର୍ବରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶବାସୀଙ୍କୁ ସମ୍ବୋଧିତ କରିଛନ୍ତି । ତାଙ୍କ ଅଭିଭାଷଣରେ ସେ ଦେଶର ଉପଲବ୍ଧିକୁ ସ୍ଥାନ ଦେଇଥିଲେ । ତେବେ ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ପରେ ପ୍ରଥମ କରି ଦ୍ରୌପଦୀ ମୁର୍ମୁ ଦେଶବାସୀଙ୍କୁ ସମ୍ବୋଧିତ କରିଛନ୍ତି ।


DADLS-28



ପବିତ୍ର ସ୍ୱାଧୀନତା ଦିବସ -୨୦୨୨ ଉପଲକ୍ଷେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ସ୍ୱାଧୀନତା ଦିବସ ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ଓଡ଼ିଶାକୁ ଦେଶର ଅନ୍ୟତମ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ମିଳିମିଶି ନିଷ୍ଠାପର ଭାବେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

ସ୍ୱାଧୀନତା ଆମ ପାଇଁ ବିଶେଷ ଉପଲବ୍ଧି । ସ୍ୱାଧୀନତାର ମହାର୍ଘ ଚେତନା ଓ ଭାବବୋଧ ଆମ ସମସ୍ତଙ୍କର ଧ୍ୟେୟ ହେଉ ବୋଲି ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ ମୁଁ କାମନା କରୁଛି ।

(ଗଣେଶୀ ଲାଲ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା

OIPR : 15001/13/0093/2223


# ମହାନଦୀରେ ଆସୁଛି ମଧ୍ୟମ ବନ୍ୟା: ଛୋଟ ଛୋଟ ନଦୀରେ ବଢ଼ିବ ପାଣି

ଭୁବନେଶ୍ୱର,୧୪/୦୮ (ନି.ପ୍ର): ରବିବାର ସଂଧ୍ୟା ସୁଦ୍ଧା ହୀରାକୁଦର ୩୪ଟି ଗେଟ୍ ଖୋଲା ରହିଥିବାବେଳେ, ଛଡା ଯାଇଥିବା ବନ୍ୟାଜଳ ସୋମବାର ଅପରାହ୍ନ ସୁଦ୍ଧା ମୁଣ୍ଡଳୀରେ ପହଂଚିବ । ଖଇରମାଳରେ ୯.୫୬ ଲକ୍ଷ କ୍ୟୁସେକ ଜଳ ପ୍ରବାହିତ ହେଉଛି । ଉପର ମୁଣ୍ଡରେ ପ୍ରବଳ ବର୍ଷା ହେଉଥିଲେ ମଧ ହୀରାକୁଦ ଡ୍ୟାମର ଅଧିକ ଗେଟ୍ ଖୋଲାଯିବ ନାହିଁ । ତେଣୁ ୧୫ ତାରିଖ ଅପରାହ୍ନରୁ ସଂଧ୍ୟା ସୁଦ୍ଧା କଟକ ମୁଣ୍ଡଳୀରେ ପିକ୍ ଫ୍ଲଡ ପହଂଚିବ ଏବଂ ସେତେବେଳକୁ ସାଢେ ୧୦ ଲକ୍ଷ କ୍ୟୁସେକ ଜଳ ପ୍ରବାହିତ ହେବ ବୋଲି ସୂଚନା ଦେଇଛନ୍ତି ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ୍ତ ଜେନା । ଜଳକା ନଦୀ ବିପଦ ସଂକେତ ଉପରେ ରହିଛି । ସୁବର୍ଣ୍ଣରେଖା ଓ ବୁଢ଼ାବଳଙ୍ଗରେ ସେଭଳି ସ୍ଥିତି ନାହିଁ । ବ୍ରାହ୍ମଣୀ ନଦୀରେ ମଧ ବନ୍ୟା ସ୍ଥିତି ନାହିଁ ବୋଲି କହିଛନ୍ତି ଏସଆରସି । ହେଲେ ମହାନଦୀ ସିଷ୍ଟମରେ ବନ୍ୟା ଆଶଙ୍କା ରହିଛି । କିନ୍ତୁ ଦକ୍ଷିଣାଂଚଳ ନଦୀ ଗୁଡିକରେ ବନ୍ୟା ପରିସ୍ଥିତି ନଥିବା ସୂଚନା ଦେଇଛନ୍ତି ସ୍ୱତନ୍ତ୍ର ରିଲିଫ କମିଶନର । ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡା ଓ ଜଗତସିଂହପୁରରେ ବନ୍ୟା ଆଶଙ୍କା ଦେଖା ଦେଇଛି । ବିଶେଷ କରି ମହାନଦୀ ବନ୍ୟାପାଣି ଛୋଟଛୋଟ ନଦୀ ଗୁଡିକର ଜଳସ୍ତରକୁ ବୃଦ୍ଧି କରିବ । ଲୁଣା, କେରେଣ୍ଡିଆ, ଚିତ୍ରୋତ୍ପଳା, ଦୟା ଓ ଭାର୍ଗବୀ ସହ ରାଜୁଆ ଓ ମଳାସୁଇଁ ନଦୀ କୂଳିଆ ଅଂଚଳ ପ୍ରଭାବିତ ହେବା ଆଶଙ୍କା ରହିଛି । ବନ୍ୟା ମୁକାବିଲା

▶▶ପୃଷ୍ଠା ୭

## ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ

ଭୁବନେଶ୍ୱର,୧୪/୦୮ (ନି.ପ୍ର): ପ୍ରବଳ ବର୍ଷା ଜାରୀ ରହିଥିବା କାରଣରୁ ମହାନଦୀରେ ମଧ୍ୟମ ଧରଣର ବନ୍ୟା ଆଶଙ୍କା ରହିଛି । ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ ଜେନା ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ପୂର୍ବରୁ ୨୦୧୯ରେ ମଧ୍ୟମ ଧରଣର ବନ୍ୟା ଆସିଥିଲେ ମଧ ବିଶେଷ କିଛି କ୍ଷତି ହୋଇ ନଥିଲା। ତଥାପି ଏହାର ମୁକାବିଲା ପାଇଁ ସରକାର ପ୍ରସ୍ତୁତ ଅଛନ୍ତି ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ରାଜ୍ୟର ବିଭିନ୍ନ ନଦୀରେ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି। ତେବେ ସୁବର୍ଣ୍ଣରେଖା,ବୁଢ଼ାବଳଙ୍ଗ ଓ ବ୍ରାହ୍ମଣୀ ନଦୀରେ ବନ୍ୟା ଆଶଙ୍କା ନାହିଁ। ଲଘୁଚାପ ବର୍ଷାକୁ ଦୃଷ୍ଟିରେ ରଖି ମହାନଦୀ ଅବବାହିକା ମୁଣ୍ଡଳିରେ ୧୦ ଲକ୍ଷରୁ ଅଧିକ କ୍ୟୁସେକ ଜଳ ପ୍ରବାହିତ ହେବ ବୋଲି ଆଶଙ୍କା କରାଯାଉଛି। ଆସନ୍ତାକାଲି ସନ୍ଧ୍ୟାବେଳକୁ ଏହା ମୁଣ୍ଡଳି ଅତିକ୍ରମ କରିବ। ବର୍ତ୍ତମାନ ଖଇରମାଳଠାରେ ୯ ଦଶମିକ ୫୬ ଲକ୍ଷ କ୍ୟୁସେକ ଓ ସରାଡିହିଠାରେ ୬ ଦଶମିକ ୫୭ ଲକ୍ଷ କ୍ୟୁସେକ ଜଳ ପ୍ରବାହିତ ହେଉଛି। ମହାନଦୀର ଅବବାହିକାରେ ଥିବା କେନ୍ଦ୍ରାପଡ଼ା, ଜଗତସିଂହପୁର, ଖୋର୍ଦ୍ଧା ଓ ପୁରୀ ଜିଲ୍ଲାର କିଛି ଅଂଚଳ ବନ୍ୟାଦ୍ୱାରା ପ୍ରଭାବିତ ହେବାର ସମ୍ଭାବନା ରହିଛି। ଏଥିପାଇଁ ୭ଟି ଓଡ୍ରାଫ, ୩ଟି ଏନଡିଆରଏଫ ଓ ୧୨ଟି ଅଗ୍ନିଶମ ଦଳ ନିୟୋଜିତ କରାଯିବ।

# ଯୋଗୀ ଆଦିତ୍ୟନାଥଙ୍କୁ ବୋମାରେ ଉଡ଼ାଇ ଦେବାକୁ ଧମକ

ଲକ୍ଷ୍ନୌ, ୧୪/୦୮ (ନି.ପ୍ର): 'ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ବୋମାରେ ଉଡାଇଦେବୁ। ୧୫ ଦିନ ଭିତରେ ରେଜଲ୍ଟ ଦେଖିବ। ତୁମମାନେ ଆମକୁ ଯେତିକି କଦେଇଛ ତା'ର ପ୍ରତି ଲୁହର ହିସାବ ଦେବାକୁ ପଡିବ।' ଏଭଳି କିଛି ଧମକପୂର୍ଣ୍ଣ ଚିଠି ମିଳିଛି। ସଲମାନ ସିଦ୍ଧିକି ନାମକ ଜଣେ ବ୍ୟକ୍ତି ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ନାଥଙ୍କ ସମେତ ଭାରତୀୟ କୃଷକ ମଞ୍ଚରର ଜାତୀୟ ସଭାପତି ଏବଂ ପାଆଇଏଲ୍ କାର୍ଯ୍ୟକର୍ତ୍ତା ଦେବେନ୍ଦ୍ର ତିୱାରୀଙ୍କୁ ହତ୍ୟା ଧମକ ଦେଇଛି। ଏହି ଘଟଣା ପରେ ପୁଲିସ ସଲମାନ ନାଁରେ ମାମଲା ରୁଜୁ କରିଛି। ଉତ୍ତରପ୍ରଦେଶର ଆଲମବାଗ ଅଞ୍ଚଳରେ ରହୁଥିବା ପିଆଇଏଲ୍ କାର୍ଯ୍ୟକର୍ତ୍ତା ଦେବେନ୍ଦ୍ର ତିୱାରୀଙ୍କ ଘର ବାହାରେ ଗୁରୁବାର ରାତିରେ ଏକ ବ୍ୟାଗ୍ ମିଳିଥିଲା। ସେହି ବ୍ୟାଗ୍‌ରୁ ଏକ ଚିଠି ମିଳିଥିଲା। ଏଥିରେ ଦେବେନ୍ଦ୍ରଙ୍କ ସମେତ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ମଧ ଏଥିରେ ହତ୍ୟା କରିବାକୁ ଧମକ ଦିଆଯାଇଥିଲା।


DADLS-28



ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଓଡ଼ିଶାବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଏବଂ ଅଭିନନ୍ଦନ ଜଣାଉଛି । ଆସନ୍ତୁ, ଓଡ଼ିଶାର ବିକାଶ ରଥକୁ ଆହୁରି ଆଗକୁ ନେବା ସହିତ ଦେଶର ଗୌରବ ବୃଦ୍ଧି ପାଇଁ ଆଜିର ଏହି ପବିତ୍ର ଦିନରେ ସଂକଳ୍ପବଦ୍ଧ ହୋଇ କାମ କରିପାରିବା ।

ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR : 15001/13/0093/2223



DADLS-28



ପବିତ୍ର ସ୍ୱାଧୀନତା ଦିବସ ଅବସରରେ
ବାର୍ତ୍ତା

ପବିତ୍ର ୭୬ତମ ସ୍ୱାଧୀନତା ଦିବସର ଶୁଭ ଅବସରରେ ମୁଁ ଓଡ଼ିଶାବାସୀ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି ।

ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରଦର୍ଶିତ ଅହିଂସା ଓ ସତ୍ୟାଗ୍ରହ ମାର୍ଗରେ ପରିଚାଳିତ ହୋଇ ଦେଶପ୍ରେମୀ ସଂଗ୍ରାମୀଙ୍କ ତ୍ୟାଗ, ତପସ୍ୟା ଓ ତିତିକ୍ଷା ବଳରେ ଆମେ କଷ୍ଟଲବ୍ଧ ସ୍ୱାଧୀନତା ହାସଲ କରିଛେ ।

ଆସନ୍ତୁ, ଦେଶର ସ୍ୱାଧୀନତା ପାଇଁ ଆତ୍ମୋତ୍ସର୍ଗ କରିଥିବା ସଂଗ୍ରାମୀମାନଙ୍କର ବଳିଦାନକୁ ସସମ୍ମାନେ ସ୍ମରଣ କରିବା ଏବଂ ଏକ ସଶକ୍ତ ଓ ସମୃଦ୍ଧ ରାଜ୍ୟ ତଥା ଦେଶ ଗଢ଼ିବାକୁ ସଂକଳ୍ପବଦ୍ଧ ହେବା ।

(ପ୍ରଦିପ କୁମାର ଅମାତ)
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ,
ପଞ୍ଚାୟତିରାଜ ଓ ପାନୀୟ ଜଳ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ

OIPR : 15001/13/0093/2223


## ମୁଖ୍ୟମନ୍ତ୍ରୀଙ୍କୁ ହାତ ତିଆରି ଜାତୀୟ ପତାକା ପ୍ରଦାନ

ଭୁବନେଶ୍ୱର,୧୪/୦୮ (ନି.ପ୍ର): ସ୍ୱାଧୀନତାର ପଚସ୍ତରୀ ବର୍ଷ ପାଳନ ଅବ୍ୟବହିତ ପୂର୍ବରୁ ଆଜି ରାଜ୍ୟ ର ବିଭିନ୍ନ ଅଂଚଳର ମିଶନ ଶକ୍ତି ର ମା ମାନେ ନବୀନ ନିବାସ ରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟନାୟକ ଙ୍କୁ ଭେଟି ସେମାନଙ୍କ ହାତ ତିଆରି ଜାତୀୟ ପତାକା ପ୍ରଦାନ କରିଥିଲେ । ମୁଖ୍ୟମନ୍ତ୍ରୀ ଶ୍ରୀ ପଟନାୟକ ପତାକା ଗ୍ରହଣ କରି ସେମାନଙ୍କୁ ଧ ନ ୍ୟ ବ । ଦ ଜଣାଇଥିଲେ । ଜାତୀୟ ପତଳା ତିଆରି ପରି ଏକ ମହାନ ଦାୟିତ୍ୱ ମିଶନ ଶକ୍ତି ମା ମାନଙ୍କୁ ଦେଇଥିବାରୁ ଏହା ସେମାନଙ୍କ ପାଇଁ ଗର୍ବ ର କଥା ବୋଲି କହିବା ସହ ଏହିପାଇଁ ମୁଖ୍ୟମନ୍ତ୍ରୀ ଙ୍କୁ କୃତଜ୍ଞତା ଜଣାଇ ଥିଲେ ।

# ମହାରାଷ୍ଟ୍ର ମନ୍ତ୍ରୀମଣ୍ଡଳରେ ବିଭାଗ ବଣ୍ଟନ: ଦେବେନ୍ଦ୍ର ଫଡନାଭିସଙ୍କୁ ଗୃହ ଓ ଅର୍ଥ ବିଭାଗ



ନୂଆଦିଲ୍ଲୀ, ୧୪/୦୮ : ଲମ୍ବା ସମୟ ଅପେକ୍ଷା ପରେ ଏବେ ସିନ୍ଦେ ସରକାରରେ ମନ୍ତ୍ରୀ ମଣ୍ଡଳ ବଣ୍ଟା ହୋଇଛି । ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କୁ ଏମଆରଡିସି ଓ ସହରୀ ବିକାଶ ବିଭାଗର ଦାୟିତ୍ୱ ମିଳିଛି । ସେହିପରି ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ ଗୃହ ଓ ଅର୍ଥ ବିଭାଗର ଦାୟିତ୍ୱ ତୁଲାଇବେ । ଅନ୍ୟମାନଙ୍କ ମଧ୍ୟରେ ଚନ୍ଦ୍ରକାନ୍ତ ପାଟିଲଙ୍କୁ ଉଚ୍ଚ ଶିକ୍ଷା ବିଭାଗ, ସୁଧିର ମୁନଧନିତବାରଙ୍କୁ ବନ ବିଭାଗ ଦାୟିତ୍ୱ ମିଳିଛି । ରାଜ୍ୟପାଳ ଭଗତ ସିଂ କୋଶିୟାରୀଙ୍କ ମଞ୍ଜୁରୀ ପରେ ବିଭାଗ ଆବଣ୍ଟନ ଘୋଷଣା ହୋଇଛି । ସିନ୍ଦେ କ୍ୟାବିନେଟରେ ୯ ଅଗଷ୍ଟକୁ ୧୮ ଜଣ ମନ୍ତ୍ରୀ ଶପଥ ନେଇଥିଲେ । ଯେଉଁଥିରେ ବିଜେପିରୁ ୯ ସିନ୍ଦେଙ୍କ କ୍ୟାମ୍ପରୁ ୯ ମନ୍ତ୍ରୀ ସାମିଲ ଅଛନ୍ତି । ମହାରାଷ୍ଟ୍ର ମନ୍ତ୍ରୀ ପରିଷଦର ସଦସ୍ୟଙ୍କ ସଂଖ୍ୟା ୨୦ । ସବୁଠାରୁ ବଡ କଥା ହେଉଛି ସିନ୍ଦେ କ୍ୟାବିନେଟରେ କୌଣସି ବି ମହିଳା ମନ୍ତ୍ରୀଙ୍କୁ ସ୍ଥାନ ମିଳିନାହିଁ ।

# ରାଜ୍ୟରେ ୧୧ଟି ଜିଲ୍ଲାକୁ ରେଡ଼ ଓ ୧୯ଟି ଜିଲ୍ଲାକୁ ଅରେଂଜ ୱାର୍ଣ୍ଣିଂ

ଭୁବନେଶ୍ୱର,୧୪/୦୮ (ନି.ପ୍ର): ରାଜ୍ୟରେ ଆଗାମୀ ୨୪ ଘଂଟାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ୧୧ଟି ଜିଲ୍ଲା ପାଇଁ ରେଡ଼ ୱାର୍ଣ୍ଣିଂ ଜାରି କରାଯାଇଥିଲା ବେଳେ ୧୯ଟି ଜିଲ୍ଲା ପାଇଁ ଅରେଂଜ ୱାର୍ଣ୍ଣିଂ ଜାରି କରାଯାଇଛି। ଯେଉଁ ଜିଲ୍ଲା ମାନଙ୍କ ପାଇଁ ରେଡ଼ ୱାର୍ଣ୍ଣିଂ ଜାରି କରାଯାଇଛି ସେଗୁଡ଼ିକ ମଧ୍ୟରେ ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, ସୋନପୁର, ବରଗଡ଼, ଅନୁଗୋଳ, ସମ୍ବଲପୁର, ଝାରସୁଗଡ଼ା, ଦେବଗଡ଼, କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲ୍ଲା ରହିଛି। ଏହି ଜିଲ୍ଲା ମାନଙ୍କରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଅର୍ଥାତ୍ ୭ ରୁ ୨୦ ସେଂଟିମିଟର ବର୍ଷା ସହ ଗୋଟିଏ ଦୁଇଟି ସ୍ଥାନରେ ଅତ୍ୟନ୍ତ ପ୍ରବଳ ବର୍ଷା ଅର୍ଥାତ୍ ୨୦ ସେ.ମି.ରୁ ଉର୍ଦ୍ଧ ବର୍ଷା ହେବାର ସମ୍ଭାବନା ରହିଛି। ଭୁବନେଶ୍ୱର ସ୍ଥିତ ପାଣିପାଗ ବିଜ୍ଞାନ କେନ୍ଦ୍ର

▶▶ପୃଷ୍ଠା ୭

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଆଗାମୀ ସ୍ୱପ୍ନ...

ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ଚିନ୍ତା ସାମ୍ପ୍ରତିକ ସମୟରେ ସମଗ୍ର ବିଶ୍ୱକୁ ଘାରିଛି । କିନ୍ତୁ ଭାରତ ଭଳି କ୍ୱଚିତ୍ କୌଣସି ରାଷ୍ଟ୍ର ଏହାକୁ ଗୁରୁତ୍ୱର ସହିତ ଗ୍ରହଣ କରି କାର୍ଯ୍ୟ କରୁଛନ୍ତି ବୋଲି କୁହାଯାଇପାରେ, କାରଣ ସୀମିତ ସମ୍ବଳ ସତ୍ତ୍ୱେ ଭାରତ ନିରନ୍ତର ଭାବରେ ଏହି ଦିଗରେ କାର୍ଯ୍ୟ କରି ଚାଲିଛି । ଏହି କ୍ରମରେ ବୁଧବାର ଦିନ କେନ୍ଦ୍ର କ୍ୟାବିନେଟ୍ ଭାରତର ଅଧୁନାତନ ରାଷ୍ଟ୍ରୀୟ ନିର୍ଦ୍ଧାରିତ ଅବଦାନ (ଏନ୍‌ଡିସି)କୁ ଅନୁମୋଦନ ପ୍ରଦାନ କରିଛି, ଯାହା ହେଉଛି, ଅଙ୍ଗାରକ ନିର୍ଗମନକୁ ହ୍ରାସ କରିବା ଏବଂ ଜଳବାୟୁ ପରିବର୍ତ୍ତନ ସହିତ ଖାପ ଖୁଆଇବା ନିମନ୍ତେ ଦୀର୍ଘ-କାଳୀନ ଲକ୍ଷ୍ୟଗୁଡ଼ିକର ଏକ ସମାହାର । ସୂଚାଇ ଦିଆଯାଇପାରେ କି, ପ୍ୟାରିସ ରାଜିନାମାରେ ସ୍ୱାକ୍ଷର କରିଥିବା ପ୍ରତ୍ୟେକ ରାଷ୍ଟ୍ର ପ୍ରତି ପାଞ୍ଚବର୍ଷରେ ଥରେ ଜଳବାୟୁ ପରିବର୍ତ୍ତନକୁ ରୋକିବା ନିମନ୍ତେ କେଉଁ ପ୍ରକାରର ପଦକ୍ଷେପ ନେଉଛନ୍ତି ଏବଂ ଆଗାମୀ ସମୟରେ ସେଥି ସହିତ ଖାପ ଖୁଆଇବାକୁ ଯାଉଛନ୍ତି, ସେ ସମ୍ପର୍କିତ ଯୋଜନା ପ୍ରଦାନ କରିବାକୁ ପଡ଼ିଥାଏ । ଭାରତର ସଦ୍ୟତମ ଲକ୍ଷ୍ୟ ମଧ୍ୟରେ ୨୦୦୫ ସ୍ତରଠାରୁ ୨୦୩୦ ମଧ୍ୟରେ ଏହାର ମୋଟ ଘରୋଇ ଉତ୍ପାଦ (ଜିଡିପି)ର ନିର୍ଗମନ ଘନତ୍ୱକୁ ୪୫ ପ୍ରତିଶତ କମାଇବା ସହିତ ୨୦୩୦ ସୁଦ୍ଧା ଅଣ-ଜୀବାଶ୍ମ ଜାଳେଣି-ଭିତ୍ତିକ ଶକ୍ତି ଉତ୍ସରୁ ୫୦ ପ୍ରତିଶତ ସଂଚୟୀ ବିଦ୍ୟୁତ୍ ଶକ୍ତି ସ୍ଥାପନ ସାମର୍ଥ୍ୟ ହାସଲ କରିବା ଅନ୍ତର୍ଭୁକ୍ତ । କହିବା ବାହୁଲ୍ୟ, ସରକାରଙ୍କର ଏହି ଲକ୍ଷ୍ୟ ଅତ୍ୟନ୍ତ ପ୍ରଶଂସନୀୟ, ବିଶେଷକରି ଏଇଥିପାଇଁ ଯେ ଭାରତ ଏହାର ଜଳବାୟୁ ସମ୍ପର୍କିତ ଲକ୍ଷ୍ୟକୁ ହାସଲ କରିବା ଦିଗରେ ଜି ୨୦ ରାଷ୍ଟ୍ରମାନଙ୍କ ମଧ୍ୟରେ ଉପଯୁକ୍ତ ପଥରେ ପଥିକ ହୋଇଥିବା ଏକମାତ୍ର ରାଷ୍ଟ୍ର ବୋଲି ମନେହୁଏ । ୨୦୦୫ରୁ ୨୦୧୬ ମଧ୍ୟରେ ଭାରତର ନିର୍ଗମନର ଘନତ୍ୱ ଏହାର ଜିଡିପିର ୨୪ ପ୍ରତିଶତ ହ୍ରାସ ପାଇଥିଲା । ତେବେ ସମ୍ପ୍ରତି ଧାର୍ଯ୍ୟ କରାଯାଇଥିବା ନୂତନ ଲକ୍ଷ୍ୟଗୁଡ଼ିକୁ ହାସଲ କରିବା ନିମନ୍ତେ ଦେଶକୁ ବିଭିନ୍ନ ଦିଗରେ ଅଧିକ କାର୍ଯ୍ୟ କରିବାର ଆବଶ୍ୟକତା ରହିବ । ଉଦାହରଣ ସ୍ୱରୂପ, ଭାରତକୁ ଏହାର ଜୀବାଶ୍ମ ଜାଳେଣି ଉଦ୍ୟୋଗଗୁଡ଼ିକୁ ପ୍ରଦାନ କରୁଥିବା ରିହାତି ବା ସବ୍‌ସିଡିଗୁଡ଼ିକୁ ପର୍ଯ୍ୟାପ୍ତ ପରିମାଣରେ ହ୍ରାସ କରିବା ଆବଶ୍ୟକ ହେବ । ବିଗତ ସାତ ବର୍ଷ ଭିତରେ ଦେଶ ନବୀକରଣୀୟ ଶକ୍ତି କ୍ଷେତ୍ରରେ ୫.୨ ଟ୍ରିଲିଅନ୍ ଅର୍ଥରାଶି ପୁଞ୍ଜିନିବେଶ କରିଛି; କିନ୍ତୁ ଅପର ପକ୍ଷରେ ଜୀବାଶ୍ମ ଜାଳେଣି ଉଦ୍ୟୋଗରେ ୨୦୧୫ରୁ ୨୦୧୯ ଭିତରେ ୪ ପ୍ରତିଶତ ପୁଞ୍ଜିନିବେଶ ହ୍ରାସ କରା ଯାଇଥିଲେ ସୁଦ୍ଧା ଏହାର ପରିଣାମ ୨୪୫ ଟ୍ରିଲିଅନ୍ ଥିଲା । ଏସବୁ ଅପେକ୍ଷା ଅଧିକ ଗଭୀର ଚିନ୍ତାଜନକ ବିଷୟ ହେଉଛି, ୨୦୨୦-୨୧ରେ କୋଇଲା ଉତ୍ପାଦନ ୭୧୬ ମିଲିଅନ୍ ଟନ୍‌ରୁ ବୃଦ୍ଧି କରାଯାଇ ୨୦୨୪ ସୁଦ୍ଧା ଏହାକୁ ୧ ବିଲିଅନ୍ ଟନ୍ କରାଯିବାକୁ ଆକଳନ କରାଯାଇଛି । ସର୍ବୋପରି, ଅର୍ଥ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ଅଟକଳ ଦର୍ଶାଇଛି ଯେ ଭାରତର ପୂର୍ବର ଏନ୍‌ଡିସିଗୁଡ଼ିକର ସଂଚୟୀ ମୂଲ୍ୟ ହାରାହାରି ୩.୫ ଟ୍ରିଲିଅନ୍ ଡଲାର ଥିଲା । ଏହାର ୧୦ ପ୍ରତିଶତରୁ ଅଧିକ ଅର୍ଥ ବହୁପକ୍ଷୀୟ ଏବଂ ଆନ୍ତର୍ଜାତିକ ମାଧ୍ୟମଗୁଡ଼ିକରୁ ଆସିବାର ସମ୍ଭାବନା ନାହିଁ । ଅବଶିଷ୍ଟ ଅର୍ଥ ରାଶିକୁ ଘରୋଇ ଆର୍ଥିକ ବ୍ୟବସ୍ଥା ଜରିଆରେ ଭରଣା କରିବାକୁ ହେବ । ତେବେ ଭାରତରେ ସବୁଜ ଅର୍ଥନୀତି ଏବେ ବି ଦୁର୍ଲଭ ରହିଛି । ପରିବେଶ ମନ୍ତ୍ରଣାଳୟର ଜନୈକ କର୍ମଚାରୀଙ୍କ କହିବା ଅନୁସାରେ ନେଟ୍-ଜିରୋ ଏନ୍‌ଡିସିର ଅଂଶ ହେବାର ଆବଶ୍ୟକତା ନାହିଁ, କାରଣ ଏହା ଏକ ୨୦୭୦ ପାଇଁ ଧାର୍ଯ୍ୟ କରାଯାଇଥିବା ଲକ୍ଷ୍ୟ । ତେବେ ଏହା ଭାରତର 'ଦୀର୍ଘ-କାଳୀନ ନିର୍ଗମନ କୌଶଳ'ର ଏକ ଅଂଶ ହୋଇପାରେ, ଯାହାକୁ ଆଗାମୀ ସିଓପି (କନ୍‌ଫରେନ୍ସ ଅଫ୍ ପାର୍ଟିଜ୍) ବେଳକୁ ଦାଖଲ କରାଯିବାର ଅଛି । ଏ ବାବଦରେ କାର୍ଯ୍ୟ ଚାଲୁ ରହିଛି । ଏସବୁ ଭିତରେ ଅନ୍ୟ ଗୋଟିଏ କଥା ରହିଛି । ପୂର୍ବର ଏକ ଏନ୍‌ଡିସି ଯାହାକୁ ଅଧୁନାତନ କରାଯାଇ ନାହିଁ କି ତା' ବିଷୟରେ କିଛି କୁହାଯାଇ ନାହିଁ, ତାହା ହେଉଛି- ୨୦୩୦ ସୁଦ୍ଧା ଜଙ୍ଗଲ ଏବଂ ବୃକ୍ଷାଚ୍ଛାଦନକୁ ବୃଦ୍ଧି କରାଯାଇ ୨.୫ରୁ ୩ ବିଲିଅନ୍ ଟନ୍‌ର ଅତିରିକ୍ତ ଅଙ୍ଗାରକ ଧ୍ୱଂସକାରୀ ପୁଷ୍କରିଣୀ ବା ସିଙ୍କ୍ ତିଆରି କରିବା । ଏହା ଅତ୍ୟନ୍ତ ଦୁଃଖଦ ବ୍ୟାପାର, କାରଣ ୨୦୦୧ରୁ ୨୦୨୦ ଭିତରେ ଭାରତ ୧୪ଟି ଦିଲ୍ଲୀ ରାଜ୍ୟ/ କେନ୍ଦ୍ରଶାସିତ ଅଞ୍ଚଳର ଆୟତନ ଯେତିକି ହେବ, ପ୍ରାୟ ସେତିକି ଅର୍ଥାତ୍ ୧.୯୩ ମିଲିଅନ୍ ହେକ୍ଟରର ବୃକ୍ଷ ଆଚ୍ଛାଦାନ ହରାଇଛି । ସବୁଠୁ ବଡ଼କଥା ହେଉଛି, କେବଳ ୨୦୨୦ରେ ହିଁ ଦେଶ ୧୩୨,୦୦୦ ହେକ୍ଟର ପ୍ରାକୃତିକ ଜଙ୍ଗଲ ହରାଇଛି । ଜଙ୍ଗଲ ଏବଂ ବୃକ୍ଷ ଆଚ୍ଛାଦନରେ ବୃଦ୍ଧି ଘଟାଇ ଅଙ୍ଗାରକ ନିର୍ଗମନକୁ ନିୟନ୍ତ୍ରଣ କରିବା ଭାରତର ଏନ୍‌ଡିସି ଲକ୍ଷ୍ୟ ହାସଲ କରିବା ଦିଗରେ ସହାୟକ ହେବ, କାରଣ ଏହା ଦେଶର ନିର୍ଗମନ ସ୍ତରକୁ ହ୍ରାସ କରାଇବା ସହିତ ଉତ୍ତାପର ପ୍ରଭାବକୁ କ୍ଷୁର୍ଣ୍ଣ କରିବ । ସମଗ୍ର ଦେଶରେ ବର୍ଷ ପରେ ବର୍ଷ ଉତ୍ତାପର ମାତ୍ରା ବୃଦ୍ଧି ପାଉଥିବା ବେଳେ ଏହା ଜନସ୍ୱାସ୍ଥ୍ୟ ଏବଂ ଜାତୀୟ ଅର୍ଥନୀତି ପ୍ରତି କ୍ଷତିକାରକ ପରିଣତିକୁ ବହନ କରି ଆଣୁଛି । ଏହା ବାଦ୍ ଦେଶର ବାତାବରଣକୁ ଶୀତଳ କରିବା ନିମନ୍ତେ ଅନ୍ୟ ଏକ ଉପାୟ ଯାହା ପ୍ରତି ପର୍ଯ୍ୟାପ୍ତ ଧ୍ୟାନ ଦିଆଯାଇ ନଥିବା ମନେହୁଏ, ତାହା ହେଉଛି, ଉତ୍ତାପ-ପ୍ରତିରୋଧୀ ଭିତ୍ତିଭୂମି, ଯାହା ପ୍ରଭୂତ ପରିମାଣରେ ଶକ୍ତି ଉପଭୋଗ ବା କଞ୍ଜମ୍ପସନ୍‌କୁ କମାଇବାରେ ସାହାଯ୍ୟ କରିବ । ନୀତିଗତ ସ୍ତରରେ ଏସବୁ ବ୍ୟତିକ୍ରମଗୁଡ଼ିକ ପ୍ରତି ଉପଯୁକ୍ତ ଧ୍ୟାନ ଦିଆ ଯିବାର ଆବଶ୍ୟକତା ରହିଛି ।

## ତିନିରଙ୍ଗର୍ ଏ ତ୍ରିରଙ୍ଗା- ଉଡ଼େଇବା ଆସ

**କାଳିକିଙ୍କର**

ଆମ ଦେଶ ଭାରତବର୍ଷ୧୫ ଅଗଷ୍ଟ ୧୯୪୭ ମସିହାରେ ସ୍ୱାଧୀନ ହେଲା । ୧୪ ତାରିଖର ମଧ୍ୟ ରାତ୍ରିରେ ଏ ଦେଶର ଅନ୍ଧାରି ଆକାଶରେ ସ୍ୱାଧୀନତାର ଦୀପ୍ତିମନ୍ତ ସୂର୍ଯ୍ୟ ପ୍ରତୀୟମାନ ହେଲା ଓ ଏ ଦେଶର କୋଣ ଅନୁକୋଣରୁ ପରାଧୀନତାର ଅନ୍ଧାର ଦୂରେଇ ଗଲା । ସେଦିନ ଭାରତର ପ୍ରାୟ ପ୍ରତ୍ୟେକ କୋଣ ଅନୁକୋଣରେ ଉଡୁଥିଲା ତ୍ରିରଙ୍ଗା । ଛୁଆଠାରୁ ବୁଢା ପର୍ଯ୍ୟନ୍ତ ସମସ୍ତଙ୍କ ହାତରେ ଥିଲା ତ୍ରିରଙ୍ଗା । ଗରିବର କୁଡ଼ିଆ ହେଉ କି ଧନୀକର ମହଲ- ଉଡୁଥିଲା ତ୍ରିରଙ୍ଗା । ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟୀୟନ, ଜୈନ, ବୁଦ୍ଧ, ଶିଖ ସମସ୍ତଙ୍କ ହାତରେ ଥିଲା ତ୍ରିରଙ୍ଗା । ହର ଘରରେ ଥିଲା ତ୍ରିରଙ୍ଗା, ହର ବ୍ୟକ୍ତିଙ୍କ ହାତରେ ଥିଲା ତ୍ରିରଙ୍ଗା ।

ଶ୍ରଦ୍ଧା, ସମ୍ମାନ ଓ ସ୍ୱାଭିମାନର ପ୍ରତୀକ ଭାବରେ ସାରା ଦେଶରେ ଉଡୁଥିଲା ତ୍ରିରଙ୍ଗା । ସମସ୍ତେ ଉତ୍ସାହ ଉଦ୍ଦୀପନାର ସହ ଏ ଦିନକୁ ଉପଭୋଗ କରୁଥିଲାବେଳେ ଏକ ଚରମ ଅବସୋସ ନେଇ ଏକୁଟିଆ ଏକ ଅନ୍ଧାର ଘରେ ବସିଥିଲେ ମହାତ୍ମା ଗାନ୍ଧୀ । କାନରେ ବାଜୁଥିଲା ମହାତ୍ମା ଗାନ୍ଧୀ କି ଜୟ- ଭାରତ ମାତା କି ଜୟ- ବିଜୟ ବିଶ୍ୱ ତ୍ରିରଙ୍ଗା ପ୍ୟାରା- ଝଣ୍ଡା ଉଚା ରହେ ହମାରା ।

ସେଦିନ ଅଖଣ୍ଡ ଭାରତର ସ୍ୱପ୍ନ ଭାଙ୍ଗିଯାଇ ଦ୍ୱିଖଣ୍ଡ ହୋଇ ଯାଇଥିଲା ଭାରତବର୍ଷ । ହିନ୍ଦୁ ଓ ମୁସଲମାନ ସାଥି ହୋଇ ଏ ଦେଶରେ ରହୁଥିଲେ ସାଥିହୋଇ ଲଢୁଥିଲେ ଏହି ସ୍ୱାଧୀନତା ଆନ୍ଦୋଳନ । ତେବେ ଇଂରେମାନେ ହିନ୍ଦୁ ଓ ମୁସଲମାନ ମାନଙ୍କୁ ଅଲଗା କରି ଏହି ଆନ୍ଦୋଳନକୁ ଦୁର୍ବଳ କରିବାର ଯେଉଁ ଷଡ଼ଯନ୍ତ୍ର ରଚିଥିଲେ ତାର ଶୀକାର ହୋଇ ଜନ୍ମ ନେଲା ପାକିସ୍ତାନ । ସେମାନଙ୍କୁ ଏକ କରି ରଖିପାରିଲେ ନାହିଁ ଗାନ୍ଧୀ ।

ଅନେକ ଏହି ଭାରତରେ ରହିବାକୁ ପସନ୍ଦ କଲାବେଳେ ଅନେକ ପାକିସ୍ତାନକୁ ଚାଲିଗଲେ । ଯେଉଁ ତ୍ରିରଙ୍ଗା ତଳେ ହିନ୍ଦୁ ମୁସଲମାନ ସମସ୍ତେ

ଏକ ହୋଇ ଏ ଦେଶର ସ୍ୱାଧୀନତା ପାଇଁ ଶପଥ ନେଇଥିଲେ ସେହି ତ୍ରିରଙ୍ଗାକୁ ଭୁଲ ଧର୍ମଭିତ୍ତିକ ଜାତୀୟ ଧ୍ୱଜ ତିଆରିକଲା ପାକିସ୍ତାନ । ଘୃଣା,ଇର୍ଷା, ଦ୍ୱେଷ, ବିଦ୍ୱେଶ, ଅସତ୍ୟ ବିରୁଦ୍ଧରେ ଆପଣାର ସମସ୍ତ ସଂଗ୍ରାମ ସଫଳ ହେଲାନାହିଁ । ଏ ଦେଶର କିଛି ନ୍ୟସ୍ତସ୍ୱାର୍ଥଷ ବ୍ୟକ୍ତିଙ୍କ ଯୋଗୁଁ ଏ ଦେଶ ସ୍ୱାଧୀନତା ଲାଭ କଲାବେଳକୁ ଘୃଣା, ଇର୍ଷା, ଦେଷ,ବିଦ୍ୱେର୍ଷ ଅସତ୍ୟ ଚେର ମାଡ଼ି ନେଇଥିଲା ।

ଏକ ଅସହାୟ ଭାବରେ ତ୍ରିରଙ୍ଗା ପତାକାକୁ ଅନେଇ ରହିଥିଲେ ଗାନ୍ଧୀ । ତ୍ରିରଙ୍ଗାର ତିନିରଙ୍ଗ ନୁହେଁ ତିନି ଅମୂଲ୍ୟ ପ୍ରାଣସତ୍ତା ଭାବରେ ଗାନ୍ଧୀଙ୍କ

ସହ ଏକାତ୍ମ ହେଉଥିଲେ ।

ନାରଙ୍ଗୀ ଅର୍ଥାତ ଭାରତୀୟ ଆଧ୍ୟାତ୍ମିକ ଚିନ୍ତା ଚେତନାର ପ୍ରତୀକ- ଦେବଭୂମି ଏହି ମହାନ ଭାରତର ଦୈବୀ ଶକ୍ତି-ଈଶ୍ୱର ବିଶ୍ୱାସର ପ୍ରତୀକ କେବଳ ନିଷ୍କାମ କର୍ମ ଯେଉଁ କର୍ମରେ ଥିବ ସତ୍ୟ ଓ ସାଧୁତା- ସେହି ମହାନ ଗୁଣର ପ୍ରତୀକ । ସୁଜଳା ଶ୍ୟାମଳା- ଶସ୍ୟ ଶ୍ୟାମଳା ଭାରତୀୟ ଅନ୍ନଦାତାଙ୍କର ପ୍ରତୀକ ସବୁଜ - ସବୁଜ ଶସ୍ୟ କ୍ଷେତ୍ର, ପାହାଡ଼ ଜଙ୍ଗଲର ସବୁଜିମା- ସମସ୍ତଙ୍କ କ୍ଷୁଧା ନିବାରଣର ପ୍ରତୀକ- ଅନ୍ନ ଦାୟିନୀ ମାଆ ମହାଲକ୍ଷ୍ମୀଙ୍କର ପ୍ରତୀକ- ସମଗ୍ର ବିଶ୍ୱରେ ବସବାସ କରୁଥିବା ପ୍ରାଣୀଙ୍କର କ୍ଷୁଧା ନିବାରଣର ପ୍ରତୀକ- ମନ ହୃଦୟର ସନ୍ତୋଷର ପ୍ରତୀକ- ତ୍ୟାଗ ଓ ବଳିଦାନର ପ୍ରତୀକ । ସଫେଦ ଅର୍ଥାତ ଧଳା ରଙ୍ଗ ନିର୍ମଳ ହୃଦୟର ପ୍ରତୀକ- ସୁଖ ଶାନ୍ତିର ପ୍ରତୀକ- ନିଷ୍ଠା ଓ ନ୍ୟାୟର ପ୍ରତୀକ- ସାମାଜିକ ସଂରଚନାର ପ୍ରତୀକ- ବିଶ୍ୱଜନଙ୍କୁ ପାଇବାର ପ୍ରତୀକ- ପ୍ରେମର ପ୍ରତୀକ । ଅଶୋକ ଚକ୍ର ଆମ ସାହସ ଓ ସ୍ୱାଭିମାନର ପ୍ରତୀକ, ବୀରତ୍ୱର ପ୍ରତୀକ, ଦେଶମାତୃକା ପାଇଁ ପ୍ରାଣ ବିସର୍ଜନର ପ୍ରତୀକ- ଏକତା ଓ ଭଲପାଇବାର ପ୍ରତୀକ ।

ଏମିତି ଭାବରେ ଆମର ଏହି ମହାନ ଆଦର୍ଶର ବାର୍ତ୍ତାବହ ଏ ତ୍ରିରଙ୍ଗା । ୧୯୨୯ ମସିହାରେ ଏହି ପତାକାକୁ ଆମର ଜାତୀୟ ପତାକା ଭାବରେ ଗ୍ରହଣ କରାଯାଇଥିଲା । ପ୍ରଥମେ ଦୁଇ ରଙ୍ଗ ବିଶିଷ୍ଟ ଥିଲା ବୋଲି ଇତିହାସରୁ ଜାଣିବାକୁ ମିଳେ ତେବେ ପରେ ଏହା ସଂଶୋଧିତ ହୋଇ ଆଜିର ଏହି ତ୍ରିରଙ୍ଗାର ସ୍ତରକୁ ଆସି ପହଂଚିଲା ।

କେହିକେବେ କଳ୍ପନା କରିନଥିବ ଯେ ଦିନେ ଏମିତି ଏକ ସମୟ ଆସିବ ଯେ ପବିତ୍ର ତ୍ରିରଙ୍ଗା ପତାକାକୁ ନେଇ ପ୍ରଶ୍ନ ଛିଡ଼ା ହେବ । ଏହାକୁ ଉଡ଼େଇବାକୁ ନେଇ ଆଲୋଚନା ସମାଲୋଚନା ହେବ । ଏହାକୁ ନେଇ ରାଜନୀତି ହେବ । ଏହା ସତ ଯେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଏହି ତ୍ରିରଙ୍ଗା ବେଳରେ ନାରଙ୍ଗୀ ଝଣ୍ଡା ଓ ସମ୍ବିଧାନ ବଦଳରେ ମନୁସଂହିତାକୁ ମାନିବା ପାଇଁ କହୁଥିଲେ । କିନ୍ତୁ ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀ ଏବଂ ଆଧୁନିକ ଭାରତର ନିର୍ମାତା ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ, ପ୍ରଥମ ଗୃହମନ୍ତ୍ରୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ, ସମ୍ବିଧାନ ପ୍ରଣେତା ଡଃ ବାବା ସାହେବ ଆମ୍ବେଦକର ଆଦି ତାହାକୁ ଗ୍ରହଣ କରିନ ଥିଲେ ମଧ୍ୟ ପଣ୍ଡିତ ନେହେରୁ ସମସ୍ତଙ୍କୁ ସାଥିରେ ନେଇ

ସରକାର ଗଠନ କରିଥିଲେ । ସବରକରଙ୍କୁ ମଧ୍ୟ ତାଙ୍କ ମନ୍ତ୍ରୀମଣ୍ଡଳରେ ସେ ସ୍ଥାନ ଦେଇଥିଲେ । ବିରାଧୀଙ୍କୁ ଓ ବିରୋଧୀଙ୍କ ସ୍ୱରକୁ ସେ ଯଥେଷ୍ଟ ସମ୍ମାନ ଦେଉଥିଲେ । ସେମାନଙ୍କର କଥାକୁ ଖୁବ ସତର୍କତାର ସହ ଶୁଣୁଥିଲେ ଓ ଗ୍ରହଣ ମଧ୍ୟ କରୁଥିଲେ । ପଣ୍ଡିତ ନେହେରୁ ବିରୋଧୀଙ୍କୁ ତାଙ୍କ ସରକାରର ଅବିଚ୍ଛେଦ୍ୟ ଅଙ୍ଗ ବୋଲି ଭାବୁଥିଲେ ।

ଏକ ସମାବେଶୀ ବହୁରଙ୍ଗୀ ଭାରତର ଶାସନ ବ୍ୟବସ୍ଥାର ସ୍ୱପ୍ନ ସେ ଦେଖିଥିଲେ । ଯେଉଁ ସରକାରରେ ସମସ୍ତଙ୍କୁ ସାମାଜିକ-ଅର୍ଥନୈତିକ-ରାଜନୈତିକ ନ୍ୟାୟ ମିଳୁଥିବ । ନଥିବ ବିଦ୍ୱେଷ ନ ଥିବ ଇର୍ଷା । ନଥିବ ଜାତି ଧର୍ମ ଆଦିକୁ ନେଇ ଭେଦଭାବ । ନ ଥିବ ଗର୍ବ ଓ ଅହଙ୍କାର । ଯିଏସରକାର ଗଢ଼ନ୍ତୁନା କାହିଁକି ଏହି ମୂଳ ତତ୍ତ୍ୱକୁ ଭୁଲିବେ ନାହିଁ । ଏହାହିଁ ମାଆ ଭାରତୀର ଆତ୍ମା ।

ବିଡ଼ମ୍ବନାର ବିଷୟ ଆଜି ଏହି ମୂଲ୍ୟ ଧୀରେ ଧୀରେ ଲୋପ ପାଇବାକୁ ଯାଉଛି । ସରକାରରେ ବସିଥିବା ଲୋକେ ବିରୋଧୀଙ୍କ ସ୍ୱର ଓ ସମ୍ମାନକୁ ଦବେଇବାର କୁତ୍ସିତ ପ୍ରୟାସ କରୁଛନ୍ତି । ସେମାନଙ୍କୁ କେମିତି ନିଶ୍ଚିହ୍ନ କରିହେବ ଏହି ଚେଷ୍ଟାରେ କଳବଳ ଲଗେଇ ଚାଲିଛନ୍ତି ଯାହା ଆମର ଏହି ଗଣତନ୍ତ୍ର ପାଇଁ ବିପଦ । ସାମ୍ବିଧାନିକ ସଂସ୍ଥା ଗୁଡ଼ିକୁ ବିରୋଧୀଙ୍କ ବିରୁଦ୍ଧରେ ବ୍ୟବହାର କରୁଛନ୍ତି । ଆପଣାର ଦଳ କିମ୍ୱା ସମର୍ଥକ ଯେତେ ପାପ କଲେ ମଧ୍ୟ ତାହା ଉପରେ ପରଦା ପକେଇ ରଖୁଛନ୍ତି । ଶାସନର ଶକ୍ତିକୁ ବ୍ୟବହାର କରି ନିର୍ଦ୍ଦୋଷଙ୍କୁ ଦୋଷୀ ପ୍ରମାଣିତ କରିବାରେ ଲାଗି ପଡ଼ିଛନ୍ତି ।

ଏମିତି ପରିସ୍ଥିତିରେ ଆଜି ସ୍ୱାଧୀନତାର ପଚସ୍ତରୀ ବର୍ଷ ପାଳନ କରିବାରେ ଲାଗିଛୁ । ଅମୃତ ମହୋତ୍ସବ ବୋଲି କହୁଛୁ । କିନ୍ତୁ ଦୁଃଖର କଥା ଯେ ସେହି ଅମୃତ ଭିତରେ ଆମେ ବିଷ ମଧ୍ୟ କାହାପାଇଁ ପରଶିବାକୁ ଚିନ୍ତା କରୁଛୁ ଯାହା ଏକ ଅବଶୋସର କଥା ।

ସମସ୍ତଙ୍କୁ ତ୍ରିରଙ୍ଗାକୁ ଓ ତ୍ରିରଙ୍ଗାର ଆହ୍ୱାନକୁ ବୁଝିବା ଆବଶ୍ୟକ । ଏହାହେଲେ ଆମ ସ୍ୱାଧୀନତାର ସ୍ୱପ୍ନ ନିଶ୍ଚୟ ଫଳପ୍ରସୂ ହେବ । ପ୍ରତ୍ୟେକ ଭାରତୀୟଙ୍କ ଭିତରେ ଗାନ୍ଧୀ, ନେହେରୁ, ପଟେଲ, ସୁବାସ ଆଦି ଜନ୍ମନେବେ । ସେମାନେ ସମସ୍ତେ କହିବେ ଆସ- ତ୍ରିରଙ୍ଗା ଉଡ଼େଇବା ଆସ- ଏ ମହାନ ଭାରତବର୍ଷକୁ ଆପଣାର କରିବା ଆସ- ସାରା ବିଶ୍ୱକୁ ଆପଣାର କରିବା ଆସ ।

ଯୋଗାଯୋଗ- ସୌଭାଗିନୀ ନିବାସ, ରଟିଲୋ, ରେଂଚ, ପୁରୀ- ୭୫୨୧୧୪, ମୋ-୮୨୪୯୨୧୬୦୬୭ ।

## ବିଶ୍ୱବିଜୟୀ ତ୍ରିରଙ୍ଗା

**ନଗେନ୍ଦ୍ର ନାଥ ପଟ୍ଟନାୟକ**

ସ୍ୱାଧୀନତାର ୭୫ ବର୍ଷକୁ ନେଇ ସାରା ଦେଶରେ ପାଳନ କରାଯାଉଛି ଅମୃତ ମହୋତ୍ସବ । ଘରେ ଘରେ ତିରଙ୍ଗା ଅଭିଯାନ ପହଁଚିସାରିଛି ଚରମ ସୀମାରେ । ତେବେ ସ୍ୱାଧୀନତା ଉତାରେ ଜନ୍ମିତ ପିଢି ତିରଙ୍ଗା ଇତିହାସ ସହ ସଂପୂର୍ଣ୍ଣ ଭାବେ ଅପରିଚିତ କହିଲେ ଦ୍ୱିରୁକ୍ତି ହେବନାହିଁ । ଏବର ପିଢି ଏକଥାକୁ ହୃଦବୋଧ କରିବାକୁ ପଡିବ ଯେ ଗୌରବ, ମର୍ଯ୍ୟାଦା,ସ୍ୱାଭିମାନ ଓ ଅସ୍ମିତା ପାଇଁ ପ୍ରତିଟି ଭାରତୀୟ ନିଜର ସର୍ବସ୍ୱ ତ୍ୟାଗ କରିବାର ଆବଶ୍ୟକତା ରହିଛି । ଏହାର ପୃଷ୍ଠଭୂମିରେ ଆମର ପବଜ ସଂଗ୍ରାମୀ ମାନଙ୍କର ବଳିଦାନ ତଥା ଉତ୍ସର୍ଗୀକୃତ ଜୀବନ ଅବିସ୍ମରଣୀୟ । ଏମାନେ ନିଜ ରକ୍ତରେ ଏଇ ତ୍ରିରଙ୍ଗା ରଙ୍ଗାୟିତ କରିବାକୁ ପଛାଇ ନ ଥିଲେ । ଅତୀତ ଇତିହାସ ଉପରେ ଦୃକପାକ କଲେ ଜଣାଯାଏ ୧୮୫୭ରେ ଯେଉଁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ସଂଘଟିତ ହୋଇଥିଲା ସେଥିରେ ପ୍ରଥମ ଥରପାଇଁ ଜାତୀୟ ପତାକାର ବ୍ୟବହାର ହୋଇଥିଲା । ଏହି ଧ୍ୱଜାର ରଙ୍ଗ ଥିଲା ସବୁଜ ଆଉ ଏଥିରେ ସୂର୍ଯ୍ୟଦେବଙ୍କ ଚିତ୍ର ଅଙ୍କିତ ହୋଇଥିଲା । ଏହାପରେ ଅର୍ଥାତ ୧୯୦୬ରେ କଲିକତାରେ ଅନୁଷ୍ଠିତ କଂଗ୍ରେସ ଅଧିବେଶନରେ ଭଗିନୀ ନିବେଦିତା ପରିକଳ୍ପନା କରିଥିଲେ ଜାତୀୟ ପତାକାର, ଯାହା ଉପରେ ବନ୍ଦେ ମାତରମ ଲେଖାଯାଇଥିଲା । ଅନ୍ୟ ଏକ ମହତ୍ୱପୂର୍ଣ୍ଣ ପ୍ରସଙ୍ଗ ଅନୁସାରେ ୧୮ ଅଗଷ୍ଟ ୧୯୦୭ରେ ଜର୍ମାନୀର ଷ୍ଟୁଟଗର୍ଟ ସହରରେ ଏକ ସମାଜବାଦୀ ଅନ୍ତରାଷ୍ଟ୍ରିୟ ସମ୍ମିଳନୀର ଆୟୋଜନ କରାଯାଇଥିଲା । ଏ ସମାବେଶରେ ସକ୍ରିୟ ଅଂଶଗ୍ରହଣ କରିବା ଲାଗି ବିଶ୍ୱର ପ୍ରତ୍ୟେକ ଦେଶର ପ୍ରତିନିଧି ନିଜ ନିଜର ଜାତୀୟ ପତାକା ଘେନି ଆସିଥିଲେ । କିନ୍ତୁ ଭାରତର କୌଣସି ଜାତୀୟ ପତାକା ନ ଥିଲା । ଏହି ସମ୍ମିଳନୀରେ ବ୍ୟବସ୍ଥିତ ରୂପେ ମ୍ୟାଡାମ ଭିକାବାଈ ଓ ସରଦାର ସଂହ ରାଣା ଭାଗ ନେଇଥିଲେ । ଯେତେବେଳେ ସମ୍ମିଳନୀରେ ମ୍ୟାଡାମ ଭିକାବାଈଙ୍କୁ ଉଦବୋଧନ ଦେବାଲାଗି ସୁଯୋଗ ପ୍ରଦାନ କରାଗଲା ସେ ସେ ବନ୍ଦେ ମାତରମ ସଙ୍ଗୀତ ଗାନ କରିବା ସଙ୍ଗେ ସଙ୍ଗେ ଓଜସ୍ୱିନ ଭାଷଣ ପ୍ରଦାନ କରିଥିଲେ । ଖାଲି ସେତିକି ନୁହେଁ, ଫରିଙ୍ଗମାନଙ୍କ ଦ୍ୱାରା ଭାରତୀୟଙ୍କ ଉପରେ କରାଯାଉଥିବା ଅମାନୁଷିକ ,ନୃସଂଶ ଅତ୍ୟାଚାର ଉପରେ ଆଲୋକପାତ କରି ବିଶ୍ୱବାସୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ମ୍ୟାଡାମ କାମା ଭାଷଣ ପରିସମାପ୍ତ କରି ଜାତୀୟ ପତାଙ୍କ ଉତୋଳନ କରିଥିଲେ ସମ୍ମିଳନୀରେ । ଏହି ପତାକାକୁ ଫ୍ରାନସ୍‌ରେ ଅବସ୍ଥାନ କରୁଥିବା ପ୍ରସିଦ୍ଧ କ୍ରାନ୍ତିକାରୀ ଶ୍ରୀ ହେମଚନ୍ଦ୍ର ଦାସ ତିଆରି କରିଥିଲେ । ଧ୍ୱଜା ଫର୍ ଫର୍ ହୋଇ ଉଡୁଥିବା ସମୟରେ ବନ୍ଦେମାତରମ୍ ନାରାରେ ଗଗନ ପବନ ଗୁଂଜରିତ ହେଉଥିଲା । ଭାରତୀୟ ଜାତୀୟ ପତାକାକୁ ନେଇ ବୀର ସାବରକର ଲେଖିଛନ୍ତି -ଅଭିନବ ଭାରତର ସଦସ୍ୟମାନେ ମ୍ୟାଡାମ କାମାଙ୍କୁ ନିଜର ପ୍ରତିନିଧି ରୂପେ ଚୟନ କଲେ । ସେଇ ସମ୍ମିଳନୀରେ ପ୍ରତ୍ୟକ ଦେଶର ପତାକା ଥିଲା । ଅଥଚ ଭାଗ୍ୟହୀନ ଭାରତର କୌଣସି ବି ଜାତୀୟ ପତାକା ନ ଥିଲା । ଇଂରେଜଙ୍କ ୟୁନିୟନ ଜ୍ୟାକ୍ କଂଗ୍ରେସ ଅଧିବେଶନରେ ଉତୋଳନ କରାଯାଉଥିଲା ଓ ତାର ଜୟଜୟକାର ଧ୍ୱନୀରେ ଗଗନ ପବନ ପ୍ରକମ୍ପିତ ହେଉଥିଲା । ମ୍ୟାଡାମ କାମା ଓ ହେମଚନ୍ଦ୍ର ଦାସ ନିଜସ୍ୱ କଳ୍ପନାକୁ ସାକାର ରୂପେ ଦେବାକୁ ଯାଇ ଅଭିନବ ଭାରତ ସଭାରେ ନିଜର ପ୍ରସ୍ତାବ ଉପସ୍ଥାପନ ରଖିଥିଲେ ,ଯାହାକି ର୍ସବସମ୍ମତି କ୍ରମେ ଗ୍ରହଣକରାଯାଇଥିଲା । ଏଇ କଳ୍ପନାକୁ ଚିତ୍ରକଳାରେ ନିପୁଣ ହେମଚନ୍ଦ୍ର ଦାସ ପ୍ୟାରିସ୍‌ରେ ତତ୍କାଳ ସୁନ୍ଦର ,ଚମତ୍କାର ଚିତ୍ରରେ ପରିଣତ କରିଥିଲେ । ଉଦ୍ଦୀପିତ ଭାଷଣ ଦେବା ପରେ ଆବେଗରେ ଜାତୀୟ ପତାକା ଉତୋଳନ କରି ମ୍ୟାଡାମ କାମା କହିଲେ -ହେଇ ଦେଖ, ଏ ଆମର ସ୍ୱାଧୀନ ଭାରତର ଜାତୀୟ ପତାକା । ଏକଥା ଶୁଣିବା ମାତ୍ରେଇ ଉପସ୍ଥିତ ଦର୍ଶକ ତଥା ଶ୍ରୋତାଗଣ ଚମକିଉଠିଲେ । **(ପୃଷ୍ଠା ୭ରେ)**

## ମୁଖ୍ୟମନ୍ତ୍ରୀ ଏକନମ୍ବର ରାଜ୍ୟ ଏବଂ ରାଜ୍ୟବାସୀ କେଉଁଠି



**ସୁବ୍ରତ କର**

ମୁଖ୍ୟମନ୍ତ୍ରୀ ସାରା ଦେଶରେ ଏକ ନମ୍ବର ସ୍ଥାନ ପାଇଥିବାରୁ ତାଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି । ହୁଏତ ଆଉ କିଛିବର୍ଷ ପରେ ବାପାର ନାଁକୁ ପଛରେ ପକେଇବେ । ଏବେ ଆସିବା ସତରେ ରାଜ୍ୟ କେଉଁଠି ? ମୁଁ ଏଠାରେ କେତେଗୁଡ଼ାଏ ତଥ୍ୟ ଆପଣମାନଙ୍କ ପାଖରେ ଥୋଇବି । ବିଚାର ଆପଣମାନଙ୍କର । ପ୍ରଥମେ ଆସିବା ରାଜ୍ୟର ସ୍ୱାସ୍ଥ୍ୟକୁ ବିଚାରକୁ ନେବା । ସମସ୍ତେ ଜାଣିଥିବେ ସ୍ୱାସ୍ଥ୍ୟ ଏବଂ ଶିକ୍ଷା ଏହି ଦୁଇଟି ରାଜ୍ୟର ପରିସର ଭିତରେ ପଡ଼େ । ଦିଲ୍ଲୀ ଏଥିରେ ହସ୍ତକ୍ଷେପ କରନ୍ତି ନାହିଁ । ଏବେ ଆମ ରାଜ୍ୟର ଜନସଂଖ୍ୟା ସାଢ଼େ ଚାରିକୋଟି କିନ୍ତୁ ରାଜ୍ୟ ବର୍ଷକୁ ୧୦୨୫ ଡାକ୍ତର ବାହାରୁଛନ୍ତି । ସେହି ତୁଳନାରେ ତାମିଲନାଡୁ ୧୦୭୨୫ (୭୦ ମେଡିକାଲ କଲେଜ) ଏହାପରେ ଆସିବ କର୍ଣ୍ଣାଟକ ୧୦୧୪୫ (୬୩ଟି ମେଡିକାଲ କଲେଜ) ମହାରାଷ୍ଟ୍ର ୯୮୯୫, ଉତ୍ତରପ୍ରଦେଶ ୯୦୫୩, ଗୁଜରାଟ ୫୭୦୦ କେରଳ ଜାହାର ଜନସଂଖ୍ୟା ଆମଠୁ କମ୍ ୪୨୫୫ । ଏପରିକି ଆମର ପଡ଼ୋଶୀ ଆନ୍ଧ୍ରପ୍ରଦେଶରେ ୩ଟି ମେଡିକାଲ କଲେଜରୁ ୪୨୨୫ଜଣ । ଉପରୋକ୍ତ ତଥ୍ୟ ଦେବାର ଉଦ୍ଦେଶ୍ୟ ହେଲା ଆମ ରାଜ୍ୟର ଲୋକମାନେ କେମିତି ସ୍ୱାସ୍ଥ୍ୟ ସୁବିଧା ପାଉଥିବେ । ଏବେ ଆସିବା ଶିକ୍ଷାକୁ । ଏହା ମଧ୍ୟ ଅନ୍ୟ ରାଜ୍ୟ ତୁଳନାରେ ବହୁ ପଛରେ । ଶିକ୍ଷିତ ସଂଖ୍ୟା ଆମ ଦେଶରେ କେରଳରେ ସବୁଠୁ ଅଧିକା । ୯୦ଭାଗରୁ ମଧ୍ୟ ବେଶି । ଆମ ରାଜ୍ୟରେ ଏବେବି ଶତକଡ଼ା ୨୫ଭାଗ ଅର୍ଦ୍ଧଶିକ୍ଷିତ ବା ଅଶିକ୍ଷିତ ଅଛନ୍ତି । ଏବେ ୫ଟି ଜରିଆରେ ବେଶ୍ କିଛି ସ୍କୁଲକୁ ଆଧୁନିକ କରଣ କରାହୋଇଛି ଏବଂ କରାହେବ ମଧ୍ୟ । ସବୁଠୁ ବଡ଼ କଥା ହେଲା ଏହି କାର୍ଯ୍ୟକ୍ରମଟି ପୁରାତନ ଛାତ୍ର ଏବଂ ସାଧାରଣ ଜନତାକୁ ଭାଗିଦାରୀରେ ସାମିଲ କରାହେଲା । ପୁରାତନ ଛାତ୍ରମାନେ ବହୁତ ପ୍ରକାରରେ ସେମାନଙ୍କ ସ୍କୁଲକୁ ସାହାଯ୍ୟ କରୁଛନ୍ତି ଏବଂ ଆମେ ଆଶା କରିବା ସରକାରଙ୍କ ସହାନୁଭୂତି ଥିଲେ ସେମାନେ ଆହୁରି କରିବେ । କିନ୍ତୁ ଆଉ କଥାଟା ହେଲା ଯେ ସ୍କୁଲକୁ ଠିକ୍ ଠିକ୍ କରିଲେ କଣ ହେବ ମୂଳଟା କାହିଁ । ଶିକ୍ଷକ ଶିକ୍ଷୟିତ୍ରୀଙ୍କର କ୍ଷୋଭ ଅଭାବ । ଏହାକୁ ପୂରଣ କରିବା ସରକାରଙ୍କ ଦାୟିତ୍ୱ । ଏମିତି ସ୍କୁଲ ଚାଲିଛି ଯେଉଁଠାରେ ୩ଟି କ୍ଲାସ ପାଇଁ ଗୋଟାଏ ମାଷ୍ଟର । ସହରରେ ଚାଲିବ କିନ୍ତୁ ଗାଁ ଗହଳି ବା ପାହାଡ଼ିଆ ଅଞ୍ଚଳରେ ଥିବା ସ୍କୁଲଗୁଡ଼ିକର ଅବସ୍ଥା ନ କହିଲେ ଭଲ । ଏବେ ବି ସ୍ୱାସ୍ଥ୍ୟ କ୍ଷେତ୍ରରେ ମାଇଲ ମାଇଲ ରୋଗୀ ଖଟରେ ବୁହାହୋଇ, ନଦୀ ପାର ହୋଇ ଡାକ୍ତର ପାଖରେ ବା ଡାକ୍ତରଖାନାରେ ପହଞ୍ଚୁଛନ୍ତି । ଠିକ ସେହି ଭଳି ପାହାଡ଼ିଆ ଅଞ୍ଚଳରେ ପିଲାମାନେ ସ୍କୁଲକୁ ଆସିବାକୁ ହେଲେ ପ୍ରାୟ ୫-୧୦ କିଲୋମିଟର ଚାଲିବାକୁ ପଡୁଛି । ଏମିତିକି ହୋଇଛି ପିଲାମାନେ ଗଛତଳେ ବସି ପାଠ ପଢୁଛନ୍ତି । ଅବସ୍ଥାର ପରିବର୍ତ୍ତନ ଆଣିବାକୁ ହେଲେ ପ୍ରଚୁର ପରିମାଣରେ ଡାକ୍ତରଙ୍କ ସଂଖ୍ୟା ଏବଂ ଶିକ୍ଷକଙ୍କ ସଂଖ୍ୟା ବଢ଼ାଇ ପାରିଲେ ସମସ୍ୟାର ସମାଧାନ ହୋଇପାରନ୍ତା କିନ୍ତୁ ନିକଟ ଭବିଷ୍ୟତରେ ଏହା ସମ୍ଭବ ନୁହେଁ । ଆମକୁ ଦରକାର ଆମ ରାଜ୍ୟ ଏକ ନମ୍ବର ହେବା ।




### ତମ ପାଇଁ ସିନା ଅମୃତ ଉତ୍ସବ

**ଭାଗୀରଥି ସାଗର**

ସଞ୍ଚାରିତ ହେଉଛି ଖୁସି ଅପାର
ଭାରତୀୟ ବୋଲି ଲାଗେ ଗର୍ବ
ପଞ୍ଚୋସ୍ତରୀ ସ୍ୱାଧୀନତା ଦିବସେ
ପଳିବ ଏ ମାଟି ଅମୃତ ଉତ୍ସବ ।
ଗାଆଁ ଠୁଁ ସହର ହେଉଛି ସଜ
ଉଡ଼ିବ ବୋଲି ତ୍ରିରଙ୍ଗା ଧ୍ୱଜା
ପ୍ରତି ଘରେ ଘରେ ଉଡ଼ାଇ ବାନା
ବଜାଇବା ଏକତା ବାଜା ।
ଉଦାସ ଥିଲା ମୋ ଜନମ ଭୂଇଁ
ହସ ତା ଯାଇଥିଲା ହଜି
ହସ ଫୁଟାଇବାକୁ ଗାନ୍ଧୀ ଆସିଲେ
ସତ୍ୟ ଅହିଂସା ପୂଜାରୀ ସାଜି ।
ଚତୁର ବେପାରୀ ନେଇ ଅଧିକାର
ଆମକୁ କରିଛି ଶାସନ
ନିର୍ଯ୍ୟାତିତ, ଶୋଷିତ, ଲାଞ୍ଛିତ ହେଇ
ହରାଇଲୁ ଆମ ସ୍ୱଭିମାନ ।
ଶାନ୍ତି ମୈତ୍ରୀ ପ୍ରଗତିର ପ୍ରତୀକ
ତ୍ରିରଙ୍ଗା ଉଡିବ ଫର ଫର
ଜଗତ ଦେଖିବ ଭାରତ ରୂପ
ଶତ୍ରୁ ଡରି ହେବ ଥରହର ।
ଆଖିରେ ଅନେକ ସପନ ଦେଖି
ନୂଆ ରାଷ୍ଟ୍ର ଗଢ଼ିବାକୁ ନରେନ୍ଦ୍ର
ଦୌପଦୀ ମୁର୍ମୁ ସାଜି ମୁଖ୍ୟ ନାୟିକା
ବିବେକ ଖଟାନ୍ତି ନିରନ୍ତର ।
କେତେଯେ ଲୁହ କେତେଯେ କଷଣ
ସହିଛି ମୋ ମାଆ ଭାରତ
ଗୁଳି ବାରୁଦ ବନ୍ଧୁକ ଚୋଟ ଖାଇ
ବୁହାଇ ଦେଇଛି ରକ୍ତ ସ୍ରୋତ ।
ଦେଶ ମାତୃକାର ସୁରକ୍ଷା ପାଇଁ
ଶହୀଦ ହେଲେ ଅସଂଖ୍ୟ ବୀର
ସଲାମ୍ ଜଣାଉ ଭାରତବାସୀ
ଧନ୍ୟ ଶହୀଦ ତମେ ହିଁ ଅମର ।
ଅମୃତ ଉତ୍ସବ ତମ ପାଇଁ ସିନା
ପାଳୁଛି ମୋ ଭାରତ ବର୍ଷ
ଶପଥ ନେଉଛୁ ଟେକ ରଖିବୁ
ବିଶ୍ୱେ ହେବ ମା ମୋ ଉତ୍କର୍ଷ ।

ଡାଳଗୁମା, କୋକସରା, କଳାହାଣ୍ଡି
ମୋ - ୯୩୩୭୬୨୪୮୯୯

### ଜାତି ଇତିହାସ ଗାଉଛି

**କୁନା ସେଠୀ**

ଜାତି ଇତିହାସ ଜାତିର ଗୌରବ
ଜାତିର ମମତା ହସୁଛି
ଜାତି ପ୍ରେମବହ୍ନି ଜାଳି ଦେଇ ପୁଣି
ତ୍ରିରଙ୍ଗା ପତାକା ଉଡୁଛି ।

ଦୂରରୁ ଦୂରକୁ ବହୁଦୂର ଯାଏ
ତାର କଣ୍ଠ ସ୍ୱର ଶୁଭୁଛି
ଏକତା ମନ୍ତ୍ରରେ ବାନ୍ଧିଦେଇ ପୁଣି
ଫରଫର ହୋଇ ଉଡୁଛି ।

କହେ ଇତିହାସ ଏ ଦେଶ ମାଟିର
ବୀର ଙ୍କର କୀର୍ତି ହସୁଛି
ଦେଖିଛି ଲେଖିଛି ସ୍ୱାଧୀନ ସଂଗ୍ରାମ
ଭାବିଲେ ମନଟା କାନ୍ଦୁଛି ।

ପାଶୋରି ହୁଏନି ସୁବାଷ ବିରତ୍ୱ
ସଲାମ ଯେ ତାଙ୍କୁ ଦେଉଛି
ମହାତ୍ମାର ପଣ ଅହଂସାର ଟାଣ
ସବୁ ତାର ମନେ ପଡୁଛି ।

ଭଗତ ସିଂହ ର ବୀର ବାଣୀ ମାନ
କାନ ବିଚଳିତ କରୁଛି
ରାଜଗୁରୁ ସୁଖଦେବଙ୍କ ସହିତ
ଫାଶୀ କଥା ଉଙ୍କି ମାରୁଛି ।

ଭାରତ ପୁଅର ରକ୍ତ ପରୀକ୍ଷା
କରି ବ୍ରିଟିଶ ଯେ ଜାଣିଛି
ଏ ରକ୍ତ ରେ ବହେ ବୀର ର ମହିମା
ସେଥିପାଇଁ ସିଏ ଡରିଛି ।

ମାରିଛି ମାରିଛି ଚାବୁକ ବନ୍ଧୁକ
ତାକୁ କିଏ ଅବା ଡରିଛି
ମାରଣ ତାରଣ ଭିତରେ ଜୀବନ
ତଳି ତଳାନ୍ତ ଯେ ହୋଇଛି ।

ରହିନାହିଁ ଏଇ ଭାରତ ମାଟିରେ
ଡରି ମରି ଚାଲି ଯାଇଛି
ଭାରତ ମାଆର ମହିମା ସବୁକୁ
ତା ଦେଶରେ ଯାଇ କହିଛି ।

କହୁଛି କହୁଛି ତ୍ରିରଙ୍ଗା କହୁଛି
ଏ କଥା କୁ ସବୁ କହୁଛି
ଶୁଣିବା ଲୋକଟା ଶୁଣିପାରୁଅଛି
ଅଶୁଣା ଅବୁଝା ରହୁଛି ।

ଭୁତସରସିଙ୍ଗି,ଗଞ୍ଜାମ

### ସ୍ୱାଧୀନତା ଦିବସ

**ସୁଭାଷ ଚନ୍ଦ୍ର ଭୂତିଆ**

ନଭ କୁ ଚୁମି ଉଡେ ତ୍ରୀରଙ୍ଗା
ଗାଏ ଅତୀତ ଗାଥା
ଏକତା ସୂତ୍ରେ ବନ୍ଧା ତ ସର୍ବେ
ଗର୍ବେ ଟେକନ୍ତି ମଥା ।

ବୀର ବନ୍ଦନା ଆଣେ ଉନ୍ମାଦ
ଶିହରି ଉଠେ ବକ୍ଷ
ସଂକଳ୍ପ ଜାଗେ ସୁପ୍ତ ସନ୍ତାନେ
ବିକାଶ ମାର୍ଗେ ଦକ୍ଷ ।

ସ୍ମୃତି ଯେ ସବୁ ସାଇତା ସ୍ୱପ୍ନ
ବାସ୍ତବତା ର ସ୍ପର୍ଶ
ସମ୍ମାନେ ଆଜି ହୁଏ ସ୍ୱାଗତ
ସ୍ୱାଧୀନତା ଦିବସ ।

ନୂତନ ସୂର୍ଯ୍ୟ ପୂର୍ବ ଆକାଶେ
ଉଦୟ ହେଲେ ଆସି
ପ୍ରଭାତ ସାଥେ ଶାନ୍ତିର ବାର୍ତ୍ତା
ଆସୁଛି ଦେଖ ଭାସି ।

ସୁସଜିତ ମୋର ଭାରତ ଭୂମି
ଉତ୍ସବ ମୁଖରିତ
ପଲ୍ଲୀ ରୁ ନଗ୍ର ବାଲ୍ୟରୁ ବୃଦ୍ଧ
ସଭିଏଁ ଉତ୍ସାହିତ ।

ପୁଷ୍ପର ଗନ୍ଧେ ମାଦକ ଛନ୍ଦେ
ନାଚଇ ବର୍ତ୍ତମାନ
ବିଶ୍ୱରେ ଶ୍ରେଷ୍ଠ ଭାରତ ବର୍ଷ
ହୋଇଛି ଗରିୟାନ ।

ସା-ଡିହଡୋଳ, ବ୍ଲକ-ପରଜଙ୍ଗ
ଜି- ଢେଙ୍କାନାଳ
ମୋ ନ- ୮୦୧୮୮୮୪୮୦୬

### ଆଜାଦ କି ଅମୃତ ମହୋତ୍ସବ

**ଲକ୍ଷ୍ମୀଧର ସିଂ**

ଭେଦଭାବ ନାହିଁ
କି ଧନୀ କି ଗରିବ
କି କଳା କି ଗୋରା
କି ଜାତି କି ଧର୍ମ
କି ମାଲିକ କି ଶ୍ରମିକ
ତ୍ରିରଙ୍ଗା ତଳେ
ଆମେ ସବୁ ଭାରତୀୟ ସମାନ
ଭାରତ ମାତାର ସନ୍ତାନ
ଆଜି ଅଗଷ୍ଟ ପନ୍ଦର
ପଞ୍ଚସ୍ତରୀ ତମ
ସ୍ୱାଧୀନତା ଦିବସ ଉପଲକ୍ଷେ
ଆମେ ପାଳୁଛୁ
ଆଜାଦ କି ଅମୃତ ମହୋତ୍ସବ
ଭାରତ ଆକାଶ ଆଜି ତ୍ରିରଙ୍ଗାମୟ
ହିମାଳୟଠୁ ଆଣ୍ଡାମାନ ଯାଏଁ
ଭାରତ ମାତାର ଜୟ ଜୟକାର

ଆଜି ମନେ ପଡୁଛନ୍ତି
ଗାନ୍ଧୀ, ଗୋପବନ୍ଧୁ
ନେହୁରୁ ନେତାଜୀ
ରାଣୀ ଲକ୍ଷ୍ମୀବାଇ, ଶିବାଜୀ
ବାଜି ରାଉତ, ଜୟୀ ରାଜଗୁରୁ
ଲକ୍ଷ୍ମଣ ନାଏକ, ବିର୍ସା ମୁଣ୍ଡା
ଆଉ କେତେ ବୀର ସନ୍ତାନ
ଦେଶ ସ୍ୱାଧୀନ ପଥରେ ତାଙ୍କ ବଳିଦାନ

ଆସ ଆଜି ଆମେ ଶପଥ ନେବା
ଭାରତ ମାତାର ଟେକ ରଖିବା
ଶତ୍ରୁର ଆମେ ଜବାବ ଦେବା
ଭାରତ ମାତାର ସେବା କରିବା
ଶାନ୍ତି ମୈତ୍ରୀ ପ୍ରୀତିର ବାଣୀରେ
ବିଶ୍ୱ ଜନଙ୍କୁ ଉଦବୋଧ କରିବା ।

ଅଁଳାପାଳ, ଗରଡିହ, ବାଲେଶ୍ୱର
ମୋ-୬୩୭୦୦୨୬୮୦୫

## ସ୍ୱାଧୀନତା ଦିବସ

**ବିଶ୍ୱବିଜୟୀ ଦାଶ**

ଦୀର୍ଘ ଦ୍ୱିଶତାଧିକ ବର୍ଷ ବ୍ୟାପୀ ବ୍ରିଟିଶ୍ ଶାସନ ର ଚକ୍ରତଳେ ନିପୀଡ଼ିତ ଭାରତବାସୀ ଯେଉଁଦିନ ସ୍ୱାଧିନତା ର ଆଦ୍ୟବାୟୁ ନାସାପୁଟ ରେ ଆଘ୍ରାଣ କଲେ,ସେହି ଦିନ ଟି ହେଉଛି ୧୯୪୭ ମସିହା ଅଗଷ୍ଟ ପନ୍ଦର ତାରିଖ। ସେହି ଦିବସଟି ଭାରତବର୍ଷ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ରହିବ। ସେହି ଦିବସଟି ଅମରାକ୍ଷରେ କାଳବକ୍ଷରେ ଖୋଦିତ ହୋଇ ରହିବ,କାରଣ ସେହି ଦିନ ରାତ୍ରି ବାର ଘଟିକା ସମୟରେ ୪୦ କୋଟି ଭାରତୀୟ ଜନତା ସମବେତ ଭାବରେ ବିନା ରକ୍ତପାତରେ ପରାଧୀନତାର ନିଗଡ଼ ଛିନ୍ନ କରି ସ୍ୱାଧିନତାର ପ୍ରଥମ ଆସ୍ୱାଦନ ଲାଭ କଲେ।୧୯୪୨ ମସିହା ଅଗଷ୍ଟ ମାସରେ ମହାତ୍ମା ଗାନ୍ଧୀ 'ଇଂରେଜ ସରକାର ଭାରତ ଛାଡ଼' ବୋଲି ଡ଼ାକ ଦେଇ 'ଭାରତ ଛାଡ଼ ଆନ୍ଦୋଳନ' ନାମକ ଯେଉଁ ଗୌରବମୟ ବିପ୍ଳବ ର ଅୟମାରମ୍ଭ କରିଥିଲେ,ସେ ଗୌରବମୟ ବିପ୍ଳବ ଗୌରବମୟ ବିଜୟରେ ବିଭୂଷିତ ହେଲା ୧୯୪୭ ମସିହା ଅଗଷ୍ଟ ମାସ ପଞ୍ଚଦଶ ଦିବସ ରାତ୍ର ୧୨ ଘଟିକା ସମୟରେ। ସେହିଦିନ ଠାରୁ ଅଦ୍ୟାବଧି ପ୍ରତ୍ୟେକ ବର୍ଷ ଅଗଷ୍ଟ ମାସ ୧୫ ତାରିଖ ଭାରତ ର ସ୍ୱାଧିନତା ଦିବସ ରୂପେ ଭାରତ ର ଅଗଣିତ ଜନତା ଭକ୍ତି ଓ ସମ୍ମାନ ର ସହିତ ପରିପାଳନ କରିଆସୁଛନ୍ତି।ସେହି ଦିବସରୁ ତୁଙ୍ଗ ଆକାଶରେ ଭାରତବର୍ଷର ଜୈତ୍ରକେତନ,ଚିତ୍ରଶୋଭିତ ତ୍ରିରଙ୍ଗା ଜାତୀୟ ପତାକା ବାୟୁହିଲ୍ଲୋଳରେ ଫରଫର୍ ହୋଇ ଉଡ୍ଡୀୟମାନ ହେଉଅଛି।

ଅଗଣିତ ଦେଶପ୍ରେମୀଙ୍କ ସହଯୋଗ,ପ୍ରଚେଷ୍ଟା ଓ ବଳିଦାନ ବଳରେ ଆମେ ବହୁ ପ୍ରତୀକ୍ଷିତ ସ୍ୱାଧିନତା ପାଇଲୁ। ଭାରତର ସ୍ୱାଧିନତା ସଂଗ୍ରାମରେ ସତ୍ୟ ଓ ଅହିଂସା ର ପୂଜାରୀ ମହାତ୍ମା ଗାନ୍ଧୀ ଙ୍କ ଭୂମିକା ଅତୁଳନୀୟ ଓ ଅବିସ୍ମରଣୀୟ। ଗାନ୍ଧୀଜି ଙ୍କ ଦ୍ୱାରା ଅସହଯୋଗ ଆନ୍ଦୋଳନ ହୋଇଥିଲା।ଅସହଯୋଗର ଅର୍ଥ ହେଉଛି ଇଂରେଜ ସରକାରଙ୍କଠାରୁ ସବୁ କ୍ଷେତ୍ରରେ ସହଯୋଗ ପ୍ରତ୍ୟାହାର କରିନେବା।ଗାନ୍ଧିଜୀ ହିଁ ଥିଲେ ଏହାର ମୁଖ୍ୟ ଯୋଜନାକାରୀ। ଇଂରେଜ ଅନୁଷ୍ଠାନ ଏବଂ ବିଦେଶୀ ଦ୍ରବ୍ୟ ବର୍ଜନ କରିବା ଥିଲା ଏହି ଅସହଯୋଗର ମୂଳନୀତି । ଏହା ଯଦି କାର୍ଯ୍ୟକାରୀ ହୋଇପାରିବ ତାହାଲେ ଇଂରେଜ ସରକାରଙ୍କ ଶାସନ ପରିଚାଳନାରେ ବ୍ୟାଘାତ ସୃଷ୍ଟି ହେବ।ଏଥିସହିତ ଶାସନକାଳ ମଧ୍ୟ ଅଚଳ ହୋଇପଡିବ।ପୁନଶ୍ଚ ବିଦେଶୀ ଦ୍ରବ୍ୟ ବର୍ଜନଦ୍ୱାରା ବ୍ରିଟିଶର ଅର୍ଥନୀତି ଧ୍ୱଂସାଭିମୁଖୀ ହୋଇପଡିବ । ଫଳରେ ଇଂରେଜମାନେ ଭାରତ ଛାଡିବାକୁ ବାଧ ହେବେ।ଏହିପରି ରଣନୀତି ପ୍ରସ୍ତୁତ ହୋଇଥିଲା ।

ଭାରତର ସ୍ୱାଧୀନତା ସଂଗ୍ରାମ ଅନ୍ୟତମ ପ୍ରମୁଖ ଘଟଣା 'ଲବଣ ସତ୍ୟାଗ୍ରହ' ୧୯୩୦ ମସିହା ମାର୍ଚ୍ଚ ୧୨ ତାରିଖରେ ଗୁଜରାଟ ରାଜ୍ୟର ସମୁଦ୍ର ତଟବର୍ତ୍ତୀ ଗ୍ରାମ ଦାଣ୍ଡୀକୁ ପଦଯାତ୍ରା ସହ ଆରମ୍ଭ ହେଇଥିଲା । ଏହା ପରାଧୀନ ଭାରତରେ ବ୍ରିଟିଶ୍ ସରକାରଙ୍କ ଲବଣ ବ୍ୟବସାୟରେ ଏକଚାଟିଆ ଆଧିପତ୍ୟ ଓ ଲବଣ ଉପରେ ଅତ୍ୟଧିକ ଟିକସ ବିପକ୍ଷରେ ଏକ ଶକ୍ତିଶାଳୀ ଅହିଂସାପୂର୍ଣ୍ଣ ଆନ୍ଦୋଳନ ଥିଲା ।

ମୋହନଦାସ କରମଚାନ୍ଦ ଗାନ୍ଧୀ (ମହାତ୍ମା ଗାନ୍ଧୀ) ଏହି ଆନ୍ଦୋଳନର ଆରମ୍ଭ କରି ମାର୍ଚ୍ଚ୧୨ ତାରିଖ ସକାଳ ୬:୩୦ରେ ୭୮ ଜଣ ଅନୁଗାମୀଙ୍କ ସହ ପ୍ରାୟ ୨୪୧ ମାଇଲ୍ (୩୯୦ କି.ମି.) ଦୂରରେ ଅବସ୍ଥିତ ଦାଣ୍ଡୀକୁ ଯାତ୍ରା ଆରମ୍ଭ କରିଥିଲେ । ୨୪ ଦିନ ଧରି ଚାଲିଥିବା ଏହି ପଦଯାତ୍ରାରେ କ୍ରମେ ସହସ୍ରାଧିକ ଦେଶବାସୀ ଗାନ୍ଧିଜୀଙ୍କ ସହ ଯୋଗ ଦେଇଥିଲେ ।

ଏହା ୧୯୩୦ ମସିହା ଅପ୍ରିଲ୍ ୫ ତାରିଖରେ ସମାପ୍ତ ହେଇଥିଲା । ଏହି ସତ୍ୟାଗ୍ରହରେ ଗାନ୍ଧିଜୀ ଓ ତାଙ୍କ ଅନୁଗାମୀ ମନେ ଦାଣ୍ଡୀ ସମୁଦ୍ର କୁଳରେ ଲୁଣ ମାରିଥିଲେ ।



ଏହି ସତ୍ୟାଗ୍ରହ ସମଗ୍ର ଭାରତବର୍ଷରେ ଲୋକମାନଙ୍କ ମଧ୍ୟରେ ଗଭୀର ଉତ୍ସାହ ଭରି ଦେଇଥିଲା ଓ ଦେଶର ଅନେକ ସ୍ଥାନରେ ବ୍ରିଟିଶ୍ ସରକରଙ୍କ ଲବଣ ଆଇନ ଭଙ୍ଗ କରାଯାଇଥିଲା। ଏହି ଲବଣ ସତ୍ୟାଗ୍ରହ ଓଡ଼ିଶାରେ ମଧ୍ୟ ହୋଇଥିଲା।

ଓଡ଼ିଶା ର ବୀର ପୁତ୍ର ନେତାଜୀ ସୁବାଷ ଚ଼ନ୍ଦ୍ର ବୋଷଙ୍କ ସ୍ୱାଧିନତା ସଂଗ୍ରାମରେ ଭୂମିକା ଅତୁଳନୀୟ।୧୯୩୦ରେ ଆଇନ ଅମାନ୍ୟ ଆନ୍ଦୋଳନ ବେଳେ ସୁଭାଷଙ୍କୁ ଗିରଫ କରି ଜେଲରେ ରଖାଯାଇଥିଲା, ତେବେ ୧୯୩୧ରେ ଗାନ୍ଧୀ-ଇରୱିନ ଚୁକ୍ତି ପରେ ତାଙ୍କୁ ଜେଲରୁ ମୁକ୍ତ କରାଯାଇଥିଲା । ୧୯୩୮ ମସିହାରେ ହରିପୁରା ଜାତୀୟ କଂଗ୍ରେସର ଅଧିବେଶନରେ ଗାନ୍ଧୀଙ୍କ ମନୋନୀତ ପ୍ରାର୍ଥୀ ପଟ୍ଟାଭିସୀତାରାମାୟାଙ୍କୁ ହରାଇ କଂଗ୍ରେସର ସଭାପତି ଭାବେ ନିର୍ବାଚିତ ହୋଇଥିଲେ । ୧୯୩୯ରେ ସେ ପୁଣିଥରେ ସେହି ପଦବୀକୁ ନିର୍ବାଚିତ ହୋଇଥିଲେ। ୧୯୩୯ରେ ସେ ଫରୱାର୍ଡ଼ ବ୍ଲକ ନାମକ ଏକ ନୂତନ ଦଳ ଗଠନ କରିଥିଲେ । ସଶସ୍ତ୍ର ଆନ୍ଦୋଳନଦ୍ୱାରା ହିଁ ଭାରତକୁ ବ୍ରିଟିଶ ସାମ୍ରାଜ୍ୟବାଦରୁ ମୁକ୍ତ କରିହେବ ବୋଲି ସେ ବିଶ୍ୱାସ କରୁଥିଲେ । ସେ ଇଟାଲିର ଜନନାୟକ ଗାରିବାଲ୍ଡି ଓ ମାଜିନିଙ୍କଦ୍ୱାରା ଯଥେଷ୍ଟ ଅନୁପ୍ରାଣୀତ ହୋଇଥିଲେ । ସୁଭାଷଙ୍କର ଏହି ଉଗ୍ରନୀତି ଯୋଗୁଁ ବ୍ରିଟିଶ ସରକାର ତାଙ୍କୁ କଲିକତାଠାରେ ନଜରବନ୍ଦୀ ରୂପେ ରଖିଥିଲେ । ଭାରତର ସ୍ୱାଧୀନତା ପାଇଁ ଭାରତ ବାହାରେ ରହି ଯୁଦ୍ଧ କରିବା ପାଇଁ ୧୯୪୧ ଜାନୁଆରୀ ୧୭ ତାରିଖରେ ସେ ଭାରତର ସୀମାନ୍ତ ଅତିକ୍ରମ କରି ଆଫଗାନିସ୍ଥାନ ଓ ସୋଭିଏତ ଋଷ ମଧ୍ୟ ଦେଇ ମାର୍ଚ୍ଚ ମାସରେ ବର୍ଲିନଠାରେ ପହଞ୍ଚିଥିଲେ । ଜର୍ମାନୀର ନାଜି ଶାସକ ହିଟଲରଙ୍କ ସହ ସାକ୍ଷାତ କରି ଭାରତର ସ୍ୱାଧୀନତା ହାସଲ ସମ୍ପର୍କରେ ତାଙ୍କୁ ସାହାଯ୍ୟ କରିବାକୁ ଅନୁରୋଧ କରିଥିଲେ । ବର୍ଲିନଠାରେ ଏକ ମୁକ୍ତ ଭାରତ କେନ୍ଦ୍ର ଉନ୍ମୋଚନ କଲେ ଓ ଜର୍ମାନୀ ମାଟିରେ ଫ୍ରି ଇଣ୍ଡିଆ ଆର୍ମି ଗଠନ କରିଥିଲେ । ସୁଦୂର ବର୍ଲିନରୁ ଆଜାଦ ହିନ୍ଦ ରେଡ଼ିଓ ମାଧ୍ୟମରେ ଭାରତବାସୀଙ୍କୁ ସଂଗ୍ରାମ ପାଇଁ ଆହ୍ୱାନ ଦେଇଥିଲେ । ମୋତେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନତା ଦେବି ଆହ୍ୱାନରେ ସମସ୍ତଙ୍କୁ ଏକଜୁଟ କଲେ । ଏହିପରି ଆହୁରି ଦେଶପ୍ରେମୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ,ପଣ୍ଡିତ ଜବାହାର୍ ଲାଲ୍ ନେହେରୁ,ବାଳ ଗଙ୍ଗାଧର ତିଲକ, ପଣ୍ଡିତ ଗୋପବନ୍ଧୁ ଦାସ, ରମାଦେବୀ ଚୌଧୁରୀ,ବୀର ସୁରେନ୍ଦ୍ର ସାଏ,ଲକ୍ଷ୍ମଣ ନାୟକ,ବାଜି ରାଉତ ଆହୁରି ଅନେକ ଙ୍କର ସ୍ୱାଧିନତା ସଂଗ୍ରାମରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସ୍ୱାଧିନତା ସଂଗ୍ରାମରେ ପାଇକ ବିଦ୍ରୋହ ର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହି ପାଇକ ବିଦ୍ରୋହ ଓଡ଼ିଶାରେ ଖୋର୍ଦ୍ଧା ଠାରେ ଆରମ୍ଭ ହୋଇଥିଲା।୧୮୦୩ରେ ଇଂରେଜମାନେ ଓଡ଼ିଶାକୁ ଅକ୍ତିଆର କରିବା ପରେ ଖୋର୍ଦ୍ଧା ରାଜାଙ୍କଠାରୁ କର ମାଗିଲେ ଓ ସେମାନଙ୍କ ବଶ୍ୟତା ସ୍ୱୀକାର କରିବାକୁ ଆଦେଶପତ୍ର ପଠାଇଲେ । ଏହା ତାଙ୍କର ସ୍ୱାଭିମାନକୁ ପ୍ରଚଣ୍ଡ ଆଘାତ ଦେଲା । 'ପଛେ ଜୀବନ ଦେଇ ଦେବା ଇଂରେଜଙ୍କ ଆଗରେ ମୁଣ୍ଡ ନୁଆଁଇବା ନାହିଁ' ବୋଲି କହି ସେ ପ୍ରତ୍ୟେକ ଘରୁ ଜଣକୁ ସୈନିକ କରି ନିଜ ସେନାବାହିନୀରେ ମିଶାଇଲେ। ଓଡ଼ିଶାକୁ ବାହ୍ୟ ଶତ୍ରୁ ଆକ୍ରମଣରୁ ରକ୍ଷା କରିବାପାଇଁ ସେ ବରୁଣାଇ ଗଡ଼କୁ ସୁଦୃଢ଼ କରିଥିଲେ। ସେହିଠାରେ ବାସକରି ସେ ଖୋରଧା ଅଞ୍ଚଳରେ ପାଇକ ଜାଗରଣର ଚେଷ୍ଟା କରିଥିଲେ। ଗାଁକୁ ଗାଁ ପାଦରେ ଚାଲି ଚାଲି ସେ ପାଇକମାନଙ୍କୁ ଯୁଦ୍ଧପାଇଁ ପ୍ରସ୍ତୁତ କରାଉଥିଲେ। ସେ ପାଇକ ଆଖଡ଼ାମାନଙ୍କରେ ନିଜ ସମର ଶିକ୍ଷା ଦେଉଥିଲେ। କୁହାଯାଏ ସେ ହିଁ ପ୍ରଥମେ ଇଂରେଜମାନଙ୍କ ବିରୁଦ୍ଧରେ ଗରିଲା ଯୁଦ୍ଧ କୌଶଳ ଆରମ୍ଭ କରିଥିଲେ। ।ପରବର୍ତ୍ତୀ ସମୟରେ ଇଂରେଜ ମାନେ ଜୟୀ ରାଜଗୁରୁ ଙ୍କୁ ବନ୍ଦୀ କରାଇଲେ। ତା'ପରେ ୧୮୧୭ ମସିହାରେ ପାଇକ ବିଦ୍ରୋହ ର ଆରମ୍ଭ ହେଲା,ଏହାର ନେତୃତ୍ୱ ନେଇଥିଲେ ସଂଗ୍ରାମୀ ବୀର ବିପ୍ଳବୀ ବକ୍ସି ଜଗବନ୍ଧୁ ବିଦ୍ୟାଧର ଭ୍ରମରବର ରାୟ। ତାଙ୍କ ନେତୃତ୍ୱ ରେ ଅନେକ ପାଇକ ଯୋଦ୍ଧା ଫିରିଙ୍ଗି ଶାସନ ବିରୁଦ୍ଧରେ ବିଦ୍ରୋହ କରିଥିଲେ।ପରବର୍ତ୍ତୀ ସମୟରେ ପିଣ୍ଡିକି ବାହୁବଳେନ୍ଦ୍ର,ମାଧବ ଚ଼ନ୍ଦ୍ର ରାଉତରାୟ ପାଇକ ବିଦ୍ରୋହ ରେ ନିଜକୁ ନିୟୋଜିତ କରି ସଂଗ୍ରାମ କରିଥିଲେ।ପରବର୍ତ୍ତୀ ସମୟରେ ଅର୍ଥାତ ୧୮୩୬ ମସିହାରେ ବାଣପୁର ପଲଟଣ ପଡ଼ିଆରେ ପାଇକ ବିଦ୍ରୋହ ର ନାୟକ ବିପ୍ଳବୀ କୃତ୍ତିବାସ ପାଟ୍ଟଶାଣୀ ଙ୍କ ନେତୃତ୍ୱ ରେ ଅନେକ ପାଇକ ଯୋଦ୍ଧା ସଶସ୍ତ୍ର ସଂଗ୍ରାମ କରିଥିଲେ।ଏହି ସଂଗ୍ରାମରେ ବିପ୍ଳବୀ ପାଟ୍ଟଶାଣୀ ଇଂରେଜ ସେନାଧକ୍ଷ ବେଲସାହେବ ଙ୍କୁ ପରାସ୍ତ କରି ବାଣପୁର କୁ ୩ ଦିନ ସ୍ୱାଧିନତା ଦେଇଥିଲେ।ପରବର୍ତ୍ତୀ ସମୟରେ କିଛି କୁଚ଼କ୍ରୀ ଗୋଷ୍ଠୀ ଇଂରେଜ ସହ ହାତ ମିଶାଇ ବିପ୍ଳବୀ ପାଟ୍ଟଶାଣୀ ଙ୍କୁ ଧରାଇଦେଲେ,ଏବଂ ଇଂରେଜ ମାନେ ବିପ୍ଳବୀ କୃତ୍ତିବାସ ପାଟ୍ଟଶାଣୀ ଙ୍କୁ ଆଣ୍ଡାମାନ ନେଇ ସେଠାରେ ବନ୍ଦୀ କରି ରଖିଲେ।ସ୍ୱାଧିନତା ସଂଗ୍ରାମରେ ବିପ୍ଳବୀ ନେତା ପର୍ଶୁରାମ ହରିଚ଼ନ୍ଦନ ଙ୍କ ସମେତ ଆହୁରି ଅନେକ ଦେଶପ୍ରେମୀ ନିଜକୁ ନିୟୋଜିତ କରିଥିଲେ।ଦେଶ ସ୍ୱାଧୀନତା ର ୭୫ ବର୍ଷ ପୂର୍ତ୍ତି ଅବସରରେ ଆଦରଣୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଜୀ ଙ୍କ ଆହ୍ୱାନ କ୍ରମେ ଦେଶ ଆଜାଦୀ ର ଅମୃତ ମହୋତ୍ସବ ପାଳନ କରୁଅଛି। ଆସନ୍ତୁ ସମସ୍ତେ ଅଗଷ୍ଟ ୧୩ ରୁ ୧୫ ତାରିଖ ପର୍ଯ୍ୟନ୍ତ ନିଜ ଘରେ ରାଷ୍ଟ୍ରୀୟ ଧ୍ୱଜ ଉଡାଇ 'ତ୍ରିରଙ୍ଗା'କୁ ସମ୍ମାନ କରିବା।

ଏହି ସ୍ୱାଧିନତା ଦିବସ ରେ ସମସ୍ତ ଜନସାଧାରଣଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ। ଜୟ ହିନ୍ଦ୍। ଭାରତ ମାତା କି ଜୟ।


ବି.ଏସସି,ବି.ଇଡ଼ି(ସ୍ୱତନ୍ତ୍ର ଶିକ୍ଷା)
ଗମ୍ଭାରିମୁଣ୍ଡା,ବାଣପୁର,ଖୋର୍ଦ୍ଧା
ପିନ୍- ୭୫୨୦୩୫
ଫୋନ ନଂ- ୬୩୭୦୨୦୮୪୨୮



ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ

ସବୁ ଦେଶବାସୀଙ୍କୁ
ସ୍ୱାଧୀନତା ଦିବସର ହାର୍ଦ୍ଦିକ ଶୁଭକାମନା

Ministry of Information and Broadcasting
Government of India

75 Azadi Ka Amrit Mahotsav

ଆଗାମୀ ୨୫ ବର୍ଷର ଅମୃତ କାଳ, ସବୁ ଦେଶବାସୀଙ୍କ ପାଇଁ କର୍ତ୍ତବ୍ୟକାଳ ହେବ
ଆସନ୍ତୁ ମିଳିମିଶି ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ୱପ୍ନର ଭାରତ ନିର୍ମାଣ କରିବା

"ସ୍ୱାଧୀନତା ଦିବସ ଅବସରରେ କୃତଜ୍ଞ ଦେଶବାସୀ ଅଗଣିତ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ପ୍ରଣାମ କରୁଛନ୍ତି। ଯେପରି ସ୍ୱାଧୀନତା ସଂଗ୍ରାମୀମାନେ, ଦେଶର ସ୍ୱାଧୀନତା ପାଇଁ ଏକଜୁଟ ହୋଇଥିଲେ, ଠିକ୍ ସେହିପରି ଆମକୁ ଦେଶର ବିକାଶ ପାଇଁ ଏକଜୁଟ ହେବାକୁ ପଡିବ ।"

- ନରେନ୍ଦ୍ର ମୋଦୀ



ଲାଲ କିଲାର ପ୍ରାଚୀରରୁ ସକାଳ ୭ଟା ୨୫ ମିନିଟଠାରୁ ସ୍ୱାଧୀନତା ଦିବସ ସମାରୋହର ସିଧା ପ୍ରସାରଣ ଦୂରଦର୍ଶନରେ ଦେଖନ୍ତୁ

#HarGharTiranga

cbc 22201/13/0101/2223

## ସମର୍ପିତ କର୍ମହିଁ ରାଷ୍ଟ୍ରଭକ୍ତି


ଅଧ୍ୟାପକ ଗୋପବନ୍ଧୁ


ଅଗଷ୍ଟ ମାସ ରାଷ୍ଟ୍ରଭକ୍ତିର ସମୟ। ଏହିମାସ ୧୫ ତାରିଖ ୧୯୪୭ ମସିହାରେ ଆମେ ସ୍ୱାଧୀନ ହୋଇଥିଲୁ। ପିଲାଟି ଦିନରୁ ଆମ ସମସ୍ତଙ୍କର ଏହିମାସ ପ୍ରତି ସ୍ୱତନ୍ତ୍ର ଆଗ୍ରହ ରହିଛି। ପ୍ରାଥମିକ ସ୍କୁଲ କାଳରେ ରାଷ୍ଟ୍ରଭକ୍ତି କଣ, ରାଷ୍ଟ୍ରଭକ୍ତ କିଏ, ରାଷ୍ଟ୍ର ବିରୋଧି କିଏ ଏ ସମସ୍ତ ବିଷୟରେ ଏବେ ଯେଉଁ ବ୍ୟାପକ ଚର୍ଚ୍ଚା ହେଉଛି ସେ ବିଷୟରେ ବିଶେଷ ଧାରଣା ନଥିଲା। ଆମେ ଜାଣିଥିଲୁ ଯେଉଁମାନେ ସ୍ୱାଧୀନତା ସଂଗ୍ରାମୀ ଥିଲେ ସେମାନେ ରାଷ୍ଟ୍ରଭକ୍ତ ଓ ସୀମାରେ ଯେଉଁମାନେ ଭାରତପାଇଁ ଲଢୁଛନ୍ତି ସେମାନେ ରାଷ୍ଟ୍ରଭକ୍ତ। ଦେଶ ଭିତରେବି ରାଷ୍ଟ୍ରଦ୍ରୋହୀ ଅଛନ୍ତି ଏ ଧରଣା ନଥିଲା। ପୁଣି ରାଷ୍ଟ୍ରଭକ୍ତର ନିର୍ଣ୍ଣୟ ଧର୍ମ ଓ ରାଜନୀତିର ରେଖା ଟାଣି ନିର୍ଣ୍ଣୟ କରାଯାଇ ପାରେ ଏହା ମଧ୍ୟ ଅକଳ୍ପନୀୟ ଥିଲା। ସେ ସମୟରେ ଶହୀଦ ଭଗତ୍ ସିଂଙ୍କ ସ୍ୱାଧୀନତା ସଂଗ୍ରାମ ଆମକୁ ଯେଉଁପରି ରୋମାଞ୍ଚିତ କରୁଥିଲା, ବୀର ଅବଦୁଲ୍ ହମିଦଙ୍କ ବୀରଗାଥା ସେହିପରି ଦେହରେ ଶିହରଣ ଖେଳାଇ ଦେଉଥିଲା। ଅଗଷ୍ଟ ୧୫ ତାରିଖରେ ପ୍ରଧାନଶିକ୍ଷକ ଯେତେବେଳେ ଜାତୀୟ ପତାକାର ଉତ୍ତୋଳନ କରୁଥିଲେ ଓ ଅଭିଭାଷଣ ଦେଉଥିଲେ ଆମ ମଧ୍ୟରେ ଏକପ୍ରକାର ନୂଆଭାବନା ସୃଷ୍ଟି ହେଉଥିଲା ଦେଶପାଇଁ କାମ କରିବାର, ଦେଶକୁ ଆଗେଇ ନେବାର, ଆବଶ୍ୟକ ହେଲେ ଦେଶପାଇଁ ଜୀବନ ଦେବାର। ଏହାହିଁ ଥିଲା ବୋଧହୁଏ ରାଷ୍ଟ୍ରଭକ୍ତି, ଯାହା ଆପେ ହୃଦୟ ଭିତରୁ ନିଃସୃତ ହେଉଥିଲା।

ଅନେକ ଦିନ ପର୍ଯ୍ୟନ୍ତ ମୋର ଧାରଣା ଥିଲା ଯେ ଅଗଷ୍ଟ ୧୫ ଓ ଜାନୁଆରୀ ୨୬ ତାରିଖ ଦିନ ଜାତୀୟ ପତାକା ଉଡାଇବା, ସ୍ୱାଧୀନତା ସେନାନୀମାନଙ୍କ ସପକ୍ଷରେ ଜୟଧ୍ୱନି ପକାଇବା ଓ ରାଷ୍ଟ୍ରୀୟ ସଙ୍ଗୀତ ଗାନ କରିବା ହିଁ ରାଷ୍ଟ୍ରଭକ୍ତି। ପରେ ମନକୁ ପ୍ରଶ୍ନ ଆସିଥିଲା ଏଗୁଡିକୁ ନିଷ୍ଠାର ସହିତ ପାଳନ କରିବା ଦ୍ୱାରା ଗୋଟିଏ ଦେଶ ଆଗକୁ ବଢ଼ିବ କିପରି ? ଗୋଟିଏ ରାଷ୍ଟ୍ରର ଆର୍ଥିକ, ଶିକ୍ଷାଗତ ଓ ସାମାଜିକ ଅବସ୍ଥାରେ ବିକାଶ ଆସିବ କିପରି ? ପରେ ହୃଦବୋଧ ହେଲା ଯେ ଏ ସମସ୍ତ କାର୍ଯ୍ୟକ୍ରମ ରାଷ୍ଟ୍ରଭକ୍ତିର ଆନୁସାଙ୍ଗିକ ବିଷୟ। ପ୍ରକୃତ ରାଷ୍ଟ୍ରଭକ୍ତି ଅନ୍ୟକିଛି। ସେହି ଲକ୍ଷ୍ୟ ହାସଲ ପାଇଁ ଏହି ଦିନମାନଙ୍କରେ ଏତେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ। ରାଷ୍ଟ୍ରଭକ୍ତି ଏକ ଅନ୍ତର୍ନିହିତ ଚେତନା। ଏହି ଚେତନାକୁ ଉଦ୍ଜୀବିତ କରିବା ପାଇଁ ଏତେସବୁ କାର୍ଯ୍ୟକ୍ରମ। ରାଷ୍ଟ୍ରଭକ୍ତି ହେଉଛି ଛଳନାମୁକ୍ତ ଗଭୀର ଦେଶପ୍ରେମର ଭାବନା। ଏହା ଜାତୀୟ ପତାକା ଉତ୍ତୋଳନ, ଜୟଧ୍ୱନି ଓ ରାଷ୍ଟ୍ରୀୟ ସଙ୍ଗୀତ ଗାନ ମଧ୍ୟରେ ସୀମିତ ନୁହେଁ।

ବାସ୍ତବପକ୍ଷେ ରାଷ୍ଟ୍ରପ୍ରତି ସମର୍ପିତ କର୍ମ ହେଉଛି ପ୍ରକୃତ ଦେଶଭକ୍ତି। ଜଣକର ରାଷ୍ଟ୍ରପ୍ରେମ ତାହାର କର୍ତ୍ତବ୍ୟ ପରାୟଣତାରୁ ପରିପୁଷ୍ଟ ହୁଏ। ସ୍ୱଚ୍ଛତା, କର୍ମଠତା, କର୍ତ୍ତବ୍ୟପ୍ରତି ସମୟବଦ୍ଧତା, ସମାଜ ପ୍ରତି ଅଙ୍ଗୀକାରବଦ୍ଧତା, ସମାନତାରେ ବିଶ୍ୱାସୀ ଓ ସର୍ବୋପରି ଗଣତାନ୍ତ୍ରିକ ବିଚାରଧାରାର ଅନୁଗାମୀ ହେବା ଜନକର ପ୍ରକୃତ ଦେଶଭକ୍ତ ହେବାର ପରିଚୟ ଦିଏ। ଜଣେ ଭ୍ରଷ୍ଟାଚାରୀ, ସମାଜ ବିରୋଧି, ସମାନତାରେ ବିରୋଧି ତଥା ଗଣତାନ୍ତ୍ରିକ ମୂଲ୍ୟବୋଧରେ ଅବିଶ୍ୱାସୀ ଲୋକ କେବେବି ରାଷ୍ଟ୍ରଭକ୍ତ ହୋଇପାରିବ ନାହିଁ। ଏମାନେ କଦାପି ରାଷ୍ଟ୍ରବାଦୀ ନୁହଁନ୍ତି। ଏମାନଙ୍କ ଜାତୀୟ ପତାକା ଉତ୍ତୋଳନ ଓ ଜାତୀୟ ସଙ୍ଗୀତ ଗାନ ଛଳନା ମାତ୍ର। ରାଷ୍ଟ୍ର ପ୍ରଦତ୍ତ କାର୍ଯ୍ୟ ସୂଚାରୁରୂପେ ସମ୍ପାଦନ କରିବା ଜଣେ ରାଷ୍ଟ୍ରଭକ୍ତର ପ୍ରଥମ କର୍ତ୍ତବ୍ୟ। ଜଣେ ରାଜନେତା ସ୍ୱଚ୍ଛୋଟ, ଭ୍ରଷ୍ଟାଚାର ମୁକ୍ତ, ନିରପେକ୍ଷ ଓ ଦରଦୀ ବ୍ୟକ୍ତିବିଶେଷ ହେବା ଆବଶ୍ୟକ। କୌଣସି ରାଜନେତା ଯଦି ଭ୍ରଷ୍ଟାଚାରରେ ଲିପ୍ତ ଥାଏ, ରାଷ୍ଟ୍ର ବିରୋଧୀ କାର୍ଯ୍ୟ କରୁଥାଏ ଓ ଜନବିରୋଧୀ ପଦକ୍ଷେପ ନେଉଥାଏ ତେବେ ସେ କଦାପି ରାଷ୍ଟ୍ରଭକ୍ତ ନୁହେଁ। ସେହିପରି ଜଣେ ପ୍ରଶାସନିକ ଅଧିକାରୀ କିମ୍ବା ସାଧାରଣ କର୍ମଚାରୀ ନିଜ ଦାୟିତ୍ୱ ଠିକ୍ ଭାବରେ ସମ୍ପାଦନ କରିବା ହିଁ ତାଙ୍କର ରାଷ୍ଟ୍ରଭକ୍ତି। ଶ୍ରମିକ, କୃଷକ, କାରିଗର, ଶିକ୍ଷକ, ଡାକ୍ତର, ଇଂଜିନିୟର, ସର୍ବୋପରି ନିଜ ସମୟରେ ଠିକ୍ ଯାହା ତାଙ୍କ ରାଷ୍ଟ୍ରୀୟ ଦାୟିତ୍ୱଭାବେ ଗ୍ରହଣ କରି ସୁଚାରୁରୂପେ ସମ୍ପାଦନ କରିବା ହିଁ ରାଷ୍ଟ୍ରଭକ୍ତି। ଏଗୁଡ଼ିକ କେବଳ ଜୀବିକା ନୁହେଁ। ଏଗୁଡିକ ରାଷ୍ଟ୍ର ପ୍ରଦତ୍ତ କାର୍ଯ୍ୟ। ଶିକ୍ଷକ ଠିକ୍ ସମୟରେ ସ୍କୁଲରେ ପହଂଚିବା, ଠିକ୍ ସମୟରେ କ୍ଲାସକୁ ଯିବା, ଛାତ୍ରମାନଙ୍କ ପାଇଁ ନିଜକୁ ଆଦର୍ଶ ବ୍ୟକ୍ତିଭାବେ ପ୍ରତିଷ୍ଠିତ କରିବା ଓ ଉନ୍ନତ ମାନର ଶିକ୍ଷା ଦେବା ହେଉଛି ତାର ରାଷ୍ଟ୍ରଭକ୍ତି। ସେହିପରି ଜଣେ ଡାକ୍ତରଙ୍କ ନିସ୍ୱାର୍ଥପର ରୋଗୀସେବା ହେଉଛି ତାଙ୍କର ରାଷ୍ଟ୍ରଭକ୍ତି। ଜଣେ ଶ୍ରମିକ କରୁଥିବା କାର୍ଯ୍ୟର ଶ୍ରେଷ୍ଠ ସମ୍ପାଦନ ତାର ରାଷ୍ଟ୍ରଭକ୍ତି। ଅନ୍ୟମାନେ ଯିଏ ଯେଉଁ କାର୍ଯ୍ୟକୁ ଜୀବିକାଭାବେ ଗ୍ରହଣ କରିଛି ତାହାର ଶ୍ରେଷ୍ଠ ପ୍ରଦର୍ଶନ ହେଉଛି ତାହାର ରାଷ୍ଟ୍ରଭକ୍ତି। କାର୍ଯ୍ୟର ଶ୍ରେଷ୍ଠ ସମ୍ପାଦନ ହେଉଛି ପ୍ରକୃତ ରାଷ୍ଟ୍ରଭକ୍ତି। ଏହାହିଁ ଗୋଟିଏ ରାଷ୍ଟ୍ରକୁ ଆଗକୁ ଆଗେଇ ନେବାର ଏକମାତ୍ର ମାର୍ଗ। ଯେଉଁମାନେ କର୍ତ୍ତବ୍ୟରେ ଅବହେଳା କରନ୍ତି, ନାନା ଆଳ ଦେଖାଇ ଲୋକମାନଙ୍କୁ ହଇରାଣ କରନ୍ତି, ଉତ୍କୋଚ ଗ୍ରହଣ କରନ୍ତି, ପ୍ରିୟାପ୍ରୀତି ତୋଷଣରେ ଲିପ୍ତ ଥାନ୍ତି, କାର୍ଯ୍ୟ ସମ୍ପାଦନା କ୍ଷେତ୍ରରେ ସମୟାନୁବର୍ତ୍ତୀ ନୁହଁନ୍ତି, ସେମାନେ କଦାପି ରାଷ୍ଟ୍ରଭକ୍ତ ନୁହଁନ୍ତି।

ପ୍ରତିବର୍ଷ ରାଜନୈତିକ ଦଳମାନେ ସ୍ୱାଧୀନତା ଦିବସ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରନ୍ତି। ଚଳିତ ବର୍ଷ ବିଜେପି ତରଫରୁ ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଓ ଆମ୍ ଆଦମୀ ପାର୍ଟି ପକ୍ଷରୁ ଅଗଷ୍ଟ ୧୪ ତାରିଖ ସନ୍ଧ୍ୟା ପାଞ୍ଚଟାରେ ହାତରେ ତ୍ରିରଙ୍ଗା ଧରି ରାଷ୍ଟ୍ରୀୟ ସଙ୍ଗୀତ ଗାନର କାର୍ଯ୍ୟକ୍ରମ ରହିଛି। ଏହା ରାଷ୍ଟ୍ରୀୟ ଭାବନା ଜାଗ୍ରତ କରିବାର ସାଧୁ ଉପାୟ ନିଶ୍ଚୟ। ଲୋକମାନଙ୍କ ମଧ୍ୟରେ ରାଷ୍ଟ୍ରଭକ୍ତିର ଭାବନା ଜାଗ୍ରତ ହେଉ ଏହା କିଏ ନଚାହିଁବ। ତେବେ ଏହା ଲୋକ ଦେଖାଣିଆ ନହେଉ। ଲୋକମାନଙ୍କୁ ରାଷ୍ଟ୍ରୀୟ କର୍ତ୍ତବ୍ୟ ପାଳନ କରିବା ପାଇଁ ପ୍ରେରିତ କରାଯାଉ। ତାଙ୍କ ମଧ୍ୟରେ ସଚ୍ଚୋଟ ହେବାର ଭାବନା ଜାଗ୍ରତ କରାଯାଉ। ତାଙ୍କ ମଧ୍ୟରେ ସେବା ମନୋଭାବ ଜାଗ୍ରତ କରାଯାଉ ଓ ଅନ୍ୟାୟ ବିରୁଦ୍ଧରେ ଲଢିବାର ସାହସ ଉଦ୍ରେକ କରାଯାଉ।

କେବଳ ଜନତା ନୁହେଁ ସମସ୍ତ ରାଜନୈତିକ ଦଳ ମଧ୍ୟ ରାଷ୍ଟ୍ରଭକ୍ତି ଭାବନାରେ ଉଦ୍ଭାସିତ ହୁଅନ୍ତୁ। ଦେଶକୁ ଏକବଦ୍ଧ କରାଯାଉ ଓ ଭ୍ରଷ୍ଟାଚାର ମୁକ୍ତ କରାଯାଉ। ଭୋଟ୍ ପାଇଁ ସମାଜକୁ ବିଭାଜିତ କରାନଯାଉ। ରାଷ୍ଟ୍ରୀୟ ସମ୍ପତ୍ତିକୁ କେତେଜଣ ପୁଞ୍ଜିପତିଙ୍କ ହାତରେ ଟେକି ଦିଆନଯାଉ। ନିଜର ନିହିତ ସ୍ୱାର୍ଥ ସାଧନ ପାଇଁ ରାଷ୍ଟ୍ରୀୟ ଭାବନାର ଅପବ୍ୟବହାର ନହେଉ। ଦେଶରେ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବାର ବିକାଶ ଉପରେ ଗୁରୁତ୍ୱ ଦିଆଯାଉ। ରାଜନୀତିକୁ ଆଦର୍ଶଗତ କରାଯାଉ। ଲୋକଙ୍କ ଦୈନନ୍ଦିନ ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜନୀତି କରାଯାଉ। ଦେଶର ଗଣତାନ୍ତ୍ରିକ ଢାଞ୍ଚାକୁ ଆହୁରି ମଜଭୁତ କରାଯାଉ। ବିତର୍କ ଗଣତନ୍ତ୍ରକୁ ସୁଦୃଢ଼ କରେ। ଦେଶ କୌଣସି ସରକାର ବିତର୍କକୁ ଭୟ ନକରୁ। ରାଜନୈତିକ ଦଳମାନେ ତଥା ସରକାର ସଂକୀର୍ଣ୍ଣତା ଓ ପ୍ରତିହିଂସା ମନୋଭାବରୁ ଊର୍ଦ୍ଧ୍ୱରେ ରୁହନ୍ତୁ। ଲୋକମାନେ ସତର୍କ ରୁହନ୍ତୁ ଯେଉଁପରି ତାଙ୍କ ରାଷ୍ଟ୍ରୀୟ ଭାବନାର ଅପପ୍ରୟୋଗ ନହେଉ। ସେମାନେ ବିଚାର କରନ୍ତୁ କିଏ ପ୍ରକୃତରେ ରାଷ୍ଟ୍ରଭକ୍ତ। ଯିଏ ତାଙ୍କୁ ସବୁ ସୁବିଧା ଦେଉଛି ସିଏ ନା ଯିଏ ଶୋଷଣ କରିଚାଲିଛି ସିଏ। କିଏ ନିଜ ଅହଂକାରକୁ ଲୁଚାଇବା ପାଇଁ ରାଷ୍ଟ୍ରଭକ୍ତିର ଆଶ୍ରା ନେଇଛି ଓ କିଏ ଆମ୍ ଆଦମୀ ବା ସାଧାରଣ ଜନତାର ସମସ୍ୟାର ସମାଧାନ ପାଇଁ ରାଷ୍ଟ୍ରଭକ୍ତିର ଆଶ୍ରା ନେଇଛି। ଲୋକମାନେ ବୁଝନ୍ତୁ ଓ ଆଗକୁ ନିର୍ଣ୍ଣୟ ନିଅନ୍ତୁ।


+ ବାରିପଦା, ମୟୂରଭଞ୍ଜ,
ମୋ: ୭୦୦୮୯୭୬୧୮୦




## ତ୍ରିରଙ୍ଗା

### ଜିତେନ୍ଦ୍ର ଚନ୍ଦ୍ର ସାହୁ

ଉଡ଼େ ଫର ଫର ଆମ ଏ ତ୍ରିରଙ୍ଗା
ନୀଳ ଗଗନକୁ ଛୁଇଁ
ଭାରତ ମାତାର ଗଉରବ ଗାଥା
ଦେଉଛି ଆମକୁ କହି ।
ସାହସ, ବୀରତ୍ୱ, ତ୍ୟାଗର ପ୍ରତୀକ
ସତ୍ୟ, ଶାନ୍ତି ମନ୍ତ୍ର ଦେଇ
ବିଶ୍ୱାସେ ସମୃଦ୍ଧି ଏ ଜନମ ଭୂଇଁ
ସବୁଜ ସୁନ୍ଦର ସେହି ।
ବିଶ୍ୱ ପ୍ରେମ ଧାରା ଅମୃତ ପସରା
ହୃଦେ ଉଦାରତା ବହି
ମୋ ସୁନା ଭାରତ ଅଗ୍ରଗତି ଦେଖ
ନବ ସୂର୍ଯ୍ୟ ଦେଖେ ମହୀ ।
ଜାତି, ଧର୍ମ, ବର୍ଣ୍ଣେ ମୋ ଦେଶ ମହାନ
ବୀର ପୁତ୍ରେ ବଳିଦାନ
ବିଶ୍ୱ ଦରବାରରେ ନିଏ ଶ୍ରେଷ୍ଠ ସ୍ଥାନ
ମୋ ଦେଶ ଗ୍ରନ୍ଥ, ପୁରାଣ ।
ଆମେରେ ଦାୟଦ ଆମେ ରେ ସନ୍ତକ
ମାତୃ ପ୍ରତି ତେଜି ପ୍ରାଣ
ତାହାରି ସମ୍ମାନେ ଦିଅ ମନ ଧ୍ୟାନ
ନେବା ଆମେ ଶ୍ରେଷ୍ଠ ସ୍ଥାନ ।


+ବସୋଇ, ପରଜଙ୍ଗ, ଢେଙ୍କାନାଳ
ମୋ.ନଂ-୯୭୭୬୪୫୪୮୦୦


## ସତରେ କଣ ଆମେ ସ୍ୱାଧୀନ !


ସୁବାସ କୁମାର ତାରଣିଆଁ


ଆମ ଦେଶ ଭାରତ ଯେତେବେଳେ ବ୍ରିଟିଶ କବଳରେ କରାୟତ ଥିଲା, ସେତେବେଳେ ଇଂରେଜମାନେ ଭାରତୀୟଙ୍କୁ ବହୁ ନିର୍ଯ୍ୟାତନା ଦେଉଥିଲେ, ଭାରତୀୟମାନଙ୍କ ମୌଳିକ ଓ ସାମାଜିକ ଅଧିକାର ଛଡ଼ାଇନେଇ, ସେମାନଙ୍କୁ ନିଜର ଗୋଲାମୀ କରି ରଖିଥିଲେ। ଅନେକ ଲୋକ ସେମାନଙ୍କ ନିର୍ଯ୍ୟାତନା ସହିନପାରି ଜୀବନ ହାରୁଥିଲେ। ତେଣୁ ବ୍ରିଟିଶଙ୍କ କ୍ରୁର ଶାସନ କବଳରୁ ଦେଶକୁ ଛଡ଼ାଇ ଆଣିବାକୁ ଦୀର୍ଘବର୍ଷ ଧରି ଯେଉଁ ଲଢେଇ ଚାଲିଥିଲା, ସେଥିରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ପ୍ରତ୍ୟେକଟି ମହାମାନବ, ଦେଶପ୍ରେମୀ ସାମିଲ୍ ହୋଇ ନିଜ ତ୍ୟାଗ, ନିଷ୍ଠା ଓ ସଂଘର୍ଷର ପ୍ରମାଣ ଦେଇଥିଲେ। ହିନ୍ଦୁ ହେଉ ବା ମୁସ୍‌ଲିମ୍, ଶିଖ୍ ହେଉ ବା ଜୈନ ଅବା ଖ୍ରୀଷ୍ଟିୟାନ, ସମସ୍ତେ ଏଥିରେ ନେତୃତ୍ୱ ନେଇଥିଲେ। ମହାତ୍ମା ଗାନ୍ଧୀ, ଜବାହାରଲାଲ ନେହେରୁ, ସର୍ଦ୍ଦାର ପଟେଲ, ସୁବାଷ ବୋଷ, ଅବୁଲ୍ କାଲାମ ଆଜାଦ୍, ଆସଫକୁଲ୍ଲା ଖାଁ, ଡ. ଖାଁ ଅବଦୁଲ ଗଫୁର ଖାନ୍, ଆସିଫ ଅଲ୍ଲୀ, ଜାକିର ହୁସେନ ପ୍ରମୁଖ ଦେଶପ୍ରେମୀଗଣ ଏକାଠି ହୋଇ ନିଜ ଜୀବନକୁ ବାଜି ଲଗାଇ ବ୍ରିଟିଶ ବିରୋଧୀ ସଂଗ୍ରାମରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେତେବେଳେ ଦେଶ ଓ ଦେଶ ପ୍ରେମରେ ଧର୍ମକୁ ନେଇ ଭେଦଭାବ ବା ପାତର ଅନ୍ତର ଦେଖାଯାଉନଥିଲା ବରଂ ହିନ୍ଦୁ ମୁସଲମାନ, ଶିଖ, ଜୈନ ଏକତା ହିଁ ଭାରତର ମୂଳମନ୍ତ୍ର ବୋଲି ବ୍ରିଟିଶ ଶାସକ ହୃଦ୍‌ବୋଧ କରି ଏହି ବନ୍ଧୁତ୍ୱ ଓ ସମ୍ବଳକୁ ଖଣ୍ଡ ବିଖଣ୍ଡିତ କରିବା ପାଇଁ ସମସ୍ତ ଷଡ଼ଯନ୍ତ୍ର କରିଥିଲେ ମଧ ସଫଳ ହୋଇପାରି ନଥିଲେ। ବ୍ରିଟିଶମାନଙ୍କ ଷଡ଼ଯନ୍ତ୍ରକୁ ଭଣ୍ଡୁର କରିବା ପାଇଁ ଦେଶର କୋଟି କୋଟି ଜନତା ଏହି ମହାନ୍ ସଂଗ୍ରାମରେ ସାମିଲ ହୋଇଥିଲେ। ଫଳରେ ଏମାନଙ୍କ ଅକୁଣ୍ଠ ସମର୍ଥନ ଓ ଦେଶପ୍ରେମୀଙ୍କ ବଳିଦାନ ଯୋଗୁ ଆମ ଦେଶ ଭାରତ ବ୍ରିଟିଶ କବଳରୁ ସବୁଦିନ ପାଇଁ ମୁକ୍ତି ପାଇଥିଲା ସତ କିନ୍ତୁ ଦେଶ ବିରୋଧୀ କାର୍ଯ୍ୟକଳାପରେ ଲିପ୍ତ ଥିବା କିଛି ବ୍ୟକ୍ତି ବା ସଂଗଠନଙ୍କ ହୀନ ପ୍ରୟାସ ନିଶ୍ଚିତ ଭାବେ ନିନ୍ଦନୀୟ ଥିଲା। ସେମାନଙ୍କୁ ଯେତେ ଭର୍ତ୍ସନା କଲେ ତାହା କମ୍ ହେବ। ଏପରି ବିକୃତ ମାନବିକତା ଓ ସଂକୀର୍ଣ୍ଣତା ଆମ ତମାମ ସମାଜକୁ ଏମିତି ସଂକ୍ରମିତ କରିଦେଇଛି ଯେ ଆମେ ଏକପ୍ରକାର ଦୃଷ୍ଟିଶକ୍ତି ହରାଇ ବସିଛୁ !

ଆମ ଦେଶ ସ୍ୱାଧୀନ ହୋଇଛି ସତ, କିନ୍ତୁ ସାଧାରଣ ଜନତା ପରାଧୀନତାର କଷାଘାତରେ ଏବେ ବି ଜର୍ଜରିତ। ଜଣେ ମେଧାବୀ ଛାତ୍ରର ସବୁ ଯୋଗ୍ୟତା ଥାଇ ମଧ ଚାକିରୀ ଖଣ୍ଡିଏ ପାଇବାକୁ ହେଲେ କିରାଣୀ, ଚପରାଶି ଠାରୁ ଆରମ୍ଭ କରି ନେତାଙ୍କ ପର୍ଯ୍ୟନ୍ତ ସବୁଠି ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଗରୀବ ଲୋକଟିଏ ସରକାରୀ ଯୋଜନା ପାଇବାକୁ ହେଲେ କୁଜି ନେତାଙ୍କ ଠାରୁ ରାଜନେତାଙ୍କ ପର୍ଯ୍ୟନ୍ତ ସବୁଠି ଲାଞ୍ଚ ଦେବାକୁ ପଡୁଛି। ପ୍ରିୟାପ୍ରୀତି ତୋଷଣ ଯୋଗୁ ଅଯୋଗ୍ୟ ହିତାଧିକାରୀ ସବୁ ସରକାରୀ ସହାୟତା ପାଉଥିଲା ବେଳେ ଗରୀବ ଓ ପ୍ରକୃତ ହିତାଧିକାରୀଙ୍କୁ ସରକାରୀ ଯୋଜନାରୁ ବଞ୍ଚିତ କରାଯାଉଛି। କିଛି କୁଚକ୍ରି ଓ ବାହୁବଳୀ ରାଜନେତା ସାଧାରଣ ଜନତାଙ୍କ ମୌଳିକ ଅଧିକାର କ୍ଷୁର୍ଣ୍ଣ କରିବାରେ ଲାଗିପଡ଼ିଛନ୍ତି। ଯେଉଁ ମହାନ୍ ସଂଗ୍ରାମୀମାନଙ୍କ ବର୍ଷ ବର୍ଷର ସଂଗ୍ରାମ ଓ ତ୍ୟାଗ ବଳରେ ଆଜି ଦେଶ ସ୍ୱାଧୀନତା ଲାଭ କଲା, ସେହି ଦେଶରେ ବର୍ତ୍ତମାରନ ବାହୁବଳୀ ରାଜନେତାମାନେ କ୍ଷମତା ଉପଭୋଗ କରିବା ସହ ନିରୀହ ଜନସାଧାରଣଙ୍କୁ ପୁଣି ଥରେ ପରାଧୀନତାର ଶିକୁଳି ଭିତରକୁ ଠେଲି ଦେଇଛନ୍ତି। ଗଣତନ୍ତ୍ରର ମୂଳମନ୍ତ୍ର ଆଜି ନ୍ୟସ୍ତସ୍ୱାର୍ଥ ରାଜନୈତିକ ଚକ୍ରାନ୍ତର ଶିକାର ହୋଇଛି। ତମାମ ଦେଶ ଘୃଣା ଓ ବିଦ୍ୱେଷର ବାତାବରଣ ଉଗ୍ର ରୂପ ନେବାରେ ଲାଗିଛି।

ଏହାର ଏକ ଉଦାହରଣ ହେଲା ଜଣେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ କମଳ ଲୋଚନ ସାର୍। କମଳ ଲୋଚନ ସାର୍ ଥିଲେ ଜଣେ ଆଦର୍ଶ ତଥା ଛାତ୍ରବତ୍ସଳ ଶିକ୍ଷକ। ଛାତ୍ରଛାତ୍ରୀମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଗଢିବାରେ ସେ ଥିଲେ ବେଶ୍ ପାରଙ୍ଗମ। ସ୍କୁଲ୍‌ର ସବୁ କର୍ମଚାରୀଙ୍କ ଠାରୁ ଆରମ୍ଭ କରି ଅଭିଭାବକମାନେ ସମସ୍ତେ ତାଙ୍କୁ ଭଲ ପାଉଥିଲେ ଓ ସମ୍ମାନ ମଧ ଦେଉଥିଲେ। ସେଥିପାଇଁ କମଳ ଲୋଚନ ସାର୍‌ଙ୍କର ଏକ ସ୍ୱତନ୍ତ୍ର ପରିଚୟ ଥିଲା। ଏକଦା ସ୍କୁଲ୍‌ରେ ପରୀକ୍ଷା ଚାଲିଥିବା ସମୟରେ ସ୍ଥାନୀୟ ଜଣେ ମନ୍ତ୍ରୀଙ୍କ ପୁଅ ପରୀକ୍ଷାରେ କପି କରୁଥିବାର ଦେଖି କମଳ ଲୋଚନ ସାର୍ ମନ୍ତ୍ରୀଙ୍କ ପୁଅଠାରୁ କପି ଜବତ କରିଥିଲେ ଏବଂ ପରୀକ୍ଷାରେ କପି ନ କରି, ପାଠ ପଢି ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ। ଏହି ଖବର ମନ୍ତ୍ରୀଙ୍କ ପାଖରେ ପହଞ୍ଚିବା ପରେ ଏହାର ଭୟଙ୍କର ପରିଣତି କମଳ ଲୋଚନ ସାର୍‌ଙ୍କୁ ଭୋଗିବାକୁ ପଡ଼ିଥିଲା। ତାଙ୍କୁ ମାର୍ଥାପୁର ନାମକ ଏକ ସମ୍ବେଦନଶୀଳ ତଥା ଉତ୍ତେଜନାପ୍ରବଣ ଅଞ୍ଚଳକୁ ବଦଳି କରି ଦିଆଯାଇଥିଲା ଯେଉଁ ଅଞ୍ଚଳରେ ରାଜୁ ବୋଲି ଏକ ଦୁର୍ଦ୍ଦାନ୍ତ ଅପରାଧୀ ମନ୍ତ୍ରୀଙ୍କ ଛତ୍ରଛାୟା ତଳେ ରହି ଆଖପାଖ ୫୦ଟି ଗାଁରେ ନିଜର ଅପରାଧ ସାମ୍ରାଜ୍ୟ ଚଳାଇ ଆସୁଥିଲା। ଏପରିକି ଉକ୍ତ ଅଞ୍ଚଳର ଲୋକମାନେ ନିଜର ଗୁଜୁରାଣ ମେଣ୍ଟାଇବା ପାଇଁ ନିଜ ଗାଁରେ ଥିବା ସରକାରୀ ଜମିରେ ଦୋକାନ ଖଣ୍ଡିଏ କରିବାକୁ ହେଲେ ରାଜୁ ନାଁରେ ହିଁ ଦୋକାନ ଖୋଲିବାକୁ ହୁଏ ଓ ମାସିକିଆ ଦାଦାବଟି ଦେବାକୁ ପଡ଼େ। ଯିଏ ଦାଦାବଟି ଦେବାକୁ ଅକ୍ଷମ ହେଉଥିଲା, ରାଜୁ ତାକୁ ହତ୍ୟା କରୁଥିଲା। ସେହି ଅଞ୍ଚଳର ଜଣେ ଗରିବ ଲୋକ ଗାଁରେ ଥିବା ନିଜ ପୈତୃକ ଜମିରେ ରାଜୁର ବିନା ଅନୁମତିରେ ତାଙ୍କ ମାଆଙ୍କ ନାମରେ ଏକ ଜଳଖିଆ ଦୋକାନ ଖୋଲିବାରୁ, ଦିନ ଦ୍ୱିପ୍ରହରରେ ସର୍ବସମ୍ମୁଖରେ ରାଜୁ ତାଙ୍କୁ ଛୁରୀ ଭୁସି ହତ୍ୟା କରିଥିଲା ଓ ସେଠାକାର ଥାନାର ଇନିସ୍‌ପେକ୍ଟର ଏହି ଘଟଣାର ତଦନ୍ତ କରିବାକୁ ଆସିବାରୁ ତାଙ୍କୁ ମଧ ରାଜୁର ଲୋକମାନେ ହତ୍ୟା କରିଥିଲେ। କମଳ ଲୋଚନ ସାର୍‌ଙ୍କ ପୁଅ ଅଭିଜିତ ଯେ କି ଜଣେ ଶିକ୍ଷିତ ଯୁବକ ସେ ରାଜୁର ଏଭଳି ଘଟଣାକୁ ଘୋର ବିରୋଧ କରୁଥିଲେ। କିନ୍ତୁ ବାପାଙ୍କ ଆଦର୍ଶ ଯୋଗୁ ଚୁପ୍ ରହିବାକୁ ବାଧ ହେଉଥିଲେ। ସେହି ଅଞ୍ଚଳରେ ସରକାରୀ ଜାଗାରେ ରାଜୁର ନାମରେ ଏକାଧିକ ଦୋକାନ ଖୋଲିଥିବାରୁ ଜଣେ ତଦନ୍ତକାରୀ ଅଫିସର ଘଟଣାସ୍ଥଳକୁ ଯାଇ ତଦନ୍ତ କରିବାରୁ ତାଙ୍କୁ ରାଜୁର ଲୋକମାନେ ଗୋଡ଼େଇ ଗୋଡ଼େଇ ହତ୍ୟା କରିଥିଲେ। ସେହିପରି ମହାମାରୀ କରୋନା ସମୟରେ ଗୁଜୁରାଟର ସୁରତ ସହରରେ ରାତି କର୍ଫ୍ୟୁ ଜାରି ରହିଥିବା ବେଳେ ସ୍ଥାନୀୟ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପୁଅ ଏବଂ ତାଙ୍କର ୪ଜଣ ସାଙ୍ଗ ଏହାକୁ ଉଲଂଘନ କରି ବିନା ମାସ୍କରେ ବୁଲୁଥିବା ସମୟରେ ସେଠାରେ ନିୟୋଜିତ ଥିବା ମହିଳା କନେଷ୍ଟବଳ ସୁନୀତା ଯାଦବ ସେମାନଙ୍କୁ ଅଟକାଇଥିଲେ ଏବଂ କାହିଁକି ମାସ୍କ ପିନ୍ଧି ନାହାଁନ୍ତି ଓ ସାମାଜିକ ଦୂରତ୍ୱ ନିୟମ ମାନୁନାହାଁନ୍ତି ବୋଲି ପ୍ରଶ୍ନ କରିବାରୁ ଉତ୍ତରରେ ଗାଳି ଶୁଣିଥିଲେ ଓ ମନ୍ତ୍ରୀଙ୍କ ପୁଅକୁ କ୍ଷମା ମାଗିବା ପାଇଁ ତାଙ୍କୁ ବାଧ କରାଯାଇଥଲା। ଗାଳି ଶୁଣି ମଧ ମନ୍ତ୍ରୀଙ୍କ ପୁଅଙ୍କୁ କ୍ଷମା ନ ମାଗିନଥିଲେ କନେଷ୍ଟବଳ ସୁନୀତା ଯାଦବ। ପରେ ସୁରଟ ପୋଲିସ୍ କମିଶନର ଆର.ବି. ବ୍ରହ୍ମଭଟ୍ଟ ଏସ୍.ପି. ସି.କେ. ପଟେଲଙ୍କୁ ଏହି ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ତଦନ୍ତ ପରେ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପରିବର୍ତ୍ତେ ମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ କନେଷ୍ଟବଳ ସୁନୀତାଙ୍କ ବିରେଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହାପରେ କନେଷ୍ଟବଳ ସୁନିତା ତାଙ୍କ ଚାକିରୀରୁ ଇସ୍ତଫା ଦେଇଥିଲେ।

ମହାମାରୀ ସମୟରେ ଅମ୍ଳଜାନ ଅଭାବରୁ ବହୁ କରୋନା ବ୍ୟକ୍ତି ମୃତ୍ୟୁବରଣ କରିଥିଲେ। ଏହି ସମୟରେ ଜଣେ ଲୋକ ନିଜ ଜେଜେବାପାଙ୍କ ପାଇଁ ଅମ୍ଳଜାନ ଆବଶ୍ୟକ ଥିବା ଟୁଇଟ କରିବା ଯୋଗୁଁ ତାଙ୍କ ବିରୋଧରେ ରାଜଦ୍ରୋହ ମାମଲା ରୁଜୁ ହୋଇଥିଲା। ସେହିପରି ବିଗତ ଦିନରେ ହାଥରସ୍‌ରେ ହୋଇଥିବା ଗଣଦୁଷ୍କର୍ମ ମାମଲାରେ ପ୍ରତିବାଦ କରି ଅନ୍ଦୋଳନ କରିଥିବା ବିକ୍ଷୋଭକାରୀଙ୍କ ମଧ୍ୟରୁ ୨୨ଜଣଙ୍କ ବିରୋଧରେ ରାଜଦ୍ରୋହ ମାମଲା ରୁଜୁ କରାଯାଇଛି ଯାହା ଗଣତନ୍ତ୍ର ରାଷ୍ଟ୍ର ପାଇଁ ଆଦୌ ଶୁଭଙ୍କର ନୁହେଁ।

ଯେଉଁମାନେ ଗରିବ, ଅସହାୟ ଓ ଦରିଦ୍ର୍ୟର ସୀମାରେଖା ତଳେ ବାସ କରୁଥିବା ଲୋକଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ସଂଗ୍ରାମ କରୁଛନ୍ତି, ଗରିବ ଲୋକଙ୍କ ମୌଳିକ ଅଧିକାର ଫେରାଇ ଆଣିବା ପାଇଁ ରାଜରାସ୍ତାକୁ ଓହ୍ଲାଉଛନ୍ତି, ସେମାନଙ୍କୁ ଦେଶଦ୍ରୋହୀ କୁହାଯାଇ ଜେଲ୍‌ରେ ଭର୍ତ୍ତି କରିଦେଉଛନ୍ତି। ଏସବୁ ଘଟଣାକୁ ତର୍ଜମା କଲେ ଲାଗୁଛି ଦେଶ ସ୍ୱାଧୀନ ହୋଇଛି ସତ, ମାତ୍ର ଆମେ ଏବେ ବି ପରାଧୀନ ହୋଇ ରହିଯାଇଛୁ। ତେଣୁ ଯେତେଦିନ ପର୍ଯ୍ୟନ୍ତ ନିଜର ହକ୍ ଓ ଅଧିକାର ପାଇଁ ମୁହଁ ନଖୋଲିଛେ, ସେତେଦିନ ପର୍ଯ୍ୟନ୍ତ ରାଜନୀତିରେ ଗୁଣ୍ଡାରାଜ ଚାଲିଥିବ, ଦେଶରେ ଆତଙ୍କରାଜ ଦୁର୍ନୀତି, ବ୍ୟଭିଚାରର ବଢିଚାଲିଥିବ ଆଉ ଧର୍ମ ଧର୍ମ ନାଁରେ ଏବଂ ଜାତି ଜାତି ଭିତରେ ହଣାକଟା ଚାଲିଥିବ, ଏଥିରେ ଦ୍ୱିମତ ହେବାର ନାହିଁ।


+କଣ୍ଟି, ବାହାରଣା, ବାଲିକୁଦା,
ଜଗତସିଂହପୁର
ମୋ : ୮୩୨୮୮୪୦୨୧୪


## ମୋ’ ମାଟି ମୋ’ ମାଆ

### ତିମିରି ରଞ୍ଜନ ପଣ୍ଡା

ଯାହାର ପବନ ବହେ ମୋ’ ଶରୀରେ
ଯାହାର ପାଣି ମୋ’ ଜୀବନ ବୋଲାଏ
ଯାହାର ମାଟି ମୋର ମାଆ,
ସେଇ ମାଟି ମୋର ଜନମଭୂଇଁ
ଭାରତ ତାହାରି ନାଆ ।

ଯାହାର ପାଦକୁ ନିତି ଧୋଇଦିଏ
ପୁଣ୍ୟ ସେ ମହୋଦଧି,
ଯାହାର ମଥାକୁ ନିତି ଚୁମିଥାଏ
ଗିରି ଶୃଙ୍ଗାଧିପତି,
ସେଇ ତ ମୋ’ ପ୍ରିୟ ଜନମ ମାଟି
ସେଇଠି ମୋ’ ପ୍ରିୟ ଗାଆଁ ।

ବକ୍ଷରେ ଯା’ର ପ୍ରବାହିତ ସଦା
ଗଙ୍ଗା ଓ ଗୋଦାବରୀ,
ଗିରି-କାନନ ଯା’ ଶୋଭାର ଭଣ୍ଡାର
ତାକୁ ଅବା କିଏ ସରି,
ସାରା ଜଗତରେ ପୁଣ୍ୟ ମୋ’ ଦେଶ
ସେଇ ମୋ’ ସୁନାର ଗାଆଁ ।

ଯେଉଁ ଦେଶେ ଥିଲେ ବାଲ୍ମିକୀ ବ୍ୟାସ
କାଶ୍ୟପ ମହାଋଷି,
ରଚି ରାମାୟଣ ରଖିଗଲେ ଯଶ
ପୁଣ୍ୟ ପ୍ରଦେଶେ ଆସି,
ସେଇ ଦେଶରେ ମୁଁ ଜନମ ନେଇଛି
ସେହି ତ ମୋ’ ପ୍ରିୟ ମାଆ ।

ଯା’ର ସନ୍ତାନ ବୀର କାରିଗର
ଗଢିଥିଲେ କୋଣାରକ,
ଯା’ର ଅଧିପତି ଶତ୍ରୁ ସଂହାରି
ବରିଥିଲେ ଗୁରୁ ବାକ୍ୟ,
ଗାନ୍ଧୀ, ଭଗତ ଜନମିଛି ଯହିଁ
ସେହି ମାଟି ମୋର ମାଆ ।

ଯେଉଁ ଦେଶେ ନାହିଁ ବର୍ଣ୍ଣ ବିଭେଦ
ନାହିଁ ଧର୍ମର ଶ୍ରେୟ,
ସଭିଏଁ ଖାଆନ୍ତି ମହାପ୍ରସାଦକୁ
ଗାଇ ଏକତାର ଜୟ,
ପାଏ ଯହିଁ ନାରୀ ମାଆର ସମ୍ମାନ
ସେହି ତ ମୋ’ ପ୍ରିୟ ଗାଆଁ ।

ଜନ-ଗଣ-ମନ ପ୍ରାଣର ସଙ୍ଗୀତ
ତ୍ରୀରଙ୍ଗା ଯାହାର ନେତ,
ପତିତଜନଙ୍କୁ ଉଦ୍ଧାର କରନ୍ତି
ପ୍ରଭୁ ଜଗତରନାଥ,
ଗରବେ ମୋହର ଫୁଲିଉଠେ ଛାତି
ନେବାକୁ ତାହାରି ନାଆଁ ।


ରାଇରଙ୍ଗପୁର
ମୋ: ୯୪୩୭୯୬୭୭୯୭


## ତ୍ରିରଙ୍ଗା ଝଣ୍ଡା

### ରମେଶ ଚନ୍ଦ୍ର ନାୟକ

ଆକାଶ କୋଳରେ ଫର ଫର ଉଡେ
ଆମରି ତ୍ରିରଙ୍ଗା ଝଣ୍ଡା
ଘୋଷଣା କରଇ ସ୍ୱାଧୀନତା ମନ୍ତ୍ର
ସହରରୁ ଗାଆଁ ଗଣ୍ଡା ।
ଜନ ଗଣ ମନ ସଂଗୀତ ଗାଉଛି
ସାଥେ ରଖି ଦେଶବାସୀ
ସ୍ୱାଧୀନ ଚେତନା ସ୍ୱାଧୀନ ଭାବନା
ଲୋକଙ୍କୁ ଦେଉଛି ଖୁସି ।
ତ୍ରିରଙ୍ଗା ଶରୀର ତିନି ରଙ୍ଗେ ଗାର
ନାରଙ୍ଗୀ ଧବଳ ନୀଳ
ମଝିରେ ଅଶୋକ ଚକ୍ର ଟି ରହିଛି
ପ୍ରେମ ମମତାର ମୂଳ ।
ଶକ୍ତି ସତ୍ୟ ଶାନ୍ତି ସମୃଦ୍ଧି ସୂଚକ
ପତାକାର ତିନି ରଙ୍ଗ
ଏକତା ସୂତ୍ରରେ ଜାତୀର ନାବରେ
ବସିକି ଧରିଛି ମଙ୍ଗ ।
ପତାକା ଆମର ପ୍ରତୀକ ଦେଶର
ଆମ ଗର୍ବ ଗଉରବ
କେଉଁ ଦେଶେ କିଏ ଲୋକେ ଗଣା ହୁଏ
ପତାକା ଟି କହିଦେବ ।
ସ୍ୱାଧୀନ ଦେଶର ଭାରତ ବର୍ଷର
ଅଟୁ ଆମେ ନାଗରିକ
ରଖି ଯିବା ଆମେ ସର୍ବେ ମିଳିମିଶି
ଭାରତ ମାତାର ଟେକ ।
ତ୍ରିରଙ୍ଗା ପତାକା ଆମ ସ୍ୱାଭିମାନ
ତା’ ପାଇଁ କରିବା ଗର୍ବ
ମିଳିମିଶି ଆମେ ସଭିଏଁ ଚଳିବା
ରଖି ଶାନ୍ତି ମୈତ୍ରୀ ଭାବ ।
ମହାପୁରୁଷ ଙ୍କୁ ପକାଇବା ମନେ
କରୁଥିବା ତାଙ୍କ ପୂଜା
ଫର ଫର ହୋଇ ସଦା ଉଡୁଥିବ
ଆମରି ତ୍ରିରଙ୍ଗା ଧ୍ୱଜା ।
ଦେଶ ପ୍ରେମ ପ୍ରୀତି ତ୍ରିରଙ୍ଗାର ନୀତି
କାଳ କାଳ ଯଶ ରଖେ
ପ୍ରଣାମ କରୁଛୁ ପୂଣ୍ୟ ତ୍ରିରଙ୍ଗାକୁ
ସର୍ବେ ହସ ହସ ମୁଖେ ।


+ କେଶରପୁର , ବକ୍ସି ବଜାର , କଟକ
ମୋ :- ୭୯୭୮୧୫୧୭୧୦


## ବ୍ୟଥିତ ଗଣତନ୍ତ୍ର

### ସୁଧାକର ରାଉତ

କେତେ ଗାଉଥିବା ଗଣତନ୍ତ୍ର କଥା
କେତେ କହୁଥିବା ସ୍ୱାଧୀନତା ବ୍ୟଥା ।
ଦେଉଥିବା କେତେ ରାଜନୀତି ଦ୍ୱାହି
ସଭିଏଁ ଡାକନ୍ତି ହୋଇ ତ୍ରାହି ତ୍ରାହି ।
ଦୁର୍ନୀତି ରାକ୍ଷସ ସିଂହାସନ ମାଡି
ଭ୍ରଷ୍ଟାଚାରକୁ ସେ ଧରିଛି ଜାବୁଡି ।
ଅସତ୍ୟ, ଅନ୍ୟାୟ ତାର ଦୁଇ ହାତ
ମିଥ୍ୟାଚାର ପରେ ଚାଲେ ସଦାପଥ ।
ନୀତି ଭ୍ରଷ୍ଟ, ସ୍ୱାର୍ଥପର ମୁଖାପିନ୍ଧି
ନେତା ବୋଲଅନ୍ତି ବାକ୍ୟବାଣେ ଛନ୍ଦି ।
ଗଣତନ୍ତ୍ର ମୁଖରେ ବୋଳିଣ କାଳି
ଗଣ ହତ୍ୟା ଚାଲେ ଧର୍ମେ ଦେଇ ବଳି ।
ରାମ ରାଜ୍ୟ ସ୍ୱପ୍ନ ହଜିଛି ଅନ୍ଧାରେ
ଅଣ୍ଟିଛୁରୀ ତଣ୍ଟି କାଟେ ଗୋପନରେ ।
ଅର୍ଥ ପ୍ରଭାବେ ଲୁଚେ କାହିଁ ସ୍ୱଭାବ
ଜୀବନଟା ଦିଏ ତ୍ରାହି ତ୍ରାହି ରାବ ।
ସତ୍ୟ, ନ୍ୟାୟ, ଧର୍ମ ନିତି ମରେ ଝୁରି
ସ୍ୱାଧୀନ ବୋଲି ଯା ପଡ଼ିଅଛି ହୁରି ।
ଶୈଶବ, ଯୌବନ ହୁଅଇ ଲୁଣ୍ଠିତ
ଶିଥିଳ ପଡିଛି ପ୍ରତିରୋଧ ବେତ ।
ସୁଖ, ଶାନ୍ତି ସବୁ ଶବ୍ଦରେ ସୀମିତ
ମଣିଷ ପଣିଆ କାନ୍ଦଇ ନିରତ ।
ପରାଧୀନତାର ବନ୍ଧନ ଶିକୁଳି
ଛିନ୍ନ ହୋଇ ବଞ୍ଚିଛ ଯା ଜଳିଜଳି ।
ତଥାପି ମୋ ଜନ୍ମଭୂମି କି ମହାନ
ତ୍ୟାଗ, ତିତିକ୍ଷାରେ କେତେ ଗରିୟାନ ।
ଆଧ୍ୟାତ୍ମିକତା ଦୃଷ୍ଟିରୁ ତା ଗୌରବ
ସମଗ୍ର ବିଶ୍ୱର ଅଟଇ ବୈଭବ ।


ପ୍ରତାପ ନଗରୀ, କଟକ
ମୋ-୮୨୪୯୯୩୨୭୯୨


## ଅମୃତ ମହୋତ୍ସବ

### ଦିବାକର ନାୟକ

ଏ ଗଗନ ହସୁଛି ହସୁଥିବ
ଏ ପବନ ବାସୁଛି ବାସୁଥିବ
ଆଜି ଅଛି, କାଲି ନ ରହିପାରେ ମୁଁ
ଏ ଭାରତ ରହିଛି ରହିଥିବ..
ସ୍ୱାଧୀନତାର ପଞ୍ଚସ୍ତରୀ ବର୍ଷ
ପାଳୁଅଛି ଅମୃତ ମହୋତ୍ସବ..
ବନ୍ଦେ ମାତରଂ.. ବନ୍ଦେ ମାତରଂ ।

ଅନେକ ସହୀଦ୍, ଦେଶ ପ୍ରେମୀ ରକ୍ତେ
ଲେଖା ଆମ ଇତିହାସ
ଲାଲ୍ ବାଲ୍ ପାଲ୍ ଭଗତ ପଟେଲ୍
ରଖିଗଲେ କେତେ ଯଶ ।
ଦେଶ-ଜନନୀର ବିଜୟ କାହାଣୀ
ଲଢିବାକୁ ସାହସ ଦେଉଥିବ..
ସ୍ୱାଧୀନତାର ପଞ୍ଚସ୍ତରୀ ବର୍ଷ
ପାଳୁଅଛି ଅମୃତ ମହୋତ୍ସବ..
ବନ୍ଦେ ମାତରଂ.. ବନ୍ଦେ ମାତରଂ ।

ଦେବାଦେବୀ ଏଠି ଜନମ ନେବାକୁ
ମଣିଥାନ୍ତି ଭାଗ୍ୟବାନ
ମଣିଷ ବି ଏଠି ଜନସେବା କରି
ହୋଇଥାନ୍ତି ଭଗବାନ
ଆକାଶକୁ ଛୁଇଁ ତ୍ରିରଙ୍ଗା ଉଡୁଛି
ଆମ ପାଇଁ ଅସୀମ ଗଉରବ..
ସ୍ୱାଧୀନତାର ପଞ୍ଚସ୍ତରୀ ବର୍ଷ
ପାଳୁଅଛି ଅମୃତ ମହୋତ୍ସବ..
ବନ୍ଦେ ମାତରଂ.. ବନ୍ଦେ ମାତରଂ ।


ପାଟପୁର, କନିସି-୭୬୧୦୦୮
ଭା-ଗୋଳନ୍ଥରା, ଗଞ୍ଜାମ
ମୋ-୯୯୩୮୬୧୯୯୮୧


## ।। ପାପାଙ୍କ ଜନ୍ମଦିନ ।।

ପାପା,

ଜନ୍ମଦିନର ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା। ଏ ବ୍ୟସ୍ତବହୁଳ ଜୀବନରେ ଭବିଷ୍ୟତକୁ ସୁନ୍ଦର ବନେଇବାର ସ୍ୱପ୍ନ ନେଇ ହୁଏତ ଆମେ ସମସ୍ତେ ବର୍ତମାନରେ ବଂଚିବା ଭୁଲି ଯାଇଛେ। ତଥାପି ସମୟ କାଢି ମାତୃଦିବସ ତ ପାଳନ କରିଦଉଛେ ହେଲେ ସମୟ ଯେବେ ପିତାମାନଙ୍କୁ ଧନ୍ୟବାଦ ଦବାର ଆସେ, ସେବେ ମନରେ କେମିତି ଗୋଟେ ସଂକୋଚ ବା କୁଣ୍ଠାବୋଧ ପ୍ରକାଶ ହୁଏ । ଏ କୁଣ୍ଠାବୋଧର ଅର୍ଥ ଏହା ନୁହେଁ କି ଆମେ ପିତାମାନଙ୍କୁ ସମ୍ମାନ ଦେବାକୁ ଚାହେଁନି, ବରଂ ନିଜକୁ କିପରି ଗୋଟେ ଛୋଟ ମନେ ହୁଏ। ହୁଏତ ସମାଜର ଏ ପୁରୁଷ ଆଉ ନାରୀର ବିଭାଜତାଟା ଏତେ ଜଲ୍‌ଦି ଭରିବନି। ଯେତେ ସହଜ ଜଣେ ମା କି ଭଉଣୀକୁ ସବୁ ଜିନିଷ ଖୋଲିକି କହିବାରେ ଥାଏ ସେତିକି କେବେ ଭାଇ ଆଉ ବାପାମାନଙ୍କ ସହ ହୁଏତ ଏ ସମାଜର ବିଭାଜତା ଯୋଗୁ ସମ୍ଭବପର ହେଇପାରିନାହିଁ। ତୁମ ଜନ୍ମଦିନର ଆଗମନରେ ଗୋଟେ ଦୁଃଖ ଯେ ତୁମ ଜୀବନ ଚକ୍ରରୁ ବର୍ଷଟେ କମିଗଲା ମାତ୍ର, ଏଇ ଗତ ବର୍ଷଟି ଏତେ ସୁସ୍ଥ ଆଉ ଖୁସିରେ କାଟି ଥିବାରୁ ଭଗବାନଙ୍କ ନିକଟରେ ମୋର ପ୍ରଣତି ଆଉ ଏତିକି ପ୍ରାର୍ଥନା ଏମିତି ସବୁବେଳେ ତୁମକୁ ଖୁସି ରଖନ୍ତୁ। କେବେ ଖୋଲିକି କହିପାରିବିନି କି ହୁଏତ ମୋର କଲମର ସାହସ ନାହିଁ ମୋ ହୃଦୟର ଭକ୍ତି ଓ କୃତଜ୍ଞତାକୁ ସେ ଯଥାର୍ଥତା ଦେଇପାରିବ। ତୁମେ ଖୁସିରେ ରୁହ ତାହା ହିଁ ଆମ ସପରିବାରଙ୍କର ମା’ ମଙ୍ଗଳାଙ୍କ ପାଖେ ବିନତି।

।।ଇତି।।


ପ୍ରିୟଙ୍କା ପ୍ରିୟଦର୍ଶିନୀ ପାତ୍ର,
ଗବେଷକ, ପ୍ରାଣୀ ବିଜ୍ଞାନ ବିଭାଗ, ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟ

## ବିଶ୍ୱବିଜୟୀ ତ୍ରିରଙ୍ଗା.... (ପୃଷ୍ଠା ୪ର ଅବଶିଷ୍ଟ)

ଉପସ୍ଥିତ ଜନତା ସେଇ ଜାତୀୟ ପତାକାକୁ ସମ୍ମାନ ଜଣାଇଲେ । ବିଶ୍ୱସ୍ତରୀୟ ଏହି ବିଶାଳ ଦେଶସମୂହର ସମ୍ମିଳନୀରେ ପ୍ରକାଶ୍ୟ ଉଡୁଥିବା ଏହା ଥିଲା ସବପ୍ରଥମ ଜାତୀୟ ପତାକା । ମ୍ୟାଡାମ କାମା ଏ ଜାତୀୟ ପତାକା ବାହାର କଲାବେଳେ କହିଥିଲେ, ଏହା ହେଉଛି ଭାରତୀୟଙ୍କ ସ୍ୱାଧୀନ ଧ୍ୱଜା । ହେଇ ଦେଖ ,ଏ ଜାତୀୟ ପତାକାଟି କେମିତି ଫରଫର ହୋଇ ନୀଳ ଗଗନରେ ଉଡୁଛି। ଭାରତବାସୀଙ୍କ ରକ୍ତରେ ଏହା ପାବନ ପବିତ୍ର ହୋଇସାରିଛି । ସଦସ୍ୟଗଣ ,ମୁଁ ଆପଣଙ୍କୁ ଅନୁରୋଧ କରୁଛି ଆପଣମାନେ ଛିଡାହୋଇ ଭାରତର ଏ ସ୍ୱାଧୀନ ପତାକାକୁ ଅଭିବାଦନ କରନ୍ତୁ . . . . .। ଭାରତୀୟ ଦେଶଭକ୍ତଙ୍କ ଧମନୀରେ ପ୍ରବାହିତ । ନିର୍ଭର ଯୋଗ୍ୟ ସରକାରୀ ସୂତ୍ରରୁ ଜଣାଯାଏ ଏ କଳ୍ପନାର ରୂପକାର ଥିଲେ ଶ୍ରୀମତୀ ଭିକାବାଈ କାମା । ସେ ଦିନଗୁଡିକରେ ସେ ଫ୍ରାନସ୍‌ରେ ନିବାସିତ ଜୀବନ ଯାପନ କରୁଥିଲେ । ତାଙ୍କ ପରିକଳ୍ପିତ ଯୋଜନା ଅନୁସାରେ ଜାତୀୟ ପତାକାରେ ତିନୋଟି ରଙ୍ଗ ସ୍ଥାନିତ ହୋଇଥିଲା । ପ୍ରାରମ୍ଭରେ କେଶରୀ ରଙ୍ଗ , ମଝିରେ ଶ୍ୱେତ ତଥା ଶେଷରେ ସବୁଜ ରଙ୍ଗର ବ୍ୟବସ୍ଥା କରାଯାଇଥିଲା । କେଶରୀ ଅଂଶରେ ଆଠଟି ତାରା ,ଶ୍ୱେତରଙ୍ଗ ଅଂଶରେ ଦେବନାଗରୀ ଲିପିରେ ବନ୍ଦେ ମାତରମ ଓ ସବୁଜ ଭାଗରେ ଚନ୍ଦ୍ର-ସୂର୍ଯ୍ୟ ଅଙ୍କିତ ହୋଇଥିଲା । ଏ ରଙ୍ଗସବୁ ହିନ୍ଦୁ,ମୁସଲମାନ ତଥା ଅନ୍ୟାନ୍ୟ ବର୍ଗ , ସଂପ୍ରଦାୟ ଓ ଜାତୀର ପ୍ରତୀକ ଥିଲା । ଏ ପ୍ରତାକା ସର୍ବପ୍ରଥମେ ଷ୍ଟୁଟଗାର୍ଡରେ ଉତୋଳନ କରାଯାଇଥିଲା । ତେବେ ଥୋକେଙ୍କ ବିଚାରରେ ତାରା ଜାଗାରେ ପଦ୍ମ ଅଙ୍କିତ ହୋଇଥିଲା . . . . .। ସେ ଯାହାହେଉ, ଅଧିକାଂଶ ଲୋକ ଏକଥା ସ୍ୱୀକାର କରନ୍ତି ଯେ ଆମର ଜାତୀୟ ପତାକାକୁ ପ୍ରଥମ ଥରଲାଗି ମ୍ୟାଡାମ ଭିକାବାଈ କାମା ବିଶ୍ୱ ସମୂଦାୟଙ୍କ ସାମନାରେ ଉଡାଇଥିଲେ । ଏଥିପାଇଁ ଏହା ଆମର ଆଦ୍ୟ ଜାତୀୟ ପତାକା ବୋଲି ସମସ୍ତେ ଦୃଢୋକ୍ତି ପ୍ରକାଶ କରନ୍ତି । ପରବର୍ତୀ ସମୟରେ ୨୩ ଅପ୍ରେଲ ,୧୯୧୬ରେ ଲୋକମାନ୍ୟ ତିଳକ ବମ୍ବେରେ ତଥା ଏହାର ଛ ମାସ ପରେ ଶ୍ରୀମତୀ ଏନି ବାସେଂଟ ମାଡ୍ରାସରେ ହୋମରୁଲ ଲିଗ୍‌ର ସ୍ଥାପନ କଲେ । ସ୍ୱରାଜ ଆନ୍ଦୋଳନ ଏକ ନୂତନ ଜାତୀୟ ପତାକାକୁ ଜନ୍ମ ଦେଇଥିଲା । ସ୍ୱରାଜ ଆନ୍ଦୋଳନ ସମୟରେ ଯେତେବେଳେ ଡାକ୍ତର ଏନି ବାସେଂଟ , ଜର୍ଜ ଅରଣ୍ଡେଲ ଓ ବି ପି ବବାଡିଆଙ୍କୁ ନଜରବନ୍ଦୀ କରାଗଲା ସେମାନେ କାରାଗାରରେ ପ୍ରଥମ ଥରଲାଗି ଜାତୀୟ ପତାକା ଉତୋଳନ କରିଥିଲେ । ଏଇ ଜାତୀୟ ପତାକାର ପରିକଳ୍ପନା କରିଥିଲେ ଶ୍ରୀ ରବିନ୍ଦ୍ର ନାଥ ଠାକୁର । ଗାନ୍ଧଜୀଙ୍କ ଅନୁରୋଧ କ୍ରମେ ପ୍ରଥମ ସେଥିରେ ଚରଖା ଯୋଡି ଦିଆଯାଇଥିଲା . . . .। ୧୯୨୦ରେ ଗାନ୍ଧିଜୀଙ୍କ ନେତୃତ୍ୱରେ କଂଗ୍ରେସର ସିଦ୍ଧାନ୍ତ ତଥା ବିଚାର ଆଧାରାରେ ଏଥିରେ କ୍ରାନ୍ତିକାରୀ ପରବର୍ତନ ଘଟିଥିଲା । ଏହି ଘଡିସନ୍ଧି ମୁହୂର୍ତରେ ଜାତୀୟ ପତାକାର ଆବଶ୍ୟକତା ଉପଲବ୍ଧି ହେଲାପରେ ଅନେକ ଡିଜାଇନ କରାଗଲା । ଜାତୀୟ ପତାକାରେ ଅଙ୍କିତ ଚରଖା ଜାତୀର ପିତା ମହାତ୍ମା ଗାନ୍ଧିଜୀଙ୍କ ଅତ୍ୟନ୍ତ ପ୍ରିୟ ଥିଲା । ବିଜୟୱାଡା କଂଗ୍ରେସ ଅଧିବେଶନରେ ବାପୁଜୀ ମଛଲ୍ଲୀପଟମର ଅଧିବାସୀ ଶ୍ରୀ ଭେଙ୍କୟାଙ୍କୁ ଏକ ଜାତୀୟ ପତାକା ତିଆରି କରିବାକୁ ଅନୁରୋଧ କରିଥିଲେ । ସେ ପତାକାରେ ଲାଲ-ସବୁଜ ରଙ୍ଗ ପାର୍ଶ୍ୱରେ ଚରଖା ଅଙ୍କିତ ହୋଇଥିଲା । କିନ୍ତୁ ଏ ପତାକାରେ ଧଳା ରଙ୍ଗ ନ ଥିବାରୁ କଂଗ୍ରେସ ଅଧିବେଶନରେ ମାନ୍ୟତା ଲାଭ କରିପାରିଲା ନାହିଁ ।

+୯୯୯-୩,ଜଗମୋହନ ନଗର,ଜଗମରା, ଖଣ୍ଡଗିରି, ଭୁବନେଶ୍ୱର, ମୋ-୯୪୩୮୩୩୨୧୩୮

## ଦୁଇଟି ସ୍ଥାନରୁ ଦୁଇ ମୃତ ଦେହ ଉଦ୍ଧାର : କାରଣ ଅସ୍ପଷ୍ଟ

ଜଳେଶ୍ୱର, ୧୪/୮(ନି.ପ୍ର): ଆଜି ଜଳେଶ୍ୱର ବ୍ଲକର ନେତୁଆ ପଂଚାୟତର ଆଡିନଗା ତ୍ରିଶକ୍ତି ମାର୍କେଟ ପାଖ ଖାଲରୁ ଜଣେ ଅଜଣା ବ୍ୟକ୍ତିର ମୃତ ଦେହ ଉଦ୍ଧାର ହୋଇଛି । କେତେକ ବ୍ୟକ୍ତି ବିଲକୁ କାର୍ଯ୍ୟକରିବାକୁ ଗଲାବେଳେ ସେମାନେ ଦେଖି ପୁଲିସ୍ ଦମକଳ ବାହିନୀକୁ ଖବର ଦେଇଥିଲେ । ଦମକଳ ବାହିନୀ ଅଜଣ ଶବକୁ ଜିକେଭଟର ହସ୍‌ପିଟାଲକୁ ବ୍ୟବଚ୍ଛେଦ ଲାଗି ଆଣିଥିବା ବେଳେ ପୁଲିସ୍ ଏ ସମ୍ପର୍କରେ ତନାଘନା ଚଳାଇଛି । ୪୦ବର୍ଷିୟା ଯୁବକ ଜଣକ କଳା ବେନିୟନ ପିନ୍ଧିଥିବା ବେଳେ କଳା ରଂଗର ଏକ ପ୍ୟାଣ୍ଟ ମଧ୍ୟ ମିଳିଛି । ଖାଳଟି ପଶ୍ଚିମବଂଗରୁ ବାହାରିଥିବା ବେଳେ ଏବଂ ନିକଟସ୍ଥ ଅଂଚଳରେ ତାର ଘର ନୁହେଁ ବୋଲି ଜଣା ପଡିଛି । ଏହା ଏକ ସୁନିଶ୍ଚିତ ହତ୍ୟାକାଣ୍ଡ ବୋଲି ଲୋକେ କହୁଥିବା ଶୁଣିବାକୁ ମିଳୁଛି । ରାଇବଣିଆ ଥାନା ଅନ୍ତର୍ଗତ ଗହିଳାଖାଳ ନିକଟରୁ ଜଣେ ମହିଳାର ଶବ ଉଦ୍ଧାର ହୋଇଛି । ଗତ ଶୁକ୍ରବାର ଠାରୁ ସେ ନିଖୋଜ ଥିବାରୁ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନିରାଶ ହୋଇଥିଲେ । ଶନିବାର ମଧ୍ୟାହ୍ନରେ ତାର ଶବ ଗହିରାଖାଳ ନିକଟରେ ଭାସୁଥିବା ଦେଖିବାକୁ ମିଳିଥିଲା । ଘଟଣାରୁ ପ୍ରକାଶ ରାଇବଣିଆ ଥାନା ଅନ୍ତର୍ଗତ ଦଶରାପଦା ଗାଁର ମୁଡୁରା ମାରାଣ୍ଡିଙ୍କ ଅବିବାହିତ ଝିଅ ପଦ୍ମିନୀ ମାରାଣ୍ଡି (୩୫) ଗାଧୋଇବାକୁ ଯାଇଥିବା ବେଳେ ଏପରି ଦୁର୍ଘଟଣା ଘଟିଥିବା କୁହାଯାଇଛି । ଏହି ଦୁଇଟି ମୃତ୍ୟୁ ଘଟଣାରେ କାରଣ ଅସ୍ପଷ୍ଟ ଥିବା ଜଣାଯାଇଛି ।

## ବିଜୁ ଜନତା ଦଳ ପକ୍ଷରୁ ରକ୍ତଦାନ ଶିବିର

ନୀଳଗିରି, ୧୪/୦୮ (ନି.ପ୍ର): ଆଜି ବାଲେଶ୍ୱର ଜିଲ୍ଲା ନୀଳଗିରି ନିର୍ବାଚନ ମଣ୍ଡଳୀ ଔପଦା ବ୍ଲକ ଦକ୍ଷିଣନରସିଂହପୁର ପଂଚାୟତରେ ଦଳର ୨୫ବର୍ଷ ପୂର୍ତି ଅବସରରେ ବିଜୁ ଜନତା ଦଳ ଓଡ଼ିଶା ମୋ ପରିବାର ଜୀବନବିନ୍ଦୁ ମିଳିତ ଆନୁକୂଲ୍ୟରେ ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୋଟ ୮୧ ୟୁନିଟ୍ ରକ୍ତ ସଂଗୃହିତ ହୋଇଛି । ମୁଖ୍ୟ ଅତିଥି ଭାବେ ବିଜୁ ଜନତା ଦଳ ନିର୍ବାଚନମଣ୍ଡଳୀ ନେତା ସନ୍ତୋଷ ଖଟୁଆ ଏବଂ ଅନ୍ୟମାନଙ୍କ ଭିତରେ ବାଲେଶ୍ୱର ଜିଲ୍ଲାର ଜିଲ୍ଲା ଯୁବ ବିଜେଡି ସଭାପତି ତାପସ ପରିଡ଼ା, ପୂର୍ବତନ ଜିଲ୍ଲା ପରିଷଦ ଶୁଭେନ୍ଦୁଶେଖର ଜେନା, ନୀଳଗିରି ଅନସୂଚିତ ଜାତି ସଭାପତି ଶରତ ଦାସ, ଜିଲ୍ଲା ଯୁବ ସାଧାରଣ ସଂପାଦକ ବିଷ୍ଣୋୟି କୁମାର ମଲିକ, ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ରାଜୁ ସ୍ୱାଇଁ, ଜିଲ୍ଲାପରିଷଦ ସଭ୍ୟା ଶ୍ରଦ୍ଧାଞ୍ଜଳି ଜେନା, ବ୍ଲକ ଯୁବ ସଭାପତି ବିଜୟ ପ୍ରଧାନ, ନୀଳଗିରି ବ୍ଲକ ସଭାପତି ଧୀରେନ୍ଦ୍ର ଲେଙ୍କା, ବ୍ଲକ ଉପସଭାପତି ଶ୍ରୀକାନ୍ତ ପରିଡ଼ା,ବ୍ଲକ ଯୁବ ସାଧାରଣ ସଂପାଦକ ଦୟାନିଧି ପ୍ରଧାନ, ବ୍ଲକ ସଂପାଦକ ମାନସ ରଂଜନ ବିଷ୍ଣାଣୀ, ପଂଚାୟତ ସଭାପତି ବେଣୁଧର ଧାମୁଡ଼ିଆ, ଶ୍ୟାମସୁନ୍ଦରପୁର ପଂଚାୟତ ସଭାପତି କପିଳ ସାମଲ, ଯୁବ ସଭାପତି କାର୍ତିକ ପୁଥାଳ, ଦକ୍ଷିଣନରସିଂହପୁର ସମବାୟ ସମିତିର ସଭାପତି ଦୀପ୍ତିକାନ୍ତ ମୁଦୁଲି, ଗଦାଧର ସଲ, ଅବିନାଶ ନାୟକ, ବାବୁ ସଲ, ବିଜୟ ଗିରି, ବିଜୟ ମହାନ୍ତି, ବାପୁନୁ ଗିରି, ସରୋଜ ବାରିକ ପ୍ରମୁଖ ଯୋଗ ଦେଇ ଶିବିରକୁ ସହଯୋଗ କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ରାଜ୍ୟରେ ୧୧ଟି ଜିଲ୍ଲାକୁ ରେଡ଼ ....

ପକ୍ଷରୁ ଏହି ସୂଚନା ଦିଆଯାଇଛି । ପାଣିପାଗ କେନ୍ଦ୍ର ପକ୍ଷରୁ ସନ୍ଧ୍ୟା ୫ଟାରେ ଜାରି କରାଯାଇଥିବା ବୁଲେଟିନ ଅନୁସାରେ ଉତର ପଶ୍ଚିମ ବଙ୍ଗୋପ ସାଗର ପାର୍ଶ୍ୱବର୍ତୀ ଉତର ଓଡ଼ିଶା ଏବଂ ପଶ୍ଚିମବଙ୍ଗ ଉପକୂଳରେ ସକ୍ରିୟ ସଦୃଶଃ ଲଘୁଚାପ କ୍ଷେତ୍ର ଆଜି ପଶ୍ଚିମରେ ଗତି କରି ସକାଳ ୮.୩୦ରେ ଉତର ପଶ୍ଚିମ ବଙ୍ଗୋପ ସାଗର ପାର୍ଶ୍ୱବର୍ତୀ ପଶ୍ଚିମବଙ୍ଗ ଓ ଉତର ଓଡ଼ିଶା ଉପକୂଳରେ ଏକ ଅବପାତରେ ପରିଣତ ହୋଇଛି । ଏହାର କେନ୍ଦ୍ର ପଶ୍ଚିମଙ୍ଗର ଦୀଘା ଠାରୁ ଦକ୍ଷିଣ ପୂର୍ବ ଦିଗରେ ୧୦ କି.ମି. ଓ ବାଲେଶ୍ୱର ଠାରୁ ପୂର୍ବ ଉତର ପୂର୍ବ ଦିଗରେ ୯୦ କି.ମି. ଦୂରରେ କେନ୍ଦ୍ରୀଭୂତ ହୋଇଛି । ଏହା ଦିନ ୧୦ଟା ୩୦ରୁ ୧୧ଟା ୩୦ ମଧ୍ୟରେ ଘଂଟା ପ୍ରତି ବେଗ ୧୦ କି.ମି. ବେଗରେ ଗତି କରିବା ସହ ଉପକୂଳ ଅତିକ୍ରମ କରିଛି । ଏହି ଅବପାତ ପଶ୍ଚିମ-ଉତର-ପଶ୍ଚିମ ଦିଗରେ ଗତି କରିବା ସହ ଆଗାମୀ ୨୪ ଘଂଟା ଯାଏ ନିଜର ତୀବ୍ରତା ବଜାୟ ରଖିବାର ସମ୍ଭାବନା ରହିଛି । ୧୯ଟି ଜିଲ୍ଲାକୁ ଅରେଂଜ ୱାର୍ଣ୍ଣିଂ ଜାରି କରାଯାଇଛି । ସେଗୁଡ଼ିକ ମଧ୍ୟରେ ଭଦ୍ରକ, ବାଲେଶ୍ୱର, କଟକ, କେନ୍ଦ୍ରାପଡ଼ା, ପୁରୀ, ଜଗତସିଂହପୁର, ଖୋର୍ଦ୍ଧା, ଯାଜପୁର, ନୟାଗଡ଼, ଗଂଜାମ, ଗଜପତି, କନ୍ଧମାଳ, ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ବୌଦ୍ଧ, ଢେଙ୍କାନାଳ ଓ ମୟୁରଭଂଜ ଜିଲ୍ଲା ଅନ୍ୟତମ । ଏହି କାରଣରୁ ଅକସ୍ମାତ୍ ବନ୍ୟା ପରିସ୍ଥିତି, ତଳିଆ ଅଂଚଳରେ ପାଣି ଜମିବା, ପାହାଡ଼ିଆ ଅଂଚଳରେ ଭୂସ୍ଖଳନ ତଥା ଚାଷଜମି ଜଳମଗ୍ନ ହେବାର ସମ୍ଭାବନା ରହିଛି । କଚ୍ଚା ଘର ଏବଂ କଚ୍ଚା ରାସ୍ତା ପ୍ରଭାବିତ ହେବା ସହ କଚ୍ଚାମାଟିର କାନ୍ଥ ପଡ଼ିଯିବାର ସମ୍ଭାବନା ରହିଛି । ଅବପାତ ପ୍ରଭାବରେ ଉପକୂଳ ଏବଂ ତାର ଆଖପାଖ ଅଂଚଳରେ ଝଡ଼ ପବନ ଘଂଟା ପ୍ରତି ୪୫ ରୁ ୫୫ କି.ମି. ସହ ୬୫ କି.ମି. ଯାଏ ଆଗାମୀ ୧୬ ଅଗଷ୍ଟ ଯାଏ ରହିବାର ସମ୍ଭାବନା ରହିଛି । ସେହିପରି ସମୁଦ୍ର ଅଶାନ୍ତରୁ ଅତ୍ୟଧିକ ଅଶାନ୍ତ ରହିବାର ସମ୍ଭାବନା ରହିଛି ।

## ମହାନଦୀରେ ଆସୁଛି ....

ପାଇଁ ଜିଲ୍ଲା ପ୍ରଶାସନଗୁଡିକୁ ସଜାଗ ରହିବାକୁ କୁହାଯାଇଛି । ଏସବୁ ଜିଲ୍ଲାକୁ ୭ଟି ଓଡ୍ରାଫ, ୩ଟି ଏନଡିଆରଏଫ ସହ ୧୨ଟି ଅଗ୍ନିଶମ ଟିମ ପଠାଯାଇଥିବା କହିଛନ୍ତି ଏସଆରସି । ମୁକାବିଲା ପାଇଁ ଜିଲ୍ଲାପାଳମାନଙ୍କୁ ସମସ୍ତ କ୍ଷମତା ପ୍ରଦାନ କରାଯାଇଛି । ଆବଶ୍ୟକ ସ୍ଥଳେ ରନ୍ଧା ଖାଦ୍ୟ ଓ ପିଇବା ପାଣି ବ୍ୟବସ୍ଥା କରିବାକୁ କୁହାଯାଇଛି । ରାଜ୍ୟରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତି ନେଇ ସମୀକ୍ଷା କରିଛନ୍ତି ଜଳ ସଂପଦ ମନ୍ତ୍ରୀ ଟୁକୁନି ସାହୁ । ଜଳ ସଂପଦ ମୁଖ୍ୟଯନ୍ତ୍ରୀଙ୍କ ସହ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି । ତଳିଆ ଅଂଚଳରେ ବନ୍ୟାପାଣି ପଶିବାର ଆଶଙ୍କା ଥିବାରୁ ସରକାର ସମସ୍ତ ପଦକ୍ଷେପ ନେଉଥିବା ସମୀକ୍ଷା ପରେ ସୂଚନା ଦେଇଛନ୍ତି ଜଳ ସଂପଦ ମନ୍ତ୍ରୀ ।

## ମଞ୍ଜୁରୀ ଶାରଦା ବିଦ୍ୟାମନ୍ଦିରରେ ତ୍ରିରଙ୍ଗା ଶୋଭାଯାତ୍ରା ଓ ବୃକ୍ଷରୋପଣ

ଭଦ୍ରକ, ୧୪/୦୮ (ନି.ପ୍ର): ଭଣ୍ଡାରି ପୋଖରୀ,ମଞ୍ଜୁରୀ ଶାରଦା ବିଦ୍ୟାମନ୍ଦିର ଆନୁକୂଲ୍ୟରେ ୭୫ତମ ସ୍ୱାଧିନତା ଦିବସ ପାଳନ ଅବ୍ୟବହିତ ପୂର୍ବରୁ ତ୍ରିରଙ୍ଗା ଶୋଭାଯାତ୍ରା ଓ ବୃକ୍ଷରୋପଣ ରବିବାର କରାଯାଇଛି । ପ୍ରଧାନଗୁରୁଜୀ ନିର୍ମଳ ଚନ୍ଦ୍ର ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଯାତ୍ରାରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁମତୀ ସେଠୀ ମୁଖ୍ୟଅତିଥି, ରଣଜିତ ସରପଞ୍ଚ ସୁଜାତା ସାହୁ, ଅବସରପ୍ରାପ୍ତ ଶିକ୍ଷକ ଫକିର ଚରଣ ଧଳ, ବଳଦେବଜୀଉ ମନ୍ଦିର ପୂଜକ ରଘୁନାଥ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତୀଙ୍କ ସହ ଯୋଗଦେଇ ବିଦ୍ୟାମନ୍ଦିର ଠାରୁ ବଳଦେବଜୀଉ ମନ୍ଦିର ପର୍ଯ୍ୟନ୍ତ ତ୍ରିରଙ୍ଗା ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ । ଏହି ଉପଲକ୍ଷେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା, ସଙ୍ଗୀତ, ଚିତ୍ରାଙ୍କନ, କୁଇଜ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ଏହାସହ ଛତାବର-ବଳିଘାଇ ରାସ୍ତା ପାର୍ଶ୍ୱରେ ବୃକ୍ଷରୋପଣ କରାଯାଇ ସୁରକ୍ଷାବାଡ ଦିଆଯାଇଥିଲା । ଗୁରୁମା ସସ୍ମିତା ମହାନ୍ତି, ସବିତା ରାଉତ, ସନ୍ତୋଷିନୀ ନାୟକ, ଦମୟନ୍ତି ବେହେରା, ଲିପିରାଣୀ ସାହୁ, ଜ୍ୟୋତିରାଣୀ ରାଉତ, ଗୁରୁଜୀ ସନ୍ତୋଷ ପ୍ରଧାନ, ବିଶ୍ୱରଞ୍ଜନ ରାଉତ, ହରେକୃଷ୍ଣ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଭାରତୀୟ ମଜଦୂର ସଂଘର ମଶାଲ ଶୋଭାଯାତ୍ରା

ଭଦ୍ରକ,୧୪/୦୮ (ନି.ପ୍ର): ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ଅବସରରେ ଆଜି ସନ୍ଧ୍ୟାରେ ଭାରତୀୟ ଭଜଦୂର ସଂଘ ପକ୍ଷରୁ ମଶାଲ ଓ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଦେଶ ସ୍ୱାଧୀତାର ୭୫ ବର୍ଷ ପୂର୍ତି ଉପଲକ୍ଷେ ସମଗ୍ର ଦେଶ ଅମୃତ ମହୋତ୍ସବ ପାଳନ କରୁଥିବା ପରିପ୍ରେକ୍ଷୀରେ ଏହି ଶୋଭାଯାତ୍ରା କରାଯାଇଥିଲା। ଭାରତୀୟ ମଜଦୂର ସଂଘ ଭଦ୍ରକ ଜିଲ୍ଲା ସଭାପତି ମନୋଜ ବସନ୍ତରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଜ୍ୟ ଉପସାଧାରଣ ସମ୍ପାଦକ ଶାନ୍ତନୁ ମହାପାତ୍ର, ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କର୍ସ ଆସୋସିଏସନ ରାଜ୍ୟ ସଭାନେତ୍ରୀ ସୁମିତା ମହାପାତ୍ରଙ୍କ ସମେତ ଅନ୍ନପୂର୍ଣ୍ଣା ବିଶ୍ୱାଳ, ମଞ୍ଜୁଲତା ବାରିକ, ପ୍ରମୁଖ ବନ୍ତଳକରୁ ଏକ ଶୋଭାଯାତ୍ରାରେ ବାହାରି ଅପର୍ଣ୍ଣ ବିନ୍ଧା ଛକ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ହୋଇ ମହତାବ ଛକ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ମହତାବଙ୍କ ପ୍ରତିମୂର୍ତି ନିକଟରେ ମଶାଲ ସମର୍ପଣ ସହିତ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା ।

## ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟର +୩ ପରୀକ୍ଷାରେ ୧୦୦% ସଫଳତା

ବାରିପଦା, ୧୪/୦୮ (ନି.ପ୍ର): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ +୩ ଶେଷ ବର୍ଷର ପରୀକ୍ଷାଫଳ ପ୍ରକାଶ ପାଇଛି । ଏହି ଶେଷ ବର୍ଷ ପରୀକ୍ଷାରେ ବାରିପଦା ମହାରାଜପୁରସ୍ଥିତ ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟର +୩ କଳା, ବାଣିଜ୍ୟ ଏବଂ ବିଜ୍ଞାନର ଛାତ୍ରଛାତ୍ରୀମାନେ ୧୦୦% ପାସ କରିବା ସହିତ ସମସ୍ତ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତୀର୍ଣ୍ଣ ହୋଇ ମହାବିଦ୍ୟାଳୟ ନିମନ୍ତେ ଏକ ନୂଆ ରେକର୍ଡ ସୃଷ୍ଟି କରିଛନ୍ତି । ଏହି ପରୀକ୍ଷାରେ ପଦାର୍ଥ ବିଜ୍ଞାନ ଅନର୍ସରେ ଇପସିତା ଘୋଷ ସର୍ବାଧିକ ୮୧%, ରସାୟନ ବିଜ୍ଞାନ ଅର୍ନସରେ ଅଙ୍କିତା ଦାସ ୮୦%, ଉଦ୍ଭିଦ ବିଜ୍ଞାନ ଅନର୍ସରେ ସୋନାଲି ସାମଲ ୮୫.୩୭%, ପ୍ରାଣୀ ବିଜ୍ଞାନ ଅନର୍ସରେ ସ୍ୱେତଲୀନା ଗିରି ୮୫%, ଏଜୁକେସନ ଅନର୍ସର ସୁକ୍ୟାନ ବେହେରା ୮୭%, ଇତିହାସ ଅନର୍ସରେ ସ୍ୱାଗତୀକା ଦେଓ ୭୬%, ରାଜନୀତି ବିଜ୍ଞାନ ଅନର୍ସରେ ଅଭିଜିତ ପୃଷ୍ଟି ୭୦%, ଓଡ଼ିଆ ଅନର୍ସରେ ଚନ୍ଦନ କୁମାର ଶତପଥୀ ୭୫% ଏବ ବାଣିଜ୍ୟ ଅନର୍ସରେ ସୁମନ ଦାସ ୭୪% ରଖି ମହାବିଦ୍ୟାଳୟର ମାନକୁ ଆଗକୁ ବଢାଇଛନ୍ତି । ଛାତ୍ରଛାତ୍ରୀମାନଙ୍କର ସଫଳତା ନିମନ୍ତେ ମହାବିଦ୍ୟାଳୟର ଅଧାପକ, ଅଧାପିକା ଏବଂ ଛାତ୍ରଛାତ୍ରୀମାନଙ୍କର କଠିନ ପରିଶ୍ରମ ସହାୟକ ହୋଇଛି ବୋଲି ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ ମତ ପ୍ରକାଶ କରିବା ସହିତ ଛାତ୍ରଛାତ୍ରୀମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

## ଜଳକା ବିପଦ ସଂକେତ ଉର୍ଦ୍ଧ୍ୱରେ : ୨ଶହ ହେକ୍ଟର ଜମି ବୁଡିଲା

ବସ୍ତା, ୧୪/୦୮ (ନି.ପ୍ର): ବାଲେଶ୍ୱର ଜିଲାର ଜଳକା ନଦୀ ବିପଦ ସଂକେତ ଉର୍ଦ୍ଧରେ ପ୍ରବାହିତ ହେଉଛି । ବସ୍ତାବ୍ଲକ ମଥାନୀ ଠାରେ ରବିବାର ସଂଧ୍ୟା ୮ସୁଦ୍ଧା ୬.୫୧ମିଟରରେ ଜଳସ୍ତର ଥିବା ବେଳେ ଏଠାରେ ବିପଦସଂକେତ ୫.୫ମିଟର । ବନ୍ୟା ଜଳ ଧିରେଧିରେ ବଢୁଥିବା ବେଳେ ସନ୍ଧ୍ୟା ୬, ୭ ଓ ୮ ସୁଦ୍ଧା ୬.୫୧ମିଟରରେ ଜଳପତ୍ତନ ସ୍ଥିର ରହିଛି । ତଥାପି ଉପରମୁଣ୍ଡରେ ମୂଷଳଧାରରେ ବର୍ଷା ଯୋଗୁଁ ଜଳପତ୍ତନ ବୃଦ୍ଧି ପାଇବାର ଆଶଙ୍କା ରହିଛି । ବଢ଼ି ପ୍ରଭାବରେ ବସ୍ତାବ୍ଲକର ବାହାର୍ଦ୍ଧା, କଡିଆ, ମଥାନୀ, ଦୁଧହଂସା, ବାସୁଚକୁରାଇ, ସଦରବ୍ଲକର ଶ୍ରୀରାମପୁର, ରସଲପୁର, ବାଲିଆପାଳ ବ୍ଲକର କୁଣ୍ଡୁଳୀ, ବଣିଆଡିହା, ବୋଲଂ ପ୍ରଭୃତି ପଞ୍ଚାୟତ ପ୍ରଭାବିତ ହୋଇଛି । ୨ଶହ ହେକ୍ଟର ଉର୍ଦ୍ଧ ଜମି ବନ୍ୟାପାଣିରେ ବୁଡିଯାଇଛି । ନଦୀପାର୍ଶ୍ୱ ବନ୍ଧବାଡ଼ ମରାମତି ନ ହେବା କାରଣରୁ ନଈକୂଳିଆ ଲୋକେ ଭୟଭୀତ ହୋଇପଡିଛନ୍ତି । ବିଶେଷ କରି ବାହାର୍ଦ୍ଧା, କୁଡିଆ, ଜମାଳପୁର, ପେଗରପଡା, ବେଗୁନିଆ, ଗହୀରସିମୁଳିଆ, ପଳାସିଆ, ପୁନସୀତା, ସାନଖୁଡି, ବଡଖୁଡି, ସୁନ୍ଦରହତା, ଜନ୍ତିକାପାଳ, ପାଇକପଡା, ନଳବାହାର, ଗୋଠଗଡ଼ିଆ, ବାସୁଚକୁରାଇ ପ୍ରଭୃତି ଗ୍ରାମରେ ପାଣି ପଶିଯାଇଛି । ତହସିଲଦାର କାର୍ତ୍ତିକ କୁମାର ଦାଶ ଓ ଜଳସେଚନ ବିଭାଗ ଯନ୍ତ୍ରୀ ମହେଶ୍ୱର ସିଂ ପ୍ରମୁଖ ବନ୍ୟା ପରିସ୍ଥିତି ପ୍ରତି ନଜର ରଖିଛନ୍ତି ।

## ବାଲିଆପାଳରେ ପ୍ରବଳ ବର୍ଷା : ଜନଜୀବନ ଅସ୍ତବ୍ୟସ୍ତ

ବାଲିଆପାଳ, ୧୪/୦୮ (ନି.ପ୍ର): ଲଘୁଚାପ ଜନିତ ପ୍ରବଳ ବର୍ଷା କାରଣରୁ ଶନିବାରଠାରୁ ତୁହାକୁ ତୁହା ବର୍ଷା ଲାଗି ରହିଥିବା ବେଳେ ରବିବାର ସକାଳଠାରୁ ମୁଷଳଧାରାରେ ବର୍ଷା ଲାଗି ରହିଛି । ଯାହା ଫଳରେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ସିମୁଳିଆ ବଜାର ପାରୁଳିଆ ଛକ ଜାମକୁଣ୍ଡା ଛକ ଏବଂ ବସଷ୍ଟାଣ୍ଡ ପ୍ରଭୃତି ସ୍ଥାନରେ ଅଧିକାଂଶ ଦୋକାନ ବଜାର ବନ୍ଦ ରହିଥିବା ଦେଖିବାକୁ ମିଳିଛି । ପ୍ରବଳ ବର୍ଷା କାରଣରୁ ବ୍ଲକ ମୁଖ୍ୟ ଫାଟକ ସମେତ ବାଳିକା ବିଦ୍ୟାଳ ଫାଟକ ସମ୍ମୁଖରେ ବର୍ଷା ଜଳ ଜମି ରହି ବନ୍ୟାର ଭ୍ରମ ସୃଷ୍ଟି କରିଛି । ସ୍ୱାଧୀନତାର ଅମୃତ ମହୋତ୍ସବ ପରିପ୍ରେକ୍ଷୀରେ ହେଉଥିବା ବିଦ୍ୟାଳୟ ମାନଙ୍କର ପ୍ରଭାତ ଫେରି କାର୍ଯ୍ୟକ୍ରମ ବାଧାପ୍ରାପ୍ତ ହୋଇଛି । ପାଣି ପାଗ ସୂଚନା ଅନୁସାରେ ଆସନ୍ତା କାଲି ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ଅଧିକାଂଶ ବିଦ୍ୟାଳୟରେ ଅଗଷ୍ଟ ୧୫ ପ୍ରଭାତ ଫେରି କାର୍ଯ୍ୟକ୍ରମ ବାଧାପ୍ରାପ୍ତ ହେବାର ସମ୍ଭାବନା ରହିଛି ।

## ନୂଆସାହି ମହାବିଦ୍ୟାଳୟରେ ଆଜାଦି କି ଅମୃତ ମହୋତ୍ସବ ପାଳିତ

ଉଦଳା, ୧୪/୦୮ (ନି.ପ୍ର): କପ୍ତିପଦା ନିକଟସ୍ଥ ନୂଆସାହି ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ପାଳିତ ହେଉଥିବା ଆଜାଦିକି ଅମୃତ ମହୋତ୍ସବ ପାଳନ କରିଛନ୍ତି । ଏହି ଉପଲକ୍ଷେ ଛାତ୍ରଛାତ୍ରୀ, ଅଧାପକ ଓ କର୍ମଚାରୀମାନେ ଏକ ବିଶାଳ ଶୋଭାଯାତ୍ରାରେ ଯାଇ ନୂଆସାହି ବଜାର ପରିକ୍ରମା କରିବା ସହ ସ୍ୱାଧୀନତା ସଂଗ୍ରାମୀମାନଙ୍କର ଜୟଜୟକାର କରିବା ସହ ଫେରି ମହାବିଦ୍ୟାଳୟର ସଭାଗୃହରେ ସଭାକାର୍ଯ୍ୟରେ ଯୋଗ ଦେଇଥିଲେ । ସଭାକାର୍ଯ୍ୟକୁ ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ଚନ୍ଦ୍ର କୁମାର ପଟ୍ଟନାୟକ ପରିଚାଳନା କରିବା ସହ ଆଜାଦି କି ଅମୃତ ମହୋତ୍ସବର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ । ତାଙ୍କ ଭାଷଣରେ ସେ ମହାନ ସ୍ୱାଧୀନତା



ସଂଗ୍ରାମୀ ମାନଙ୍କର ତ୍ୟାଗପୂତ ଜୀବନ ସମ୍ପର୍କରେ ସାମାନ୍ୟ ଟିପ୍ପଣୀ ଦେବା ସହ ବର୍ତ୍ତମାନର ତଥା ଭବିଷ୍ୟତର ପିଲାମାନେ ସେମାନଙ୍କ ଜୀବନୀ ପଢିବା ଉଚିତ ବୋଲି ମତ ରଖିଥିଲେ । ସେହି ମହାପୁରୁଷଙ୍କ ଜୀବନୀ ଜାତୀୟତାର ଉଦ୍ରେକରେ ସାହାଯ୍ୟ କରିବ ବୋଲି କହିଥିଲେ । ଏହି ସଭାରେ ମହାବିଦ୍ୟାଳୟର ସମସ୍ତ ଅଧାପକ, କର୍ମଚାରୀ ଯୋଗଦେବା ସହ ସେମାନେ ହର ଘର ତ୍ରିରଙ୍ଗା- ଘର ଘର ତ୍ରିରଙ୍ଗା ର ସ୍ଲୋଗାନକୁ ସଫଳ କରିବାକୁ ନିଜ ତଥା ଛାତ୍ରଛାତ୍ରୀମାନଙ୍କୁ ଅହ୍ୱାନ ଦେଇଥିଲେ । ଏହି ଅବସରରେ ତ୍ରିରଙ୍ଗା ପତାକା ଉତ୍ତୋଳନ କରିବା ସହ ଆସନ୍ତା ୧୫ ତାରିଖ ସଂନ୍ଧ୍ୟା ପର୍ଯ୍ୟନ୍ତ ଏହା ଅନବରତ ଉଡିବ ବୋଲି ବିଦ୍ୟାଳୟ ସୂତ୍ରରୁ ପ୍ରକାଶ । ଶେଷରେ ମହାବିଦ୍ୟାଳୟର କ୍ରୀଡା ଶିକ୍ଷକ ରାମକୃଷ୍ଣ ମହାକୁଡ ଧନ୍ୟବାଦ ଅର୍ପଣ କରିଥିଲେ ।

## ଭୁବନେଶ୍ୱର ଲୋୟର ପିଏମଜିରେ ଧାରଣାରତ କିଡ଼ନୀ ରୋଗୀଙ୍କୁ ଭେଟିଲେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର,୧୪/୦୮ (ନି.ପ୍ର): କଟକ ମେଡ଼ିକାଲରେ କିଡନୀ ରୋଗୀଙ୍କ ପାଇଁ ଉପଯୁକ୍ତ ଚିକିତ୍ସା ସହ ଡ଼ାକ୍ତର ବ୍ୟବସ୍ଥା କରିବାକୁ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭୁବନେଶ୍ୱର, ୧୪ ଅଗଷ୍ଟ - ଭୁବନେଶ୍ୱର ଲୋୟର ପିଏମଜି ଠାରେ ଧାରଣାରେ ବସିଥିବା କିଡ଼ନୀ ରୋଗୀଙ୍କୁ ଭେଟି ସେମାନଙ୍କ ଅଭିଯୋଗକୁ ଶୁଣିବା ସହ କଟକ ମେଡ଼ିକାଲରେ କିଡନୀ ରୋଗୀଙ୍କ ପାଇଁ ଉପଯୁକ୍ତ ଚିକିତ୍ସା ସହ ଡ଼ାକ୍ତର ନିଯୁକ୍ତି ଓ ଔଷଧର ବ୍ୟବସ୍ଥା କରିବାକୁ ଟ୍ୱିଟ୍ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଟ୍ୱିଟ କରି ଉଲ୍ଲେଖ କରିଛନ୍ତି ଯେ ଭୁବନେଶ୍ୱର ରେଳ ଷ୍ଟେସନ ଠାରେ 'ବିଭାଜନ ବିଭୀଷିକା ସ୍ମୃତି ଦିବସ' ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରୁ ଫେରିବା ବେଳେ ବାଲେଶ୍ୱର ଜିଲ୍ଲା ରେମୁଣା ଅଞ୍ଚଳର ଭଉଣୀ ଜୟଶ୍ରୀ ବେହେରା ମୋତେ ଭେଟିବା ସହ କିଡନୀ ରୋଗୀଙ୍କ ସହ ଜଡ଼ିତ ବିଷୟରେ ଅବଗତ କରାଇଥିଲେ ଏବଂ ସେମାନଙ୍କୁ ଭେଟିବାକୁ ଅନୁରୋଧ କରିଥିଲେ । ଭଉଣୀଙ୍କ ଅନୁରୋଧ କ୍ରମେ ମୁଁ ଭୁବନେଶ୍ୱର ଲୋୟର ପିଏମଜି ଠାରେ ଧାରଣାରେ ବସିଥିବା କିଡ଼ନୀ ରୋଗୀଙ୍କୁ ଭେଟିଲି ଏବଂ ଯାହା ଜାଣିବାକୁ ପାଇଲି, ତାହା ମୋତେ ବ୍ୟଥିତ କରିଥିଲା । ସେମାନଙ୍କର ଅଭିଯୋଗ ରହିଛି, ଡ଼. ଚିତ୍ତରଞ୍ଜନ କରଙ୍କ ଦେହାନ୍ତ ପରେ କଟକ ଏସସିବି ମେଡ଼ିକାଲ କଲେଜରେ ଶହେରୁ ଉର୍ଦ୍ଧ୍ୱ କିଡ଼ନୀ ରୋଗଙ୍କୁ ଚିକିତ୍ସା ନ ମିଳିବା, ବିଶେଷଜ୍ଞଙ୍କ ଅଭାବ ଏବଂ ମେଡ଼ିସିନ ନ ମିଳିବା କଥା ସେମାନେ କହିଛନ୍ତି । ଏପରି ଗମ୍ଭୀର ବିଷୟରେ ମୁଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରିବା ସହ କିଡନୀ ରୋଗୀଙ୍କ ପାଇଁ ଉପଯୁକ୍ତ ଚିକିତ୍ସା ସହ ଡ଼ାକ୍ତର ନିଯୁକ୍ତି ଓ ଉପଶମ ପାଇଁ ଔଷଧର ବ୍ୟବସ୍ଥା କରିବାକୁ ନିବେଦନ କରୁଛି । ଏଥିରେ ବ୍ୟକ୍ତିଗତ ହସ୍ତକ୍ଷେପ କରି କିଡ଼ନୀ ରୋଗୀଙ୍କ ଚିକିତ୍ସା ସେବାକୁ ସୁନିଶ୍ଚିତ କରିବାକୁ ଶ୍ରୀ ପ୍ରଧାନ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ।

## ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟ ପକ୍ଷରୁ ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ



ବାରିପଦା, ୧୪/୦୮ (ନି.ପ୍ର): ବାରିପଦା ମହାରାଜପୁରସ୍ଥିତ ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟ ପକ୍ଷରୁ 'ହରଘର ତ୍ରିରଙ୍ଗା' କାର୍ଯ୍ୟକ୍ରମ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ କଲେଜର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକଙ୍କ ପୌରହିତ୍ୟରେ ପାଳିତ ହୋଇଛି । ସ୍ୱେଚ୍ଛାସେବୀମାନଙ୍କ ମଧ୍ୟରେ ଜାତୀୟତାବୋଧର ବାସ୍ତବତା ସୃଷ୍ଟି କରିବା ପାଇଁ ଭାରତ ସ୍ୱାଧୀନତାର ଅମୃତ ମହୋତ୍ସବ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ଜାତୀୟ ସେବା ଯୋଜନା ପ୍ରୋଗ୍ରାମ ଅଫିସର ମୀରା ସେନାପତିଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସ୍ୱେଚ୍ଛାସେବୀମାନେ ବିଭିନ୍ନ ଦେଶପ୍ରେମ ସ୍ଲୋଗାନ ଦେଇ ଏକ ଶୋଭା ଯାତ୍ରାରେ ମହାରାଜପୁର ଗ୍ରାମ ପରିକ୍ରମା କରିଥିଲେ । ଦେଶ ସ୍ୱାଧୀନ ହେବାର ୭୫ ବର୍ଷ ଇତି ମଧ୍ୟରେ ବିତି ଯାଇଛି । ଆଜି ଆମ୍ଭେମାନେ ସ୍ୱାଧୀନତାର ଅମୃତ ସେବନ କରିଚାଲିଛୁ । ହେଲେ ଆମ୍ଭେମାନେ ଦେଶର ସ୍ୱାଧୀନତା ସଂଗ୍ରାମରେ ଭାଗ ନେଇଥିବା କିଞ୍ଚିତ ଲୋକଙ୍କୁ ଛାଡି ବହୁ ଲୋକଙ୍କୁ ଭୁଲି ଯାଇଛୁ । ଆଜି ସମୟ ଆସିଛି ସେମାନଙ୍କୁ ସେମାନଙ୍କ କାର୍ଯ୍ୟ ପାଇଁ ମନେ ପକାଇବା ଓ ସେମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଦେଶକୁ ଆହୁରି ଆଗେଇ ନେବା ଏହି କାର୍ଯ୍ୟକ୍ରମର ଅଂଶ ବିଶେଷ ଭାବରେ ମହାବିଦ୍ୟାଳୟ ପକ୍ଷରୁ ଗାଁରେ ଦେଶାତ୍ମବୋଧକ ସଂଗୀତ, ନୃତ୍ୟ ପରିବେଷଣ ମାଧ୍ୟମରେ ଗ୍ରାମବାସୀଙ୍କୁ ଏହାର ଆଭିମୁଖ୍ୟ ସମ୍ପର୍କରେ ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଶତାଧିକ ସ୍ୱେଚ୍ଛାସେବୀ ଅଂଶ ଗ୍ରହଣ କରିଥିଲେ । ଏଥିରେ ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟର ଉପାଧକ୍ଷା ସଂଘମିତ୍ରା ରାଉତ ତଥା ଅନ୍ୟ ସମସ୍ତ ଅଧାପକ ଓ ଅଧାପିକାମାନେ ସହଯୋଗ କରିଥିଲେ ।

## ଆଜାଦୀ କି ଅମୃତ ମହୋତ୍ସବ ବସ୍ତାରେ ପାଳିତ

ବସ୍ତା, ୧୪/୦୮ (ନି.ପ୍ର): ଦେଶ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି । ଆଜାଦୀ କି ଅମୃତ ମହୋତ୍ସବ ପାଳନ ପରିପ୍ରେକ୍ଷୀରେ ବସ୍ତାର ସାମ୍ବାଦିକ ମାନଙ୍କର ଏକ ଶୋଭାଯାତ୍ରା ବର୍ଷା ସତ୍ତ୍ୱେ ବିଭିନ୍ନ ଧ୍ୱନୀ ଦେଇ ବସ୍ତା ବଜାର, ଷ୍ଟେସନବଜାର, ଡେଲି ମାର୍କେଟ ଆଦି ପରିକ୍ରମା କରି ଶେଷରେ ଜାତୀୟ ସଂଗୀତ ଗାନ କରାଯାଇଥିଲା । ଏହି ଶୋଭାଯାତ୍ରାରେ ସାମ୍ବାଦିକ ରାମଚନ୍ଦ୍ର ଦେବ, ଦୀପକକୁମାର ପରିଡ଼ା, ଦୀନବନ୍ଧୁ ପ୍ରଧାନ, ସୁଶାନ୍ତ ପ୍ରଧାନ, ରବିନାରାୟଣ ଶତପଥୀ, ବିଷ୍ଣୁପଦ ପତି, ହରିଶଙ୍କର ପାଢ଼ୀ,




ତ୍ରିଲୋଚନ ପ୍ରଧାନ, ଦେବାଶିଷ ସେଠୀ, ସୁଶୀଳ କୁମାର ଭକ୍ତା, ଭରତ କୁମାର ଦାସ, ଧୃତିସୁନ୍ଦର ପଣ୍ଡା, ମୀର ମୁସାବିର ଅଲୀ ଙ୍କ ସମେତ ସାମ୍ବାଦିକମାନେ ଅଂଶ ଗ୍ରହଣ କରିଥିଲେ । ସେହିପରି ବସ୍ତା ବିଜେପି ଯୁବମୋର୍ଚ୍ଚା ସଭାପତି ଧୀରେନ ସେଠୀଙ୍କ ନେତୃତ୍ୱରେ ବାହାର୍ଦ୍ଧା ଡାକବଙ୍ଗଳାରୁ ଗାନ୍ଧିଛକ ପର୍ଯ୍ୟନ୍ତ ଏକ ବାଇକ ଶୋଭାଯାତ୍ରା କରାଯାଇଥିଲା । ଏଥିରେ ମୋର୍ଚ୍ଚା ରାଜ୍ୟ ସଂପାଦକ ରାଜେଶ ମହାନ୍ତି, ଜିଲା ଉପସଭାପତି ରାଜନ ପରିଡ଼ା, ଜିଲା ଓବିସି ସଭାପତି ଅରବିନ୍ଦ ବେହେରା, ସାଂସଦ ପ୍ରତିନିଧି ପ୍ରଦୀପ କୁମାର ପଣ୍ଡା, ରବୀନ୍ଦ୍ରକୁମାର ଜୈନ ପ୍ରମୁଖ ବହୁ ନେତୃବୃନ୍ଦ ଯୋଗ ଦେଇଥିଲେ ।

## ଶ୍ୟାମନଗର ପଂଚାୟତର ପୂର୍ବତନ ସରପଂଚଙ୍କ ପରଲୋକ : ରାଇବଣିଆରେ ଶୋକ

ଜଳେଶ୍ୱର, ୧୪/୮(ନି.ପ୍ର): ରାଇବଣିଆ ଥାନା ଅନ୍ତର୍ଗତ ଶ୍ୟାମନଗର ପଂଚାୟତର ପୂର୍ବତନ ସରପଂଚ ସୁଜାତା ସାସମଲ(୩୨)ଙ୍କ ଆଜି ପରଲୋକ ଘଟିଛି । ସେ ଏବର ସରପଂଚ ଗିରିଜା ସାସମଲଙ୍କ ସହଧର୍ମିଣୀ ଓ ଖୁଆଡର ପୂର୍ବତନ ସରପଂଚ ସୁଧିର ପାତ୍ରଙ୍କ ୨ୟ କନ୍ୟା ଥିଲେ । ସେ ଦୀର୍ଘଦିନ ଧରି ବହୁମୂତ୍ରରୋଗରେ ପିଡିତ ଥାଇ ଚିକିତ୍ସିତ ଥିଲେ । ଆଜି ତାଙ୍କର ମୃତ୍ୟୁ ଖବର ଶୁଣି ରାଇବଣିଆର ବହୁ ନେତୃସ୍ଥାନୀୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ । ସେ ଜଣେ ମିଷ୍ଟଭାଷୀ, ସମାଜସେବି, ପରେପୋକାରୀ, ଅନୁଷ୍ଠାନ ପ୍ରେମୀ, ମେଳାପି ମହିଳା ଥିଲେ । ତାଙ୍କ ମୃତ୍ୟୁରେ ସମଗ୍ର ରାଇବଣିଆ ଅଂଚଳରେ ଶୋକର ଛାୟା ଖେଳି ଯାଇଛି ।

## ଆଜାଦିକା ୭୫ବର୍ଷ ପୂର୍ତ୍ତି ଅବସରରେ ବିଭିନ୍ନ ସ୍ଥାନରେ ବାଇକ୍ ରାଲି

ଜଳେଶ୍ୱର ୧୪/୮(ନି.ପ୍ର): ସମଗ୍ର ଦେଶରେ ଆଜାଦିକା ୭୫ବର୍ଷ ପୂର୍ତ୍ତି ଅମୃତ ମହୋତ୍ସବ ପାଳନ ହେଉଥିବା ବେଳେ ଜଳେଶ୍ୱରରେ ଗଠିତ କମିଟି ପକ୍ଷରୁ ଆଜି ଏକ ବିରାଟ ବାଲିକ୍ ରାଲିକୁ ଜଳେଶ୍ୱର ଏସ୍‌ଡିପିଓ ଅଂକିତା କୁମାର ଏହାକୁ ଉଦ୍‌ଘାଟନ କରିଥିଲେ। ଆଜାଦିକା ୭୫ବର୍ଷ ପୂର୍ତ୍ତି ଅମୃତ ମହୋତ୍ସବ ପରିଷଦ ଆନୁକୂଲ୍ୟରେ ଜଳେଶ୍ୱର ଯୁବ ମଂଚ ନେତୃତ୍ୱରେ ରୋଟାରୀ, ଲାୟନ୍ସ, ଦିଗମ୍ବରୀ ଦେବି ଆଇଟିଆଇ, ଜ୍ଞାନବିକାଶ ଆଇଟିଆଇ ଓ ଅନ୍ୟ ବହୁ ସଂଗଠନ ତ୍ରୀରଙ୍ଗା ପତାକା ଧରି ଜଳେଶ୍ୱରର ହୋଣ୍ଡା ସେ ରୁମ୍‌ଠାରୁ ଜଳେଶ୍ୱର ହସ୍‌ପିଟାଲ, ୬୦ନଂ ଜାତୀୟ ରାଜପଥ ବାଇପାସ୍, ବଡବଜାର ଦେଇ ଯାଇ ମଂଗଳାତଳା ଠାରେ ପହଞ୍ଚିଥିଲେ । ଏହି ପରିଷଦ ପକ୍ଷରୁ ଗତ ୬ ତାରିଖରୁ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଆରମ୍ଭ ହୋଇ ନିକଟସ୍ଥ ସ୍କୁଲ ଗୁଡିକରେ ବକ୍ତୃତା ପ୍ରତିଯୋଗିତା, ଚିତ୍ରାଙ୍କନ, କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ଆଜି ବାଇକ୍ ରାଲିରେ ଜଳେଶ୍ୱର ବାସୀ ଯୋଗ ଦେଇଥିଲେ । ଯୁବମଂଚ ସଂପାଦକ ଗୋପାଳ ଚନ୍ଦ୍ର କଟାଳ ଏହି ବାଇକ୍‌ରାଲି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଦେଶର ମହାମନିଷୀ ମାନଙ୍କର ଫଟୋଚିତ୍ର ସୁସଜ୍ଜିତ ରଥରେ ରଖି ସହର ପରିକ୍ରମା କରାଯାଇଥିଲା । ମଂଗଳାତଳାଠାରେ ଆୟୋଜିତ ସଭାରେ ଡ. ରମାକାନ୍ତ ଭଂଜ ଅଧ୍ୟକ୍ଷତା କରି ସୂଚନା ଓ ଏହାର ଆବଶ୍ୟକତା ସଂପର୍କରେ କହିଥିଲେ । ବରିଷ୍ଠ ଆଇନ୍‌ଜିବୀ ଚିନ୍ମୟ ଦାସ, ସୁଭ୍ରାଂଶୁ ସେଖର ଦାସ ମହାପାତ୍ର, ଡ. ଅଜିତ୍ କୁମାର ମହାନ୍ତି ଓ ଲେଲିନ୍ କୁମାର ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇ ବଳିଦାନ ଦ୍ୱାରା ପ୍ରାପ୍ତ ସ୍ୱାଧିନତା ଓ ତ୍ରିରଙ୍ଗା ସଂପର୍କରେ କହିଥିଲେ । ରାଇବଣିଆ ଅଂଚଳର ଏକ ଯୁବଗୋଷ୍ଠୀ ଶିଖରପୁରସ୍ଥିତ ଚକହରି ଗ୍ରାମରେ ଥିବା ବାକୁ ସ୍ମାରକୀ ନିକେତନ ପରିସରର ଗାନ୍ଧିମୂର୍ତ୍ତିଠାରୁ ତ୍ରିରଙ୍ଗା ଶୋଭାଯାତ୍ରା ଆରିଥିଲେ । ସରପଂଚ ବିଦ୍ୟାଧର ମଲ୍ଲିକ, ଯୁବନେତା ଜୟନ୍ତ ପାଣିଗ୍ରାହୀଙ୍କ ନେତୃତ୍ୱରେ ଶତାଧିକ ଯୁବକ ତ୍ରିରଙ୍ଗା ଧରି ଶୋଭାଯାତ୍ରାରେ ବିଭିନ୍ନ ସ୍ଥାନ ବୁଲିଥିଲେ ।

## ବାଲେଶ୍ୱର ସାମ୍ବାଦିକଙ୍କ ପକ୍ଷରୁ ତ୍ରିରଙ୍ଗା ଯାତ୍ରା



ବାଲେଶ୍ୱର,୧୪/୦୮ (ନି.ପ୍ର): ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅମୃତ ମହୋତ୍ସବ ପାଳନ ଅବସରରେ ୧୩ ତାରିଖରୁ ଦେଶବ୍ୟାପୀ ତ୍ରିରଙ୍ଗା ଯାତ୍ରା ଜାରି ରହିଥିବା ବେଳେ ଏଥିରେ ବାଦ ପଡ଼ି ନାହାନ୍ତି ବାଲେଶ୍ୱରର ଗଣମାଧ୍ୟମ ପ୍ରତିନିଧି। ବାଲେଶ୍ୱରର ବିଭିନ୍ନ ଗଣମାଧ୍ୟମ ସଂସ୍ଥାରେ କାର୍ଯ୍ୟରତ ସାମ୍ବାଦିକଙ୍କ ପକ୍ଷରୁ ରବିବାର ତ୍ରିରଙ୍ଗା ଶୋଭାଯାତ୍ରା କରିଛନ୍ତି। କଚେରୀ ପରିସରସ୍ଥ ସାମ୍ବାଦିକ ପ୍ରକୋଷ୍ଠ ନିକଟରୁ ଏହି ଶୋଭାଯାତ୍ରା ବାହାରିଥିଲା। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦୀପକ କୁମାର ସାହୁ ପତାକା ଦେଖାଇ ତ୍ରିରଙ୍ଗା ଶୋଭାଯାତ୍ରାକୁ ଶୁଭାରମ୍ଭ କରିଥିଲେ। ସାମ୍ବାଦିକଙ୍କ ଏହିଭଳି ସାଧୁ ଉଦ୍ୟମକୁ ଅନ୍ୟମାନଙ୍କ ପାଇଁ ପ୍ରେରଣା ବୋଲି ସେ କହିଥିଲେ। ଏହି ଶୋଭାଯାତ୍ରା କଚେରୀ ହତାରୁ ବାହାରି ଫାଣ୍ଡିଛକ, ଏଫଏମ ଗୋଲେଇ, ଅଇଟିଆଇ ଛକ, ହେମକାପଡା ଛକ, ଗଡ଼ଗଡ଼ିଆ ଛକ, ଆର୍ତ୍ତ କବିରାଜ ରୋଡ଼, ସିନେମା ଛକ, ଚିଡ଼ିଆପୋଲ ଛକ ଦେଇ ପୁଣି ସାମ୍ବାଦିକ ପ୍ରକୋଷ୍ଠ ନିକଟରେ ପହଞ୍ଚିଥିଲା। ବାଇକରେ ତ୍ରିରଙ୍ଗା ପତାକା ଲଗାଇ ଦେଶପ୍ରୀତି ସ୍ଲୋଗାନ ଦେଇ ସାମ୍ବାଦିକମାନେ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଆୟୋଜିତ ଉଦଯାପନ କାର୍ଯ୍ୟକ୍ରମରେ ବରଷ୍ଠ ସାମ୍ବାଦିକ ବିପ୍ଳବ କୁମାର ମହାନ୍ତି, ରଞ୍ଜନ ବାଗ, ଦେବବ୍ରତ ପାଣିଗ୍ରାହୀ, ଉଜ୍ଜ୍ୱଳ ଚନ୍ଦ୍ର କର, ଶିବ ଦାସକୁଣ୍ଡୁ, ଉବାଚକ ମହାନ୍ତି, ବଂଶୀଧର ଜେନା, ରଶ୍ମିରଞ୍ଜନ ଦାସ, ମନୋଜ ରାଉଳ, ମାନସ ରଞ୍ଜନ ବିଶ୍ୱାଳ, ରତିକାନ୍ତ ପାତ୍ର, ହାଇଦର ଖାନ ପ୍ରମୁଖ ଅମୃତ ମହୋତ୍ସବରେ ତ୍ରିରଙ୍ଗା ଯାତ୍ରା ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ମତାମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ, ହିମାଂଶୁ ଦାସ, ସନ୍ଦୀପ୍ତ ଦାସ, ମିତ୍ରଭାନୁ ପଲେଇ, ବିବେକାନନ୍ଦ ଦାସ, ଅଜିତ କୁମାର ମହାନ୍ତି, ବାସୁଦେବ ରାଉଳ, ବିନାୟକ ମହାପାତ୍ର, ଭଗବାନ ଦାସ, ଅର୍ଦ୍ଧେନ୍ଦୁ ମିଶ୍ର, ବ୍ରହ୍ମାନନ୍ଦ ସ୍ୱାଇଁ, ଶେଖ ନଜିମ, ରମଣୀ ରଞ୍ଜନ ଦାସ, ପ୍ରସନ୍ନଜିତ ଆସ, ଗଣେଶ ଚନ୍ଦ୍ର ସେଠୀ, ତପନ କୁମାର ଦାସ, ଦୀପକ ନାୟକ,ଦୀପକ ମଲିକ, ଜ୍ଞାନ ରଞ୍ଜନ ଦାସ, ପ୍ରମୁଖଙ୍କ ସମେତ ବିଭିନ୍ନ ଗଣମାଧ୍ୟମର ବହୁ ପ୍ରତିନିଧି ଏହି ତ୍ରିରଙ୍ଗା ଯାତ୍ରାରେ ଅଂଶଗ୍ରହଣ କରିଥିଲେ।

## ଅମୃତ ମହୋତ୍ସବ : ଉଦଳାରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ



ଉଦଳା, ୧୪/୦୮ (ନି.ପ୍ର): ସ୍ୱାଧିନତାର ୭୫ ବର୍ଷ ପୁର୍ତ୍ତି ଉପଲକ୍ଷେ ସମଗ୍ର ଭାରତବର୍ଷରେ ଚଳିତ ବର୍ଷଟିକୁ ଅମୃତ ମହୋତ୍ସବର ବର୍ଷ ଭାବରେ ପାଳନ କରାଯାଉଅଛି । ଏହି ଅବସରରେ ଭାରତୀୟ ଜନତା ପାର୍ଟି ତରଫରୁ ଏକ ତ୍ରୀରଙ୍ଗା ଶୋଭାଯାତ୍ରା ଚଳିତ ଅଗଷ୍ଟ ୧୨ ତାରିଖ ଶୁକ୍ରବାର ଦିନ ଉଦଳା ସହର ପରିକ୍ରମା କରିଥିଲା । ପାଟୀର ବରିଷ୍ଠ ନେତା କମଳ କୁମାର ଧଳ ଏହାର ନେତୃତ୍ୱ ନେଇଥିବା ବେଳେ ସ୍ଥାନୀୟ ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ ଓ ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ଏଥିରେ ଯୋଗ ଦେଇ ଦେଶକୁ ସ୍ୱାଧିନ କରିବାରେ ଉଭୟ କ୍ରାନ୍ତିକାରୀ ବିପ୍ଳବୀ ଓ ଅହିଂସା ଆନ୍ଦୋଳନକାରୀ ମାନଙ୍କ ଭୂମିକା କିପରି ଥିଲା ବିସ୍ତୃତ ବର୍ଣ୍ଣନା କରିଥିଲେ। ପରେ ସମସ୍ତେ ହାତରେ ତ୍ରୀରଙ୍ଗା ପତାକା ଧରି ବନ୍ଦେ ମାତରଂ, ଭାରତ ମାତାକି ଜୟ ଇତ୍ୟାଦି ଧ୍ୱନି ଦେଇଥିଲେ । ଡ଼ାକବାଜୀ ଯନ୍ତ୍ରରେ 'ରଘୁପତି ରାଘବ ରାଜାରାମ...' ସଙ୍ଗୀତ ପରିବେଷିତ ହେଉଥିଲା । ଏହି ଭଳି ଉଦଳା ସହର ପରିକ୍ରମା କରିଥିଲେ । ଏଥିରେ ନିହାର ରଂଜନ ମୋଦି, ମମତା ସାହୁ, ଧିରେନ୍ଦ୍ର ଖଣ୍ଡେଲୱାଲ, ବିଦ୍ୟୁତି ମହାନ୍ତ, ପ୍ରଭାତ ପରିଡ଼ା, ସୁଜାତା ରାଉତ, ସୀମାନ୍ତ ତ୍ରୀପାଠୀଙ୍କ ସମେତ ଶତାଧିକ ପୁରୁଷ ଓ ମହିଳା ଅଂଶ ଗ୍ରହଣ କରିଥିଲେ । ସେହିପରି ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଏକଲ ଅଭିଯାନ ଓ ବିଶ୍ୱହିନ୍ଦୁ ପରିଷଦ ତରଫରୁ ମଧ ଚଳିତ ଅଗଷ୍ଟ ୧୪ ତାରିଖ ରବିବାର ଦିନ ହାତରେ ତ୍ରୀରଙ୍ଗା ପତାକା ଧରି ଏକ ସାଇକେଲ ଶୋଭାଯାତ୍ରା ଉଦଳା ସହର ପରିକ୍ରମା କରିଥିଲା । ସମସ୍ତେ ଭାରତ ମାତାକି ଜୟ, ବନ୍ଦେ ମାତରଂ ଧ୍ୱନି ଦେଇଥିଲେ । ଏହାପରେ ସମସ୍ତେ ଶିଶୁ ବିଦ୍ୟାମନ୍ଦିର ପରିସରରେ ଏକତ୍ରୀତ ହୋଇ ଅଖଣ୍ଡ ଭାରତ ମାନଚିତ୍ରରେ ପୁଷ୍ପ, ଧୂପ, ଦୀପ ଅର୍ପଣ ପୂର୍ବକ ବେଦମନ୍ତ୍ର ଉଚ୍ଚାରଣ କରି ପୂଜାର୍ଚ୍ଚନା କରିଥିଲେ । ଆଜକୁ ୭୫ ବର୍ଷ ପୂର୍ବେ ଅଗଷ୍ଟ ୧୪ ତାରିଖ ରାତିରେ ଭାରତ ମାତା ଖଣ୍ଡିତ ହୋଇ ପାକିସ୍ଥାନ ଦେଶ ଜନ୍ମ ଗ୍ରହଣ କରିଥିଲା ଏବଂ ସେ ଦିନର ଦୁଃଖଦ ଓ ବିଭତ୍ସ ଦୃଶ୍ୟ କିପରି ଥିଲା ମନେ ପକାଇଥିଲେ । ତେବେ ଅଖଣ୍ଡ ଭାରତକୁ ମନେ ପକାଇବା ପାଇଁ ପ୍ରତିବର୍ଷ ଅଗଷ୍ଟ ୧୪ ତାରିଖଟିକୁ କିପରି ଅଖଣ୍ଡ ଭାରତ ଦିବସ ରୂପେ ପାଳନ କରାଯାଉଛି ବିସ୍ତୃତ ବର୍ଣ୍ଣନା କରିଥିଲେ । ପୁଣି ଥରେ ପାକିସ୍ଥାନ ଭାରତରେ ମିଶିଯିବା ସହିତ ଭାରତ ଅଖଣ୍ଡ ହେବ ବୋଲି ସମସ୍ତେ ଆଶା ପୋଷଣ କରିଥିଲେ ।

## ବିଏମସିର ପୂର୍ବତନ ମେୟର ଜାମିନ୍‌ରେ ଜେଲ୍‌ରୁ ମୁକୁଳିଲେ

ଗଞ୍ଜାମ, ୧୪/୦୮ (ନି.ପ୍ର): ବ୍ରହ୍ମପୁର ମହାନଗର ନିଗମ (ବିଏମସି)ର ପୂର୍ବତନ ମେୟର ପିଂଟୁ ଦାସ ଚାରି ବର୍ଷ ପରେ ଜେଲ୍ ରୁ ଜାମିନରେ ମୁକୁଳିଛନ୍ତି । ସେ ହାଇକୋର୍ଟରେ ଜାମିନ ପାଇ ଗତକାଲି ରାତିରେ ବ୍ରହ୍ମପୁର ଜେଲ୍ ରୁ ମୁକୁଳିଛନ୍ତି। ଜମି ହଡ଼ପ ମାମଲାରେ ସେ ବିଚରାଧୀନ ବନ୍ଦୀ ଭାବେ ଜେଲରେ ଥିଲେ। ସେ ଜେଲ୍ ରୁ ବାହାରିବା ପରେ ତାଙ୍କର ଶହ ଶହ ସମର୍ଥକ ତାଙ୍କୁ ପୁଷ୍ପଗୁଚ୍ଛ ଓ ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରିଥିଲେ ।

## ସୁବର୍ଣ୍ଣରେଖାରେ ପ୍ରଥମ ବନ୍ୟା : ଶହ ଶହ ହେକ୍ଟର ଚାଷ ଜମି ଜଳମଗ୍ନ



ବାଲିଆପାଳ, ୧୪/୦୮ (ନି.ପ୍ର): ଉପରମୁଣ୍ଡାରେ ଲଘୁଚାପ ଜନିତ ଲଗାଣ ବର୍ଷା ଫଳରେ ଶନିବାର ମଧ ରାତି ଠାରୁ ସୁବର୍ଣ୍ଣରେଖା ନଦୀରେ ପ୍ରଥମ ବନ୍ୟା ଜଳ ପ୍ରବାହିତ ହୋଇଛି । ସନ୍ଧ୍ୟା ୭ଟା ୩୦ ସୁଦ୍ଧା ରାଜଘାଟଠାରେ ଜଳସ୍ତର ୭.୨୧ ରହିଥିବା ସୂଚନା ରହିଛି । ସୁବର୍ଣ୍ଣରେଖା ବିପଦ ସଙ୍କେତ ୧୦.୩୬ ତଳେ ପ୍ରବାହିତ ହେଉଛି । ତେବେ ପାଣି ପାଗ ବିଭାଗ ସୂଚନା ଅନୁଯାୟୀ ଆସନ୍ତା ୨ ଦିନ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବା ବେଳେ ତଳିଆ ଅଂଚଳର ଲୋକମାନେ ଭୟଭୀତ ଅବସ୍ଥାରେ ଅଛନ୍ତି । ବାଲିଆପାଳ ବ୍ଲକର ନିଖିରା, ଘଣ୍ଟୁଆ, ଅସ୍ତି , ବାଲିଆପାଳ, ବିଷ୍ଣୁପୁର, ଜାମକୁଣ୍ଡା, ମଧୁପୁରା ପ୍ରଭୃତି ୭ଟି ପଂଚାୟତର ବହୁ ଲୋକ ସୁବର୍ଣ୍ଣରେଖା ବନ୍ୟାରେ ପ୍ରଭାବିତ ହୋଇଥାନ୍ତି । ତେବେ ବର୍ତମାନ ସୁଦ୍ଧା ସୁବର୍ଣ୍ଣରେଖା ନଦୀର ବନ୍ୟା ସ୍ଥିତି ସେଭଳି ବିପଦ ସୃଷ୍ଟି କରିନଥିଲେ ମଧ ବିଷ୍ଣୁପୁର, ଜାମକୁଣ୍ଡା, ଅସ୍ତି, ବାଲିଆପାଳ ପ୍ରଭୃତି ପଂଚାୟତର ଶହ ଶହ ହେକ୍ଟର ଚାଷ ଜମି ଜଳମଗ୍ନ ହୋଇସାରିଛି । ପ୍ରଶାସନ ବନ୍ୟା ଉପରେ ତୀକ୍ଷ୍ଣ ନଜର ରଖିଥିଲା ବେଳେ ତହସିଲଦାର ଦୀପକ କୁମାର ଦାସ ଆଜି ବନ୍ୟା ଅଂଚଳ ପରିଦର୍ଶନ କରିଛନ୍ତି ।

## ଶ୍ରୀମନ୍ଦିରର ନାଟମନ୍ଦିର ଉପରେ ଚଢ଼ିଗଲେ ଯୁବକ

ପୁରୀ, ୧୪/୦୮ (ନି.ପ୍ର): ଶ୍ରୀମନ୍ଦିରର ନାଟମନ୍ଦିର ଉପରେ ଚତୁର୍ଥ ଥର ପାଇଁ ଜଣେ ଯୁବକ ଚଢ଼ିଯିବା ଘଟଣା ଦେଖିବାକୁ ମିଳିଥିଲା । ଯୁବକ ଜଣଙ୍କ ଘଂଟିଦ୍ୱାର ଦେଇ ନାଟମନ୍ଦିର ଉପରେ ଚଢ଼ି ଯାଇଥିଲେ। ଏହାଦେଖି ଚୂନାରା ସେବକ ଯୁବକଙ୍କୁ ଉଦ୍ଧାର କରି ଜେଟିପିଙ୍କୁ ହସ୍ତାନ୍ତର କରିଥିଲେ। ଜେଟିପି ଯୁବକଙ୍କୁ ଧରି ସିଂହଦ୍ୱାର ଥାନାରେ ପହଂଚାଇଥିଲେ। ଥାନାରେ ଯୁବକଙ୍କୁ ଏ ସଂପର୍କରେ ପଚାରା ଉଚାରା କରିବା ପରେ ଯୁବକ ଜଣଙ୍କ ଗଞ୍ଜାମ ଜିଲ୍ଲାର ୩୨ ବର୍ଷିୟ ଜିତୁ ଗୌଡ଼ ବୋଲି ଜଣାପଡ଼ିଛି। ଥାନାରେ ସିଟି ଡ଼ିଏସପି ପହଂଚି ଅଧିକ ପଚାରାଉଚାର କରୁଛନ୍ତି । ଯୁବକର କିଛି ମାନସିକ ବିକୃତି ଥିବା ଆଭାସ ମିଳିଛି ।


## ସୁଲୋଚନା ଦାସଙ୍କ ପରିବାରକୁ ଭେଟିଲେ ସମାଜସେବୀ ଶତ୍ରୁଘ୍ନ ମଲ୍ଲିକ



ବାଲେଶ୍ୱର, ୧୪/୦୮ (ନି.ପ୍ର): ବରୁଣସିଂ ପଂଚାୟତର ସାହାର୍ଦ୍ଧା ଗ୍ରାମର ୪୪ବର୍ଷ ବୟସ୍କ ସୁଲୋଚନା ଦାସଙ୍କର ଗତ ୧୦ ତାରିଖରେ ହୃଦ୍‌ଘାତରେ ଦେହାନ୍ତ ହୋଇଯାଇଛି । ଖବର ପାଇ ବାଲେଶ୍ୱର ଜିଲ୍ଲା ବିଜେଡି ଏସସିସେଲର ସଭାପତି ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, ପଂଚାୟତ ସଭାପତି ବିରେନ୍ଦ୍ର ରାଉତ, ଛାତ୍ର ବିଜେଡି ସଭାପତି ଜିନାସିସ୍ ସୋ', ଶ୍ୟାମଘନ ଦାସ, ସୁରେନ୍ଦ୍ର ଦାସ ପ୍ରମୁଖ ବିଜେଡି କର୍ମୀମାନଙ୍କ ସହ ଆଜି ସ୍ୱର୍ଗୀୟା ଦାସଙ୍କ ଘରକୁ ଯାଇ ତାଙ୍କ ଶୋକସନ୍ତପ୍ତ କରିବାରକୁ ଭେଟିବା ସହ ସମବେଦନା ଜଣାଇଥିଲେ ।

## ବିଜେପି ଭଦ୍ରକାଳୀ ମଣ୍ଡଳ ପକ୍ଷରୁ ୧୫୦ ମିଟର ଲମ୍ବ ତ୍ରିରଙ୍ଗା ଶୋଭାଯାତ୍ରା

ଭଦ୍ରକ,୧୪/୦୮ (ନି.ପ୍ର): ଭଦ୍ରକ ବିଧାନସଭା ଅନ୍ତର୍ଗତ ବିଜେପି ଭଦ୍ରକାଳୀ ମଣ୍ଡଳ ପକ୍ଷରୁ ଆଜି ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ସ୍ୱାଧୀନତାର ଅମୃତ ମହୋତ୍ସବ ପରିପ୍ରେକ୍ଷୀରେ ବିଜେପି ଜିଲ୍ଲା ସଭାପତି ହେମନ୍ତ ପାଢୀଙ୍କ ନେତୃତ୍ୱରେ ବ୍ରହ୍ମପୁର ପଞ୍ଚାୟତ ସରପଞ୍ଚ ନରହରି ସାହୁ, ବେନ୍ତାଳ ପଞ୍ଚାୟତର ସମିତି ସଭ୍ୟଙ୍କ ସହିତ ବହୁ ସରପଞ୍ଚ, ସମିତି ସଭ୍ୟ ବିଜେପି କାର୍ଯ୍ୟକର୍ତ୍ତା ୧୫୦ ମିଟର ଲମ୍ବର ତ୍ରିରଙ୍ଗା ଧରି ଶୋଭାଯାତ୍ରା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଶିଷ ମିଶ୍ର, ଗଦାଧର ଖାମୁରାଇ, ସାନୁ ମହାପାତ୍ର, ଅଜୟ ପଲାଇ, ଉପେନ୍ଦ୍ର ପଲାଇ, ସୁଜିତ ଗିରି, ଅନନ୍ତ ବେହେରା, ପଦ୍ମଲୋଚନ ଦାସ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।




## କେନ୍ଦ୍ର ସାହିତ୍ୟ ଅକାଦେମି ଓ ଯୁଗଶ୍ରୀ ଯୁଗନାରୀର ମିଳିତ ଆନୁକୂଲ୍ୟରେ ଓଡ଼ିଆ ଲେଖିକା ସମ୍ମେଳନ ଅନୁଷ୍ଠିତ



ବାଲେଶ୍ୱର, ୧୪/୦୮ (ନି.ପ୍ର): 'କେନ୍ଦ୍ର ସାହିତ୍ୟ ଅକାଦେମି' ଓ 'ଯୁଗଶ୍ରୀ ଯୁଗନାରୀ' ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ହୋଟେଲ ଫାନ୍‌ଟାସିର ସମ୍ମିଳନୀ କକ୍ଷରେ ଓଡ଼ିଆ ଲେଖିକା ସମ୍ମେଳନ 'ଲେଖିକାଙ୍କ ସାହିତ୍ୟରେ ନାରୀ ମନସ୍ତତ୍ୱ' ଶୀର୍ଷକ ଆଲୋଚନାଚକ୍ର ସାରଳା ପୁରସ୍କାର ବିଜେତା ବନଜ ଦେବୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ବନଜ ଦେବୀ ମାନବିକ ମୂଲ୍ୟବୋଧର ଅଧୋଗତି ସଂପର୍କରେ ନାରୀ ଲେଖିକାମାନେ ଅଧିକ ସଚେତନ ହୁଅନ୍ତୁ ବୋଲି ପରାମର୍ଶ ଦେଇଥିଲେ । କେନ୍ଦ୍ରସାହିତ୍ୟ ଅକାଦେମିର ଆଂଚଳିକ ସଚିବ ଦେବେନ୍ଦ୍ର କୁମାର ଦେବେଶ ସ୍ୱାଗତ ଭାଷଣ ଦେଇଥିବା ବେଳେ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ଡ. ବିଜୟାନନ୍ଦ ସିଂହ ସମ୍ମେଳନରେ ସଭାପତିତ୍ୱ କରି ୧୮୯୭ ମସିହାରେ ଫକୀରମୋହନଙ୍କ 'ରେବତୀ' ଗଳ୍ପ ନାରୀ ମନସ୍ତତ୍ୱର ପ୍ରଥମ ଉଦାହରଣ ବୋଲି ପ୍ରକାଶ କରିଥିଲେ । ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ସଦସ୍ୟ କବି ବିମଳ ଜେନା ସମ୍ମାନିତ ଅତିଥି ଭାବେ ନାରୀ ମନସ୍ତତ୍ୱ ଉପରେ ଆଲୋକପାତ କରିଥିଲେ । ମୂଳ ଭାଷଣ ପ୍ରଦାନ କରି ବିଜୟିନୀ ସିଂହଦେଓ ସରଳା ଦେବୀ, ଅର୍ଚ୍ଚନା ନାୟକ, କବିତା ବାରିକ, ବୀଣାପାଣି ମହାନ୍ତି, ପ୍ରତିଭା ରାୟ ଓ ମନୋରମା ବିଶ୍ୱାଳ ମହାପାତ୍ର ଆଦି କବୀଙ୍କ ଲେଖାରେ ନାରୀ ମନସ୍ତତ୍ୱର ଚିରନ୍ତନ ରୂପରେ ରୂପାୟିତ ବୋଲି ଉଦାହରଣ ଦେଇଥିଲେ । ଏହି ଅବସରରେ 'ଯୁଗଶ୍ରୀ ଯୁଗନାରୀ'ର ଅଗଷ୍ଟ - ୨୦୨୨ ସଂଖ୍ୟାକୁ ଅତିଥିମାନେ ଉନ୍ମୋଚନ କରିଥିଲେ ଓ ସହ-ସଂପାଦିକା ଡ. ପ୍ରଭାବତୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସମ୍ମେଳନରେ ଚାରୋଟି ଅଧିବେଶନର କାର୍ଯ୍ୟକ୍ରମରେ ପ୍ରଥମ ଅଧିବେଶନରେ ଡ. ଶକୁନ୍ତଳା ବଳିୟାର ସିଂହ ସଭାପତିତ୍ୱ କରିଥିଲା ବେଳେ ଡ. ବିଷ୍ଣୁପ୍ରିୟା ଓତା, ଝରଣା ପଟ୍ଟନାୟକ, ଡ. ପ୍ରଭାତ ନଳିନୀ ମହାପାତ୍ର ପ୍ରବନ୍ଧ ପାଠ କରିଥିଲେ ଓ ଡ. ମୀନାକ୍ଷୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଦ୍ୱିତୀୟ କବିତା ପାଠ ଅଧିବେଶନରେ ପ୍ରଭା ପଟ୍ଟନାୟକ ସଭାପତିତ୍ୱ କରିଥିଲା ବେଳେ ସୈରିନ୍ଧ୍ରୀ ସାହୁ, ସୁଚିତ୍ରା ପାଣିଗ୍ରାହୀ ଓ ଶୁଭଶ୍ରୀ ଲେଙ୍କା କବିତା ପାଠ କରିଥିଲେ ଓ ଗୀତାଞ୍ଜଳି ସିଂହ ଧନ୍ୟବାଦ ଅର୍ପଣ କରିଥିଲେ । ତୃତୀୟ ଅଧିବେଶନରେ କ୍ଷୁଦ୍ରଗଳ୍ପ ପାଠ ସଭାରେ ପୁଷ୍ପାଞ୍ଜଳି ନାୟକ ସଭାପତିତ୍ୱ କରିଥିବା ବେଳେ ବୈଜୟନ୍ତୀ ମିଶ୍ର, ଜୟନ୍ତୀ ରଥ ଓ ସିନ୍ଧୁ ସେନ ଗଳ୍ପ ପାଠ କରିଥିଲେ ଓ ସ୍ମୃତି ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷ ଚତୁର୍ଥ ଅଧିବେଶନରେ କବୀ ଦୀପ୍ତି ଦାସ ସଭାପତିତ୍ୱ କରିଥିଲା ବେଳେ ଅଞ୍ଜଳି ପଣ୍ଡା, ଚିତ୍ରାରାଣୀ ପାତ୍ର, ମନସ୍ୱିନୀ ଦେବୀ, ପ୍ରୀତିଲେଖା ଦାସ ସ୍ୱରଚିତ କବିତା ପାଠ କରିଥିଲେ । ଶେଷରେ କମଳାକାନ୍ତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ସଭା ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ସହିତ ଡ. କ୍ଷିତୀଶ୍ୱର ଦାଶ ବେଦପାଠ କରିଥିଲେ । ଅମୃତାଂଶୁ ପଟ୍ଟନାୟକ ଓ ସାଥୀ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ । ଏଥିରେ ଶତାଧିକ ସାହିତ୍ୟିକ/ସାହିତ୍ୟିକା ଜିଲ୍ଲା ଓ ଜିଲ୍ଲା ବାହାରୁ ଯୋଗଦେଇ ସମ୍ମେଳନକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo